

ସୋନାକ୍ଷୀଙ୍କ
ରୌଦ୍ର ରୂପ

▶ପୃଷ୍ଠା 9 ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-50 ◆WEDNESDAY ◆13 AUGUST 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୫୦ ◆ବୁଧବାର ◆୧୩ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ‘ଆଧାର’ ନାଗରିକତ୍ୱର ପ୍ରମାଣ ନୁହେଁ : ସୁପ୍ରିମକୋର୍ଟ

## ଅଦାଲତ ତର୍ଜମା କରିବେ ନିର୍ବାଚନ କମିସନଙ୍କ ନାଗରିକତ୍ୱ ନିର୍ଦ୍ଧାରଣ କ୍ଷମତା



■ **ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ମାମଲାର ଶୁଣାଣି ଆଜି ସୁପ୍ରିମକୋର୍ଟରେ ଆରମ୍ଭ ହୋଇଛି। ଶୁଣାଣି ବେଳେ ଉଭୟ ଆବେଦନକାରୀ ଏବଂ ନିର୍ବାଚନ କମିସନ ସେମାନଙ୍କର ଯୁକ୍ତି ଉପସ୍ଥାପନ କରୁଥିବା ବେଳେ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ଆଧାର କାର୍ଡକୁ ନାଗରିକତ୍ୱର ପ୍ରମାଣ ରୂପେ ଗ୍ରହଣ କରାଯାଇପାରିବ ନାହିଁ। ତେବେ ନାଗରିକିତ୍ୱ ନିର୍ଦ୍ଧାରଣ ପ୍ରସଙ୍ଗରେ ନିର୍ବାଚନ କମିସନର କ୍ଷମତା ରହିଛି କି ନାହିଁ ତାର ତର୍ଜମା କରାଯିବ। କୋର୍ଟ କହିଛନ୍ତି ଯେ ଏସ୍‌ଆଇଆରରେ କୌଣସି ପ୍ରକାର ବେଆଇନ କାମ ହୋଇଥିଲେ ଏହାକୁ ରଦ୍ଦ କରି ଦିଆଯିବ।

ଆଜି ମାମଲାର ଶୁଣାଣି ବେଳେ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଭୋଟର ତାଲିକାରେ ନାଗରିକ ଓ ଅଣନାଗରିକମାନଙ୍କ ନାମ ସାମିଲ କରାଯିବା ଓ ବାଦ୍ ଦିଆଯିବାର କ୍ଷମତା କମିସନ ପାଖରେ ରହିଛି। ଆଧାର କାର୍ଡକୁ ନାଗରିକତ୍ୱର ଏକମାତ୍ର ପ୍ରମାଣ ରୂପେ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି କମିସନଙ୍କ ଯୁକ୍ତି ବି ଠିକ୍। ଆଧାର ଆଇନର ଧାରା ୯ ଅନୁଯାୟୀ ଏହାର ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି। ତେବେ ଏସ୍‌ଆଇଆର୍ ବେଳେ କମିସନ ଯେଉଁସବୁ ପ୍ରମାଣପତ୍ର ଲୋଡ଼ିଛନ୍ତି ତାହା ଅଧିକାଂଶ ବିହାର ବାସିନ୍ଦାଙ୍କ ପାଖରେ ନାହିଁ ବୋଲି କୁହାଯାଇପାରିବନାହିଁ। ମାମଲାର ଶୁଣାଣି କରୁଥିବା ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚିଙ୍କ ▶ପୃଷ୍ଠା-୭

## ଏସ୍‌ଆଇଆର୍ ପ୍ରସଙ୍ଗ

# ଚାଲିପାରୁନି ସଂସଦ


### ବିରୋଧୀଙ୍କ ହଙ୍ଗାମା, ଗୃହରେ ଚିରିଲେ ଏସ୍‌ଆଇଆର୍ କାଗଜ



■ **ନୂଆଦିଲ୍ଲୀ, ୧୨।୮:** ବିହାରରେ ଚାଲିଥିବା ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବା ଏସ୍‌ଆଇଆରକୁ ନେଇ ଆଜି ୧୭ ଦିନ ଧରି ସଂସଦ ଅଚଳ ରହିଛି। ଏହି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବିରୋଧୀ ଦଳ ଜିଦ ଧରିଥିବା ବେଳେ ସେମାନଙ୍କୁ ଏଥିପାଇଁ ଅନୁମତି ମିଳୁନାହିଁ। ଫଳରେ ସଂସଦର ଚଳିତ ଅଧିବେଶନ ଦୁଇ ଦିନ ଛାଡ଼ି ଅନ୍ୟସବୁ ଦିନ ଅଚଳ ରହିଛି। ବିରୋଧୀ ସଭ୍ୟମାନେ ଆଜି ଉଭୟ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଗୃହମଧ୍ୟକୁ ଯାଇ ପାଟିତୁଣ୍ଡ କରିଛନ୍ତି। ସ୍ଲୋଗାନବାଜି କରିଛନ୍ତି। ପରିସ୍ଥିତି ଅଶାନ୍ତ ରହିବାରୁ ଗୋଟିଏ ଦୁଇଟି ବିଲ୍ ପାସ ହେବାପରେ ସଂସଦକୁ ମୁଲତବୀ କରିଦିଆଯାଇଛି।

ଆଜି ଲୋକସଭା ବୈଠକ ଆରମ୍ଭ ହେବାମାତ୍ରେ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳ ବିହାର ଭୋଟର ତାଲିକା ଉପରେ ଆଲୋଚନା ପାଇଁ ଦାବି କରିଥିଲେ। ବାଚସ୍ପତି ଅନୁମତି ନଦେବାରୁ ସେମାନେ ଗୃହର ମଧ୍ୟଭାଗକୁ ଯାଇ ହଟ୍ଟଗୋଳ କରିଥିଲେ। କଳା ପୋଷାକ ପିନ୍ଧିବା ସହିତ ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ। ସେମାନେ ଏସ୍‌ଆଇଆର୍ କାଗଜକୁ ଗୃହରେ ଚିରିବା ସହିତ ଏହାର ଟୁକୁଡ଼ାଗୁଡ଼ିକୁ ବାଚସ୍ପତିଙ୍କ ଆସନ ଆଡ଼କୁ ଫୋପାଡ଼ିଥିଲେ। ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ମୂଲତବୀ କରାଯାଇଥିଲା। ବୈଠକ ଅପରାହ୍ନ ୪ଟା ୩୦ ▶ପୃଷ୍ଠା-୭

### ବରଗଡ଼ ଛାତ୍ରୀ ଆତ୍ମଦାହ ଘଟଣାରେ ନବୀନଙ୍କ କ୍ଷୋଭ



# ବିଜେପି ସରକାରଙ୍କ ସ୍ଥାଣୁତା ଯୋଗୁ ରାଜ୍ୟରେ ଝିଅ ଅସୁରକ୍ଷିତ

■ **ଭୁବନେଶ୍ୱର,୧୨।୮ (ସମିସ):** ରାଜ୍ୟରେ ମହିଳାଙ୍କ ସୁରକ୍ଷା ବିପନ୍ନ ହୋଇ ପଡ଼ିଥିବା ବେଳେ ଜଣକ ପରେ ଜଣେ ନାବାଳିକା ଓ ଛାତ୍ରୀଙ୍କର ଜୀବନ ନିଆଁର ଆଁରେ ଚାଲିଯାଉଛି। ଏପରି ସ୍ପର୍ଶକାତର ଘଟଣା ରୋକିବା ଦିଗରେ ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇଛନ୍ତି। ଏହାକୁ ନେଇ ଜନ ଅସନ୍ତୋଷ ତୀବ୍ର ହେଲାଣି। ଏହିକ୍ରମରେ ସୋମବାର ବରଗଡ଼ ଗାଇସିଲଟ ବ୍ଲକର ଫିରିଙ୍ଗିମାଳ ଗାଁରେ ଜଣେ ନାବାଳିକା ପେଟ୍ରୋଲ ଢ଼ାଳି ହୋଇ ନିଜକୁ ଜାଳି ଦେବା ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏପରି ହୃଦୟ ବିଦାରକ ଧାରାକୁ ରୋକିବା ପାଇଁ ବିଜେପି ସରକାର ଆଉ କେତେ ସମୟ ଅପେକ୍ଷା କରିବ? ବିଜେପି ସରକାରର ଏପରି ଅସ୍ୱାଭାବିକ ନୀରବତା ଏବଂ ସ୍ଥାଣୁତା ଓଡ଼ିଶାର ଝିଅମାନଙ୍କୁ ଆହୁରି ଅସୁରକ୍ଷିତ କରିଦେଉଛି ବୋଲି କ୍ଷୋଭର ସହ କହିଛନ୍ତି ନବୀନ। ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ନବୀନ କହିଛନ୍ତି ଯେ ବରଗଡ଼ର ଗାଇସିଲଟରେ ଜଣେ ▶ପୃଷ୍ଠା-୭

> **ବ୍ୟବସ୍ଥାର ବିଫଳତା ପାଇଁ ବାରମ୍ବାର ଘଟୁଛି ଏପରି ଘଟଣା**
>
> **ଏପରି ଧାରାକୁ ରୋକିବା ପାଇଁ ସରକାର କେତେ ସମୟ ନେବେ**

## କେନ୍ଦ୍ରାପଡ଼ାରେ ଲଜ୍ଜା !

# ଦଶମ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ **ରାଜନଗର, ୧୨।୮ (ସମିସ):** ରାଜନଗର ଥାନା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଭଳି ଏକ ଅମାନବୀୟ ଘଟଣା ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଠାକୁର ମୂର୍ତ୍ତି କିଣିବାକୁ ନେବା ବାହାନାରେ ଛାତ୍ରୀଙ୍କ ପିଇସା ଓ ଅନ୍ୟ ୪ଜଣ ଯୁବକ ଏକ ନିଛାଟିଆ ସ୍ଥାନରେ ତାଙ୍କୁ ଦୁଷ୍କର୍ମ କରିଛନ୍ତି।

> **ଅଭିଯୁକ୍ତ ପିଇସାଙ୍କୁ କୋର୍ଟ ଚାଲାଣ; ୪ ଯୁବକ ଅଟକ**

ରାଜନଗର ପୁଲିସ୍ ଏହି ଘଟଣାରେ ୫ଜଣଙ୍କୁ ଉଠାଇ ଆଣିଛି। ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତ ପିଇସା ଚିତ୍ତରଞ୍ଜନ ମଲ୍ଲିକ ଓରଫ ହାପିଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ପଚରାଉଚରା କରାଯାଉଛି ବୋଲି ପୁଲିସ କହିଛି। ଏହି ଘଟଣାରେ ପୁଲିସ୍ ବିଏନ୍‌ଏସ୍ ଦଫା ୭୦(୨) (ଗଣଦୁଷ୍କର୍ମ), ୧୧୫(୨) (ମାରପିଟ୍), ୩୫୧(୩) (ଧମକଚମକ), ୨୦୧୨, ୨୦୧୯ ପୋକ୍ସୋ ଆକ୍ଟ ୬(୧)ରେ ନମ୍ବର ୨୬୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ଗତ ଶନିବାର (ରାକ୍ଷୀ ପୂର୍ଣ୍ଣିମା) ଅପରାହ୍ଣ ୫ଟାରେ ନିଜର ପିଇସା ସହ ପୀଡ଼ିତା ଛାତ୍ରୀଜଣଙ୍କ ଖୁଦୁରୁକୁଣୀ ଓଷା ନିମନ୍ତେ ମୂର୍ତ୍ତି ଆଣିବାକୁ ବାହାରିଥିଲେ। କିନ୍ତୁ ପିଇସା ଏକ ମଶାଣି ଆଡ଼କୁ ନେବାରୁ ନାବାଳିକାର ସନ୍ଦେହ ହୋଇଥିଲା। ଏ ସମ୍ପର୍କରେ ▶ପୃଷ୍ଠା-୭

### ସରକାରୀବାବୁଙ୍କ ଉପରେ ଲାଗିବ ଲଗାମ୍

# ଏଣିକି ସବୁ ଅଫିସରେ ଏଆଇ ଭିତ୍ତିକ ଉପସ୍ଥାନ

■ **ଭୁବନେଶ୍ୱର, ୧୨।୮ (ସମିସ):** ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ବିଳମ୍ବରେ ଆସୁଥିବା ଘଟଣାକୁ ଗୁରୁତର ଭାବେ ଗ୍ରହଣ କରିଛନ୍ତି ମୁଖ୍ୟ ଶାସନ ସଚିବ। ମଙ୍ଗଳବାର ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏନେଇ ବ୍ୟାପକ ଚର୍ଚ୍ଚା ଆଲୋଚନା ହୋଇଛି। କର୍ମଚାରୀମାନେ ଠିକ୍ ସମୟରେ ଅଫିସରେ ପହଞ୍ଚିବା ପାଇଁ ପୂର୍ବରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ନିଶ୍ଚିତ କରିବା ପାଇଁ ସରକାର କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଭିତ୍ତିକ ଉପସ୍ଥାନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଲୋକସେବା ଭବନ ଓ ଖାରବେଳ ଭବନରୁ ଏହାକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରାଯିବ ଓ ପରବର୍ତ୍ତୀ ସମୟରେ ସାରା ରାଜ୍ୟରେ ସବୁ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ▶ପୃଷ୍ଠା-୭

> **ଠିକ୍ ଦାୟିତ୍ୱ ନ ତୁଲାଇଲେ ଅବଧି ପୂର୍ବରୁ ଅବସର**




# ବିଶ୍ୱ ଅଙ୍ଗଦାନ ଦିବସ



କଥାରେ ଅଛି ଅଙ୍ଗଦାନ, ମହତ ଦାନ। କାହାର ଆଖି ଆଉ କାହାକୁ ଦେଖାଇପାରେ ଦୁନିଆ। କାହାର ଅଙ୍ଗ ଆଉ କାହାର ଜୀବନ ବଞ୍ଚାଇପାରେ। ଅଙ୍ଗଦାନ ସମ୍ପର୍କରେ ସଚେତନା ସୃଷ୍ଟି କରିବା ଏବଂ ଅଙ୍ଗଦାନ କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରି ଅନ୍ୟର ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖକୁ 'ବିଶ୍ୱ ଅଙ୍ଗଦାନ ଦିବସ' ଭାବେ ପାଳନ କରାଯାଉଛି। ରକ୍ତ ଦାନ ପରେ ଅଙ୍ଗ ଦାନ ସବୁଠାରୁ ବଡ଼ ଦାନ ଭାବରେ ବିବେଚନା କରାଯାଏ। ତେବେ ଅଙ୍ଗଦାନକୁ ନେଇ ଲୋକଙ୍କ ମଧ୍ୟରେ ଥିବା ଭ୍ରାନ୍ତଧାରଣାକୁ ଦୂର କରିବା ହେଉଛି ଏହି ଦିବସର ଲକ୍ଷ୍ୟ। ଦାନ କରାଯାଇଥିବା ଅଙ୍ଗ ଜଣକ ଜୀବନ ବଞ୍ଚାଇଥାଏ। ଯଦିଓ ୧୮ ରୁ ୬୫ ବର୍ଷ ବୟସ୍କ ସ୍ୱଇଚ୍ଛାରେ ଅଙ୍ଗଦାନ କରିପାରିବେ, ତଥାପି ଅଙ୍ଗଦାନ କରୁଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ସୁସ୍ଥ ଥିବା ଆବଶ୍ୟକ। ସେହିପରି କ୍ୟାନସର୍, ଏଚ୍‌ଆଇଭି ଏବଂ ହୃଦ୍‌ରୋଗରେ ପୀଡ଼ିତ ଲୋକ ଅଙ୍ଗଦାନ କରିପାରିବେ ନାହିଁ। ଅଙ୍ଗଦାନ ଦୁଇ ପ୍ରକାରର। ଗୋଟିଏ ଅଙ୍ଗଦାନ ଏବଂ ଦ୍ୱିତୀୟରେ ଟିସୁ ଦାନ। ତେବେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ହିଁ ଅଙ୍ଗଦାନ କରାଯାଇଥାଏ। କିନ୍ତୁ କିଛି ଅଙ୍ଗଦାନ ଏବଂ ଟିସୁଦାନ ଜୀବିତ ରହି ମଧ୍ୟ କରାଯାଇଥାଏ। ଯକୃତ, ଅଗ୍ନାଶୟ, ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍ ଭଳି ଆଦି ଅଙ୍ଗ ଦାନ କରାଯାଇଥାଏ। ସେହିଭଳି ଆଖି, ହଡ଼ା ହାଡ଼, ମସ୍ତିଷ୍କ, କାନ ପରଦା, କାନ ହାଡ଼ ଆଦିର ଟିସୁ ଦାନ କରାଯାଏ। ପ୍ରଥମେ ଏହି ଦିବସକୁ ୨୦୦୫ ମସିହାରେ ପାଳନ କରାଯାଇଥିଲା। ସେହିଭଳି ପ୍ରଥମଥର ପାଇଁ ୧୯୫୪ ମସିହାରେ ଆମେରିକାର ସଫଳ ଅଙ୍ଗ ପ୍ରତ୍ୟାରୋପଣ ହୋଇଥିଲା। ରୋନାଲ୍ଡ ଲି ହେରିକ୍ ନାମକ ଜଣେ ବ୍ୟକ୍ତି ତାଙ୍କର ଯାଆଁଳା ଭାଇକୁ ତାଙ୍କ ବୃକ୍କ ଦାନ କରିଥିଲେ। ଏହି କାର୍ଯ୍ୟକୁ ସଫଳ କରିଥିବା ଫିଜିଓଲୋଜି ଏବଂ ମେଡିସିନ ବିଭାଗର ଡାକ୍ତର ଜୋସେଫ ମୁରେଙ୍କୁ ୧୯୯୦ ମସିହାରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା।

# ମା'ର ଦାୟିତ୍ୱ ତୁଲାଉଛି ଏଆଇ

ଦିନକୁ ଦିନ ଟେକ୍ନୋଲୋଜିର ଦ୍ରୁତ ବିକାଶ ମଣିଷ ଜୀବନକୁ ସହଜ କରୁଛି। ଏହି କ୍ରମରେ ଜଣେ ମହିଳା ନିଜ ପିଲା ପାଇଁ ଏଆଇକୁ ଦ୍ୱିତୀୟ ମା' ଭାବେ ଘୋଷଣା କରିଛନ୍ତି। ମହିଳା ଜଣକ ଟେକ୍ନୋଲଜିକୁ ବେଶ୍ ଅଦ୍ଭୁତ ଭାବେ ବ୍ୟବହାର କରିଥିବା ଦେଖାଯାଇଛି। ସେ ଚାଟ୍‌ଜିପିଟିକୁ ନିଜର କୋ-ପ୍ୟାରେଣ୍ଟ କରିଛନ୍ତି। ସୁଇଜରଲ୍ୟାଣ୍ଡର ୩୩ ବର୍ଷୀୟା ଲିଲିୟନ ଶ୍ମିଟ୍ କର୍ପୋରେଟ୍ ବ୍ରାଣ୍ଡ ଷ୍ଟ୍ରାଟେଜିଷ୍ଟ ଭାବେ କାର୍ଯ୍ୟ କରନ୍ତି। ତାଙ୍କର ତିନି ବର୍ଷ ବୟସର ଝିଅ ଓ ୧୪ ବର୍ଷ ବୟସ ପୁଅଟିଏ ଅଛନ୍ତି। ଚାକିରି ସାଙ୍ଗକୁ ପିଲାଙ୍କ ଦାୟିତ୍ୱ ଯୋଗୁ ସେ ସବୁଦିନ ଥକ୍କାପଣ ଓ ମାନସିକ ଅଶାନ୍ତିକୁ ନେଇ ଚିନ୍ତାରେ ରହୁଥିଲେ। ଏଭଳି ସ୍ଥିତିରେ ସେ ଟେକ୍ନୋଲୋଜିର ସାହାଯ୍ୟ ନେବା ପାଇଁ ନିଷ୍ପତ୍ତି ନେଲେ। ଏ ଲାଗି ଚାଟ୍‌ଜିପିଟିକୁ ସେ ଏମିତି ଭାବେ ତାଲିମ ଦେଲେ ଯେ, ଯେମିତି ସେ ପିଲା ଦୁହିଁଙ୍କର ଦ୍ୱିତୀୟ ମା' ଭାବେ କାର୍ଯ୍ୟ କରିବ। ଚାଟ୍ ଜିପିଟିକୁ ସେ ପିଲାଙ୍କ ସଫିଂ, ଖାଦ୍ୟ ତାଲିକା ପ୍ରସ୍ତୁତ କରିବା ଜନ୍ମଦିନ ଓ ଛୁଟି ଯୋଜନା ସମେତ ଶୋଇବା ସମୟର ତାଲିକା ପ୍ରସ୍ତୁତ କରିବାକୁ କହି ସେ ତାଙ୍କ କାମକୁ ସହଜ କରିବାକୁ ଚାହିଁଲେ। ଅବଶ୍ୟ ଲିଲିୟନ୍ ଏହାର ଉପଯୋଗ ଜଣେ ଭଲ ମା' ହେବା ଲାଗି



କରୁଥିବା କହିଛନ୍ତି। ତେବେ ତାଙ୍କ ପରି ଅନେକ ବାପା, ମାଆ ମାନସିକ, ଶାରୀରିକ ଏବଂ ଭାବନାତ୍ମକ ଥକ୍କାପଣକୁ ନେଇ ଚିନ୍ତିତ ଅଛନ୍ତି। ଓହିଓ ଷ୍ଟେଟ୍ ୟୁନିର୍ଭସିଟିର ଏକ ଅଧ୍ୟୟନ ଅନୁସାରେ, ଆମେରିକାରେ ୫୭ ପ୍ରତିଶତ ଅଭିଭାବକ ଏଭଳି ସ୍ଥିତିକୁ ସାମ୍ନା କରୁଛନ୍ତି। ତେବେ ଲିଲିୟନ କେବେ ବି ଚାଟ୍‌ଜିପିଟି ମାଧ୍ୟମରେ ନିଷ୍ପତ୍ତି ନେଇ ନ ଥାନ୍ତି, ବରଂ ଏହାଠାରୁ ପରାମର୍ଶ ନିଅନ୍ତି। ଗତ ଫେବୃଆରୀ ମାସରୁ ସେ ଚାଟ୍‌ଜିପିଟିର ସାହାଯ୍ୟ ନେବା ଆରମ୍ଭ କଲେ। ହେଲେ ତାଙ୍କୁ ପ୍ରାରମ୍ଭିକ ପରାମର୍ଶଗୁଡ଼ିକ ସେତେ ବେଶି ଠିକ୍ ଲାଗିଲା ନାହିଁ। ତା'ପରେ ଲିଲିୟନ ଏକ କଷ୍ଟମ୍ ବଟ୍ ତିଆରି କରିବା ଶିଖିଲେ। ଏହା ତାଙ୍କ ଚିନ୍ତାଧାରା ଅନୁସାରେ ପ୍ରତିକ୍ରିୟା ଦିଏ। ସେହିପରି ଲିଲିୟନ କେତେବେଳେ ଏହାକୁ ଛୋଟ ପିଲାର ପ୍ରଶିକ୍ଷକ ଭାବେ ତ ଆଉ କେତେବେଳେ ନ୍ୟୁଟ୍ରିସନିଷ୍ଟ ଭାବେ ବ୍ୟବହାର କରିଥାନ୍ତି। ଏଆଇକୁ ସେ ପିଲାଙ୍କ ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତିଠୁ ଆରମ୍ଭ କରି ଶୋଇବା ରୁଟିନ୍‌ରେ ଗାଇଡ୍ କରିବା ନେଇ ପ୍ରଶ୍ନ କରନ୍ତି ଏବଂ ଚାଟ୍‌ଜିପିଟି ଏହାର ସମାଧାନ ମଧ୍ୟ କରୁଥିବା ସେ କହିଛନ୍ତି।

## ଆଜିର ଇତିହାସ

- ୧୬୪୫- ସ୍ୱିଡେନ ଓ ଡେନ୍‌ମାର୍କ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ।
- ୧୭୯୫- ମହାରାଣୀ ଅହଲ୍ୟାବାଈ ହୋଲକରଙ୍କ ପରଲୋକ।
- ୧୯୩୬- ଭାରତୀୟ ମହିଳା କ୍ରାନ୍ତିକାରୀ ଭିକାଜି କାମାଙ୍କ ପରଲୋକ।
- ୧୯୫୬- ଲୋକସଭାରେ ରାଷ୍ଟ୍ରୀୟ ରାଜମାର୍ଗ ବିଧେୟକ ପାରିତ ହେଲା।
- ୨୦୦୪-ଏଥେନ୍ସରେ ୨୮ ତମ ଅଲିମ୍ପିକ୍ସ ଖେଳ ଆରମ୍ଭ।



# ସୋନାକ୍ଷୀଙ୍କ ରୌଦ୍ର ରୂପ

ନିକଟରେ ତେଲୁଗୁ ସୁପର୍ ନାଚୁ୍ୟରାଲ ଆକ୍ସନ୍ ଥ୍ରିଲର୍ ଫିଲ୍ମ 'ଜଟାଧାରା'ର ଟିଜର୍ ଜାରି ହୋଇଛି। ଏହି ଫିଲ୍ମ ମାଧ୍ୟମରେ ସୋନାକ୍ଷୀ ସିହ୍ନା ପ୍ରଥମଥର ପାଇଁ ତେଲୁଗୁ ସିନେମାରେ ପାଦ ରଖିଛନ୍ତି। ଏଥିରେ ସୋନାକ୍ଷୀ ଏବଂ ସୁଧୀର ବାବୁ ମୁଖ୍ୟ ଚରିତ୍ରରେ ନଜର ଆସିବେ। ୧ ମିନିଟ୍ ୧୨ ସେକେଣ୍ଡର ଏହି ଟିଜର୍‌ରେ ସୁଧୀର ବାବୁ ଏକ ଶକ୍ତିଶାଳୀ ଚରିତ୍ରରେ ନଜର ଆସିଛନ୍ତି। ସେହିଭଳି ସୋନାକ୍ଷୀ ଏକ ସୁନା ଭଣ୍ଡାରର ରାକ୍ଷସୀ ରକ୍ଷକ ଭାବେ ଦେଖାଯାଇଛନ୍ତି। ଟିଜର୍‌ରେ ଉଭୟଙ୍କ ମଧ୍ୟରେ ଏକ ଶକ୍ତ ମୁକାବିଲା ହେବାକୁ ଯାଉଛି ବୋଲି ସଙ୍କେତ ମିଳିଛି। ଏଥିରେ ସୋନାକ୍ଷୀଙ୍କ ଲୁକ୍‌କୁ ଦର୍ଶକେ ପସନ୍ଦ କରିଛନ୍ତି। ଭାରି ଗହଣା ସହ ମଥାରେ ବିନ୍ଦି ଓ ଆଖିରେ କଜଳ ଲଗାଇ ସୋନାକ୍ଷୀ ରୌଦ୍ର ଅବତାରରେ ଦେଖାଯାଇଛନ୍ତି। କହିବାକୁ ଗଲେ ଏହି ସିନେମାରେ ସୋନାକ୍ଷୀଙ୍କୁ ସମ୍ପୂର୍ଣ୍ଣ ଅଲଗା ରୂପରେ ଦେଖିବାକୁ ମିଳିବ। ଅଭିଷେକ ଜଏସୱାଲ ଓ ଭେଙ୍କଟ କଲ୍ୟାଣଙ୍କ ନିର୍ଦ୍ଦେଶିତ ଏହି ସିନେମାକୁ ତେଲୁଗୁ ସିନେମା ଇଣ୍ଡଷ୍ଟ୍ରୀର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି।

# ଶରୀର ଥଣ୍ଡା ପାଇଁ ପାଣିକଖାରୁ ଆଲିଙ୍ଗନ

ଅସହ୍ୟ ଗରମରୁ ରକ୍ଷା ପାଇବାକୁ ଲୋକେ ବିଭିନ୍ନ ଉପାୟ ଆପଣାନ୍ତି। ଗରମରୁ ଆଶ୍ୱସ୍ତି ପାଇବା ପାଇଁ ଲୋକେ ଏସି, କୁଲର ନଚେତ୍ ପଙ୍ଖାର ବନ୍ଦୋବସ୍ତ କରିଥାନ୍ତି। ଏବେ ଚୀନ୍‌ର ଲୋକେ ଅସହ୍ୟ ଗରମରୁ ଶରୀରକୁ ଥଣ୍ଡା ରଖିବାକୁ ଏକ ଭିନ୍ନ ଉପାୟ ଖୋଜିଛନ୍ତି। ଶରୀରକୁ ଥଣ୍ଡା ରଖିବା ଉଦ୍ଦେଶ୍ୟରେ ଏଠାକାର କୁନି କୁନି ପିଲାମାନେ ଏବଂ ପୋଷାଜୀବମାନେ ବଡ଼ ବଡ଼ ପାଣି କଖାରୁକୁ ଧରି ଶୋଉଛନ୍ତି। ଉତ୍ତରଚୀନ୍, ତିୟାନଜିନ୍ ନଗର ପାଳିକା ନିବାସୀ ଲୋଙ୍ଗମା ଏହି ଟ୍ରେଣ୍ଡ ପ୍ରଥମେ ଆରମ୍ଭ କରିଥିବା ସେ ଦାବି କରନ୍ତି। ଲୋଙ୍ଗମା ନିଜ ସନ୍ତାନ ପାଇଁ ୧୪ କେଜି ଓଜନର ଧଳା କଖାରୁ କିଣିଥିଲେ। ତାଙ୍କ ପିଲା ପାଣି କଖାରୁକୁ ଆଲିଙ୍ଗନ କରି ଶୋଇବା ଦ୍ୱାରା ଅଧିକ ଗରମ ଅନୁଭବ କରିପାରିନଥିବା ସେ କହିଥିଲେ। ଏନେଇ ଲୋଙ୍ଗମା କୁହନ୍ତି,' ସେ ତାଙ୍କ ପିଲାକୁ ଥଣ୍ଡା-ଜ୍ୱରରୁ ସୁରକ୍ଷିତ ରହିବା ପାଇଁ ଘରେ ଏସି ବ୍ୟବହାର କରୁ ନ ଥିଲେ। ଏହା ବଦଳରେ ପାଣିକଖାରୁକୁ ଆଲିଙ୍ଗନ କରିବାର ପୁରୁଣା ପରମ୍ପରାକୁ ଆପଣାଇବାକୁ ସେ ସ୍ଥିର କରିଥିଲେ। ସାଧାରଣତଃ ପାଣିକଖାରୁରେ ୯୫ ପ୍ରତିଶତ ପାଣି ଥାଏ। ଏହା ଶରୀରକୁ ଥଣ୍ଡା ପ୍ରଦାନ କରିଥାଏ।' ସେହିପରି ପାରମ୍ପରିକ ଚୀନା ଚିକିତ୍ସା ପଦ୍ଧତି (ଟିଏମ୍‌ସି) ରେ ଶରୀରକୁ ଗରମରୁ ଥଣ୍ଡା ପ୍ରଦାନ ରଖିବାକୁ ପାଣି କଖାରୁ ଚୋପା ଖାଇବାକୁ ପରାମର୍ଶ ଦିଆଯାଏ। ଏହା ଗର୍ଭବତୀ ମହିଳା, ପିଲା ଏବଂ ବୟସ୍କଙ୍କ ପାଇଁ ସବୁଠୁ ଭଲ ବିକଳ୍ପ ବୋଲି ମଧ୍ୟ କୁହାଯାଏ। ସାମାଜିକ ଗଣମାଧ୍ୟମରେ ଏହି ଟ୍ରେଣ୍ଡକୁ ନେଇ ଚର୍ଚ୍ଚା ଲାଗିଥିବାବେଳେ କୁନି କୁନି ପିଲାମାନେ ପାଣିକଖାରୁକୁ ଆଲିଙ୍ଗନ କରି ଶୋଉଥିବାର ଫଟୋଗୁଡ଼ିକ ସେୟାର କରାଯାଉଛି। ୨୬ ଦିନ ପରେ ବି ପାଣିକଖାରୁ ଥଣ୍ଡା ପ୍ରଦାନ କରୁଥିବା କଥା ସ୍ଥାନୀୟ ଲୋକେ କହୁଛନ୍ତି। ଅନ୍ୟପଟେ ଡାକ୍ତର ପରାମର୍ଶ ଦିଅନ୍ତି, ଯେଉଁମାନଙ୍କର ପାଚନତନ୍ତ୍ର ଦୁର୍ବଳ ରହିଛି ସେମାନେ ଦୀର୍ଘ ସମୟ ଧରି ପାଣିକଖାରୁକୁ ଆଲିଙ୍ଗନ କରି ଶୋଇବା ଅନୁଚିତ। ଏପରି କରିବା ଦ୍ୱାରା ପେଟ ଯନ୍ତ୍ରଣା କିମ୍ବା ପତଳାଝାଡ଼ା ହେବାର ଆଶଙ୍କା ବୃଦ୍ଧି ପାଏ।



# କଫିରେ କ୍ଷୀର ନୁହେଁ ମିଶାଯାଏ ପନିର

ଅନେକ ଲୋକ ସକାଳୁ ଉଠିବା ମାତ୍ରେ କଫି ପିଇବାକୁ ପସନ୍ଦ କରନ୍ତି। କିଛି ଲୋକ ଚିନି ଯୁକ୍ତ କଫି ପିଇବାକୁ ପସନ୍ଦ କରୁଥିବା ବେଳେ ଆଉ କିଛି ଜଣ ବିନା ଚିନିର କଫି ପିଇବାକୁ ଭଲ ପାଆନ୍ତି। ସେହିଭଳି କିଛି ଲୋକ ଗରମ କଫି ପସନ୍ଦ କରୁଥିବାବେଳେ ଆଉ କିଛି କୋଲ୍ଡ କଫି ପିଇଥାନ୍ତି। କଫିରେ ଅଳ୍ପ ମାତ୍ରାର କ୍ଷୀର କିମ୍ବା କ୍ରିମ୍ ମିଶାଇ ପିଇବା ସାଧାରଣ କଥା। ହେଲେ ବିଶ୍ୱର ଏମିତି ଏକ ସ୍ଥାନ ରହିଛି ଯେଉଁଠି ଲୋକେ କଫିରେ ପନିର ପକାଇ ପିଇବାକୁ ଅଧିକ ପସନ୍ଦ କରନ୍ତି। ଉତ୍ତର ସ୍ୱିଡେନରେ ଲୋକମାନେ କଫିରେ ପନିର ପକାଇ ପିଇଥାନ୍ତି। ଏହି କଫି 'କାଫେଓଷ୍ଟ' ନାଁରେ ପରିଚିତ। ଏଥିରେ ଗରମ ପାଣିରେ ଏକ ସ୍ୱତନ୍ତ୍ର ଧରଣର ପନିରକୁ ମିଶା ଯାଇଥାଏ। ଏହି ପନିରକୁ ସ୍ଥାନୀୟ ଭାଷାରେ ଲେଇପାଜୁସ୍ତୋ କୁହାଯାଏ। ସେହିଭଳି ଏହି ପନିର୍ ଅଧିକ ସ୍ପଞ୍ଜି ହେବା ସହ ଅଧିକ ମିଠା ମଧ୍ୟ ହୋଇଥାଏ। ତେଣୁ ଏଥିରେ ଗରମ କଫି ଢାଳିଲେ ଏଥିରେ କ୍ରିମ୍, କ୍ଷୀର ଓ ଚିନି ମିଶାଇବା ଭଳି ଲାଗେ। ସେହିଭଳି ଏହା ଅଧିକ ମିଠା ଲାଗୁଥିବାରୁ ଅଧିକ ଲୋକ ଏହାକୁ ପସନ୍ଦ କରନ୍ତିନି। କଫି ପ୍ରେମୀ କିନ୍ତୁ ଏହି କଫିର ସ୍ୱାଦ ଚାଖିବାକୁ କେବେ ବି ଭୁଲନ୍ତିନି। ଏହି କଫି ପିଇବା ଦ୍ୱାରା ଶରୀରରେ ସୋଡିୟମ୍ ଅଭାବ ଦୂର ହୋଇଥାଏ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଏହା ଶରୀରକୁ ଗରମ ମଧ୍ୟ ରଖିଥାଏ। ତେଣୁ ଶୀତଦିନେ ଏଠାକାର ଲୋକେ ଏହି କଫି ପିଇବାକୁ ଅଧିକ ପସନ୍ଦ କରନ୍ତି।



# ୫ଜି ସମୟରେ ରେଡିଓ ପ୍ରେମ

ଆଜିର ସ୍ମାର୍ଟଫୋନ୍ ଜମାନାରେ ଟେଲିଭିଜନ ଓ ରେଡିଓର ଲୋକପ୍ରିୟତା ପୂର୍ବାପେକ୍ଷା ହ୍ରାସ ପାଇଛି। ହେଲେ ଏଥିରୁ ବ୍ୟତିକ୍ରମ ଛତିଶଗଡ଼ ରାୟପୁର ଆଦର୍ଶନଗରର ବିଜୁ ତାଣ୍ଡି। ସେ ତିନି ଦଶନ୍ଧି ହେଲାଣି ନିୟମିତ ରେଡିଓ ଶୁଣି ଆସୁଛନ୍ତି। ବିଜୁଙ୍କର ଏକ ସାଇକଲ ମରାମତି ଦୋକାନ ଅଛି। ଏବର ଡିଜିଟାଲ ଯୁଗରେ ସେ ରେଡିଓକୁ ସୂଚନା ଏବଂ ମନୋରଞ୍ଜନର ମାଧ୍ୟମ କରିଛନ୍ତି। ତାଙ୍କ କହିବାନୁଯାୟୀ, ସେ ପଢ଼ାଲେଖା ଜାଣି ନ ଥିଲେ ମଧ୍ୟ, ରେଡିଓ ତାଙ୍କୁ ସବୁ ପ୍ରକାର ସୂଚନା ପ୍ରଦାନ କରିବାରେ ସହାୟକ ହୋଇଛି। ରେଡିଓରେ ପ୍ରସାରିତ ହେଉଥିବା ସମସ୍ତ କାର୍ଯ୍ୟକ୍ରମଗୁଡ଼ିକ ତାଙ୍କ ମୁହଁରେ ରହିଛି। ତାଙ୍କ ଦିନର ଆରମ୍ଭ ରେଡିଓରେ ପ୍ରସାରିତ କାର୍ଯ୍ୟକ୍ରମ 'ବନ୍ଦେ ମାତରମ୍'ରୁ ହୋଇଥାଏ। ଏହାପରେ ସେ ସକାଳ ସାଢ଼େ ଛଅଟା ଯାଏ ଭଜନ ଶୁଣନ୍ତି। ପରେ ପରେ 'ଆଜ୍ କା ଚିନ୍ତନ', 'ମାନସ କାଣ୍ଡ', ଏବଂ 'କୃଷି ଚର୍ଚ୍ଚା' ଭଳି କାର୍ଯ୍ୟକ୍ରମ ଶୁଣନ୍ତି। ସେହିପରି ସକାଳ ୭-୮ଟା ମଧ୍ୟରେ ପ୍ରସାରିତ ହେଉଥିବା 'ନମସ୍କାର ରାୟପୁର' କାର୍ଯ୍ୟକ୍ରମ ବିଜୁଙ୍କର ସବୁଠୁ ପ୍ରିୟ କାର୍ଯ୍ୟକ୍ରମ। ଏନେଇ ବିଜୁଙ୍କ କହିବା କଥା, 'ଏହି କାର୍ଯ୍ୟକ୍ରମରେ ରାୟପୁରର ତାଜା ଖବର, ବିଭିନ୍ନ ସାମଜିକ କାର୍ଯ୍ୟ ସମେତ ଅନେକ ଶିକ୍ଷଣୀୟ କଥା ଶୁଣିବାକୁ ଓ ଜାଣିବାକୁ ମିଳିଥାଏ। ରେଡିଓ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ଦେଶବିଦେଶରେ ହେଉଥିବା ଘଟଣା ସାଥିରେ ଲୋକଙ୍କୁ ଯୋଡ଼ି ରଖିଥାଏ।' ସେହିପରି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକ୍ରମ 'ମନ୍ କି ବାତ୍' କୁ ସବୁବେଳେ ଶୁଣିଥାନ୍ତି। ଏହାଦ୍ୱାରା ସେ ଦେଶରେ ହେଉଥିବା ପରିବର୍ତ୍ତନ ଓ ଯୋଜନା ବିଷୟରେ ଜାଣିଥାନ୍ତି ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, 'ରେଡିଓ ଶୁଣି ଶୁଣି ସେ ଏତେ ଜିନିଷ ଜାଣିଛନ୍ତି, ଯାହା ଜଣେ ପାଠୁଆ ଲୋକ ବି ଜାଣି ନଥିବେ।' ବର୍ତ୍ତମାନର ଇଣ୍ଟରନେଟ୍ ଯୁଗରେ, ରେଡିଓର ସୂଚନାର ସରଳତା, ଘନିଷ୍ଠତା ଏବଂ ନିର୍ଭରଯୋଗ୍ୟତା ଏହାକୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଥାଏ ବୋଲି ଏହାକୁ ପ୍ରମାଣିତ କରିଛନ୍ତି ବିଜୁତାଣ୍ଡି।



## ଆଜିର ରାଶିଫଳ

**ମେଷ:** କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଦୂର ଯାତ୍ରା ଯୋଗ ରହିଛି। ପୁରୁଣା ସମସ୍ୟାର ସମାଧାନ ହେବ। ଜୀବନସାଥୀଙ୍କ ସହଯୋଗ ମିଳିବ। ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଭଲ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ପାରିବାରିକ ସମସ୍ୟା ଦେଖା ଦେଇପାରେ। ଧନ ପ୍ରାପ୍ତି ହେବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଆୟ କମ୍ ହେବ ଏବଂ ଖର୍ଚ୍ଚ ବଢ଼ିବ। ପ୍ରେମ ସମ୍ପର୍କ ସୁଖମୟ ହେବ। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

**ମିଥୁନ:** ପିତାଙ୍କ ସହଯୋଗ ମିଳିବ। ଆୟରେ ଉନ୍ନତି ପରିଲକ୍ଷିତ ହେବ। ଋଣ ସମସ୍ୟା ସମାଧାନ ହେବ। କାର୍ଯ୍ୟସ୍ଥଳରେ ବରିଷ୍ଠଙ୍କ ସହଯୋଗ ମିଳିବ। ଚିନ୍ତାମୁକ୍ତ ରହିବେ। ଅଚାନକ ଖୁସି ଖବର ମିଳିବ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତାରେ ରହିବେ। କାର୍ଯ୍ୟରେ ସଫଳତା ମିଳିବ। ଦିନଟି ବ୍ୟସ୍ତତା ଭିତରେ ବିତିବ। ବିଦ୍ୟାର୍ଥୀ ପରୀକ୍ଷାରେ ଭଲ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ସିଂହ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଉତ୍ତମ। ଠିକ୍ ସମୟରେ କାର୍ଯ୍ୟ ପୂରା କରିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**କନ୍ୟା:** ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧନ ଆଗମନର ଯୋଗ ରହିଛି। ବିଦ୍ୟାର୍ଥୀ ପାଠରେ ମନୋନିବେଶ କରିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ତୁଳା:** ବ୍ୟବସାୟରେ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଧନ ଆଗମନ। ପରିବାର ସହିତ ସମ୍ପର୍କ ମଧୁର ହେବ। କୋର୍ଟ କଚେରି ମାମଲାର ଶୁଣାଣି ହୋଇପାରେ।

**ବିଛା:** ସମସ୍ୟାକୁ ସାମ୍ନା କରିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ମନ ଉଦାସ ରହିବ। କାର୍ଯ୍ୟରେ ଲୋକଙ୍କ ସାହାଯ୍ୟ ମିଳିବ। ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ। କ୍ୟାରିୟରରେ ଉନ୍ନତି ହେବ।

**ଧନୁ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କାର୍ଯ୍ୟରେ ପଦୋନ୍ନତି ମିଳିବା ସମ୍ଭାବନା ଅଧିକ। ପୂଜାକାର୍ଯ୍ୟରେ ସମୟ କଟିବ। ଘରେ ସମସ୍ୟା ଦେଖା ଦେବ। ବିଦ୍ୟାର୍ଥୀଙ୍କୁ ଶୁଭ ଖବର ମିଳିପାରେ।

**ମକର:** ମନୋରଞ୍ଜନରେ ସମୟ ବିତିବ। ସାଙ୍ଗସାଥୀଙ୍କ ସହଯୋଗରେ କାର୍ଯ୍ୟ ସଫଳ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଜମି କ୍ରୟ ଯୋଗ ରହିଛି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କୁମ୍ଭ:** ରାଜନୀତିରେ ଆଶାତୀତ ସଫଳତା ମିଳିବ ନାହିଁ। ବ୍ୟବସାୟ ଓ ଚାକିରିରୁ ଲାଭ ମିଳିପାରେ। ନୂତନ ପ୍ରୋଜେକ୍ଟରେ ସଫଳତା ମିଳିବ। ପଡୋଶୀଙ୍କ ସହିତ ମନୋମାଳିନ୍ୟ ହୋଇପାରେ।

**ମୀନ:** ବାଦ ବିବାଦଠାରୁ ଦୂରେଇ ରୁହନ୍ତୁ। ଆୟ କମ୍ ଓ ବ୍ୟୟ ଅଧିକ ହେବ। ଅଯଥା କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାର୍ଯ୍ୟରେ ପରିବାର ଲୋକଙ୍କ ସହଯୋଗ ମିଳିବ। ଭାବି ଚିନ୍ତି ନିଷ୍ପତ୍ତି ନେବା ଭଲ।

## ସାକାର ହେବ ନବୀନଙ୍କ ପ୍ରୟାସ

# ଓଡ଼ିଶାରେ ହେବ ୨ ସେମିକଣ୍ଡକ୍ଟର କେନ୍ଦ୍ର

■ ଇନଫୋଭ୍ୟାଲିରେ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ
■ ୨୦୨୩ରେ ବିଜେଡି ସରକାର ସ୍ୱାକ୍ଷର କରିଥିଲେ ୩ ଏମ୍‌ଓୟୁ

ଭୁବନେଶ୍ୱର,୧୨।୮ (ସମିସ): ଓଡ଼ିଶାରେ ପ୍ରତିଷ୍ଠା ହେବ ଦୁଇଟି ସେମିକଣ୍ଡକ୍ଟର ଆସେମ୍ବ୍ଲି ଏବଂ ଟେଷ୍ଟିଂ ପ୍ଲାଣ୍ଟ। ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ (ଆଇଏସ୍‌ଏମ୍) ଅଧୀନରେ ଦେଶରେ ପ୍ରତିଷ୍ଠା ହେବାକୁ ଥିବା ୪ଟି ସେମିକଣ୍ଡକ୍ଟର ପ୍ରକଳ୍ପ ମଧ୍ୟରୁ ଓଡ଼ିଶାରେ ଦୁଇଟି କେନ୍ଦ୍ର ସ୍ଥାପନ କରାଯିବ। ଓଡ଼ିଶା ବ୍ୟତୀତ ପଞ୍ଜାବ ଏବଂ ଆନ୍ଧ୍ରପ୍ରଦେଶରେ ଏ ସମ୍ପର୍କିତ ପ୍ରକଳ୍ପ ପ୍ରତିଷ୍ଠା ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ୪ଟି ସେମିକଣ୍ଡକ୍ଟର ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି ୪ ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ରରେ ୪,୬୦୦ କୋଟି ଟଙ୍କା ନିବେଶ ହେବ। ଏହି ଅନୁମୋଦନ ଅନୁଯାୟୀ ରାଜ୍ୟରେ ସିକ୍‌ସେମ୍ ଏବଂ ଥ୍ରୀଡି ଗ୍ଲାସ୍ ପ୍ରକଳ୍ପ ସ୍ଥାପନ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେବା ସହ ରାଜ୍ୟରେ ନିଯୁକ୍ତି ସୃଷ୍ଟି ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ପ୍ରତି ଏହା ଗୁରୁତ୍ୱପୂର୍ଣ୍ଣ ଅବଦାନ ଭାବେ ଉଭା ହେବ।

ଦେଶରେ ଅନୁକୂଳ ପରିବେଶ କାରଣରୁ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ସଂଖ୍ୟା ବୃଦ୍ଧି ପାଉଛି। ୬ଟି ଅନୁମୋଦିତ ପ୍ରକଳ୍ପ ପୂର୍ବରୁ କାର୍ଯ୍ୟକାରିତାର ବିଭିନ୍ନ ପର୍ଯ୍ୟାୟରେ ଅଛି। ଆଜି ଅନୁମୋଦିତ ଏହି ଚାରୋଟି ପ୍ରସ୍ତାବ ସିକସେମ୍ (ଏସଆଇସିଏସଇଏମ), କଣ୍ଟିନେଣ୍ଟାଲ ଡିଭାଇସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ସିଡିଆଇଏଲ), ଥ୍ରୀଡି ଗ୍ଲାସ୍ ସଲ୍ୟୁସନ୍ସ ଇନକର୍ପୋରେଟେଡ୍ ଏବଂ ଆଡଭାନ୍ସଡ୍ ସିଷ୍ଟମ୍ ଇନ୍ ପ୍ୟାକେଜ୍ (ଏସଆଇପି) ଟେକ୍ନୋଲୋଜିଠାରୁ ମିଳିଛି। ଏହି ୪ଟି ଅନୁମୋଦିତ ପ୍ରସ୍ତାବ ଦ୍ୱାରା ପ୍ରାୟ ୪,୬୦୦ କୋଟି ଟଙ୍କାର ମୋଟ୍ ନିବେଶ ସହିତ ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯିବ। ୨୦୩୪ କୁଶଳୀ ପେସାଦାରଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଦୂରସଞ୍ଚାର, ଯାନବାହନ, ଡାଟାସେଣ୍ଟର, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଏବଂ ଶିଳ୍ପ ଇଲେକ୍ଟ୍ରୋନିକ୍ସରେ ସେମିକଣ୍ଡକ୍ଟରର ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି, ଏହି ୪ଟି ନୂତନ ଅନୁମୋଦିତ ସେମିକଣ୍ଡକ୍ଟର ପ୍ରକଳ୍ପ ଆତ୍ମନିର୍ଭର ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଓଡ଼ିଶାରେ ସିକସେମ୍ ଏବଂ ଥ୍ରୀଡି ଗ୍ଲାସ୍ ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ସିଡିଆଇଏଲ ପଞ୍ଜାବରେ ଏବଂ ଏଏସଆଇପି ଆନ୍ଧ୍ରପ୍ରଦେଶରେ ପ୍ରକଳ୍ପ ପ୍ରତିଷ୍ଠା କରିବେ।

ସିକସେମ୍ ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱରସ୍ଥିତ ଇନଫୋଭ୍ୟାଲିରେ ବ୍ରିଟେନର କ୍ଲାସ୍-ସିକ୍ ୱେଫର ଫ୍ୟାବ୍ ଲିମିଟେଡ୍ ସହ ମିଶି ସିଲିକନ କାର୍ବାଇଡ୍ (ଏସଆଇସି) ଆଧାରିତ କମ୍ପାଉଣ୍ଡ ସେମିକଣ୍ଡକ୍ଟର୍ସର ଗୋଟିଏ ସମନ୍ୱିତ ଅତ୍ୟାଧୁନିକ ପ୍ୟାକେଜିଂ ୟୁନିଟ୍ ପ୍ରତିଷ୍ଠାନ କରାଯିବ। ଏହା ଦେଶର ପ୍ରଥମ ବ୍ୟବସାୟିକ କମ୍ପାଉଣ୍ଡ ଫ୍ୟାବ୍ରିକେସନ ୟୁନିଟ୍ ହେବ। ଏହା ଉନ୍ନତ ପ୍ୟାକେଜିଂ ସେମିକଣ୍ଡକ୍ଟର ଶିଳ୍ପରେ ପରବର୍ତ୍ତୀ ପିଢ଼ିର ଦକ୍ଷତା ଆଣିବ। ଏହି ପ୍ରକଳ୍ପରେ ପ୍ୟାସିଭ୍ ଏବଂ ସିଲିକନ୍ ବ୍ରିଜ୍ ସହିତ ଗ୍ଲାସ୍ ଇଣ୍ଟରପୋଜର୍ ଏବଂ ଥ୍ରୀଡି ହେଟେରୋଜେନିୟସ୍ ଇଣ୍ଟିଗ୍ରେସନ୍ (ଥ୍ରୀଡିଏଚଆଇ) ମଡ୍ୟୁଲ୍ ସମେତ ବିଭିନ୍ନ ପ୍ରକାରର ଉନ୍ନତ ପ୍ରଯୁକ୍ତିବିଦ୍ୟା ରହିବ। ଏହି ୟୁନିଟ୍‌ର ଯୋଜନାବଦ୍ଧ କ୍ଷମତା ପ୍ରାୟ ୬୯,୬୦୦ ଗ୍ଲାସ୍ ପ୍ୟାନେଲ୍ ସବଷ୍ଟ୍ରେଟ୍, ୫୦ ନିୟୁତ ଆସେମ୍ବ୍ଲ ୟୁନିଟ୍ ଏବଂ ବାର୍ଷିକ ୧୩,୨୦୦ ଥ୍ରୀଡିଏଚଆଇ ମଡ୍ୟୁଲ୍ ହେବ। ପ୍ରସ୍ତାବିତ ଉତ୍ପାଦଗୁଡ଼ିକର ପ୍ରତିରକ୍ଷା, ଉଚ୍ଚ-ପ୍ରଦର୍ଶନକାରୀ କମ୍ପ୍ୟୁଟିଂ, କୃତ୍ରିମ ବୁଦ୍ଧିମତ୍ତା, ଆରଏଫ ଏବଂ ଅଟୋମୋଟିଭ୍, ଫଟୋନିକ୍ସ ଏବଂ ସହ-ପ୍ୟାକେଜ୍ ଅପ୍ଟିକ୍ସ ଇତ୍ୟାଦିରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ କରାଯିବ। ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୩ରେ ନବୀନ ସରକାରଙ୍କ ଅମଳରେ ସ୍ୱତନ୍ତ୍ର ସେମିକଣ୍ଡକ୍ଟର ନୀତି ଅଣାଯାଇଥିଲା। ଏଥିରେ ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପ ସ୍ଥାପନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ମୁଖ୍ୟ ଲକ୍ଷ୍ୟ ଥିଲା। ଏହାଛଡା ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ ପ୍ରଥମେ ୨୦୨୩ରେ ଇଲେକ୍‌ଟ୍ରେନିକ୍ ଆଣ୍ଡ ସେମିକଣ୍ଡକ୍ଟର ସଂଘ (ଆଇଇଏସ୍‌ଏ) ସହ ୩ଟି ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ।

# ମହିଳା ଅସୁରକ୍ଷିତ, ଓଡ଼ିଶା ନିନ୍ଦିତ; ସରକାର ‘ସୁଭଦ୍ରା’ରେ ବ୍ୟସ୍ତ: ବିଜେଡି

ଭୁବନେଶ୍ୱର,୧୨।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳରେ ଜଣେ ଦଳିତ ନାବାଳିକାକୁ ଗଣଦୁଷ୍କର୍ମ ଘଟଣାରେ ପୁଣିଥରେ ସରକାରଙ୍କୁ ଘେରିଛି ବିଜେଡି। ଏପରି ଗୋଟିଏ ପରେ ଗୋଟିଏ ଘଟଣା, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଏବଂ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି ବୋଲି ସ୍ପଷ୍ଟ ଦର୍ଶାଉଛି ବୋଲି ଦଳ ଅଭିଯୋଗ କରିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଅପାରଗତା ଦାୟୀ ବୋଲି ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଧ୍ରୁବ ଚରଣ ସାହୁ ଓ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି। ରାଜ୍ୟରେ ଛାତ୍ରୀ ଓ ମହିଳାମାନଙ୍କ ଉପରେ ନିର୍ଯାତନା ଓ ଦୁଷ୍କର୍ମ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଦୁହେଁ କହିଛନ୍ତି।

ବିଧାୟକ ଧ୍ରୁବଚରଣ ସାହୁ କହିଥିଲେ, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ରାଜ୍ୟରେ ନିତିଦିନିଆ ଘଟଣା ପାଲଟିଛି। ରାକ୍ଷୀପୂର୍ଣ୍ଣିମା ଦିନ ରାଜନଗର ଅଞ୍ଚଳରେ ଜଣେ ଦଳିତ ନାବାଳିକା ତାର ପିଉସା ସହ ଭାଲୁକୁଣୀ ମୂର୍ତ୍ତି କିଣିବାକୁ ଯିବା ସମୟରେ ତାଙ୍କୁ ଗୋଟିଏ ନିକାଞ୍ଚନ ଜାଗାକୁ ନେଇ ୫ ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କରିବା ସହିତ ଭିଡିଓ ଉତ୍ତୋଳନ କଲେ। ପୀଡ଼ିତାଜଣଙ୍କ ଭୟଭୀତ ହୋଇ ଘଟଣା ସମ୍ପର୍କରେ କାହା ଆଗରେ ପ୍ରକାଶ କରିବାକୁ ସାହସ କରିପାରି ନଥିଲା। ଦୁର୍ବୃତ୍ତମାନେ ସେହି ଭିଡିଓକୁ ଭାଇରାଲ କରିବାକୁ ଉଦ୍ୟମ କରିଥିଲେ। ପୀଡ଼ିତାଙ୍କ ଭାଇଙ୍କ ନଜରରେ ଏହି ଭିଡିଓ ଆସିବା ପରେ ପରିବାରଲୋକ ଏହି ଘଟଣା ବିଷୟରେ ଅବଗତ ହୋଇ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ରାଜ୍ୟର ଗୃହ ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ହାତରେ ରହିଥିଲେ ମଧ୍ୟ ଆଇନଶୃଙ୍ଖଳା ପରିସ୍ଥିତି ଓ ମହିଳା ସୁରକ୍ଷା ସ୍ଥିତିରେ ସୁଧାର ଆସୁନାହିଁ। ମହିଳାମାନଙ୍କ ବିକାଶ ପାଇଁ ସରକାର କେବଳ ସୁଭଦ୍ରା ସୁଭଦ୍ରା



ପ୍ରଚାର କରୁଛନ୍ତି। କିନ୍ତୁ ବାସ୍ତବରେ ସରକାରଙ୍କ ଏହି ପ୍ରଚାର ମହିଳା ମାନଙ୍କ ପାଇଁ ଏକ ଉପହାସରେ ପରିଣତ ହୋଇଛି।

ଡ. ଲେନିନ୍ ମହାନ୍ତି କହିଥିଲେ ଯେ ଗୋଟିଏ ମାସ ଭିତରେ ଚାରି ଚାରି ଜଣ ଛାତ୍ରୀ ପୋଡ଼ି ହୋଇ ମରିଥିବା ବେଳେ ଆଜି ମଧ୍ୟ ଭୁବନ ଅଞ୍ଚଳରେ ଜଣେ ମହିଳା ୫୦ପ୍ରତିଶତ ପୋଡ଼ି ହୋଇ ହସ୍ପିଟାଲରେ ଭର୍ତ୍ତି ହେବା ଭଳି ଏକ ହୃଦୟବିଦାରକ ଖବର ସାମ୍ନାକୁ ଆସିଛି। ରାଜ୍ୟରେ ମହିଳା ଅସୁରକ୍ଷିତ ବୋଲି ଜାତୀୟ ଗଣମାଧ୍ୟମରେ ବାରମ୍ବାର ଚର୍ଚ୍ଚା ହେଉଥିବାରୁ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ ହେଉଛି। ରାଜ୍ୟ ସରକାରଙ୍କ ସମ୍ବେଦନହୀନତା ଓ ଅପାରଗପଣିଆ ଯୋଗୁଁ ଅପରାଧୀମାନେ ଭୟମୁକ୍ତ ହୋଇ ଅପରାଧ ଘଟାଉଛନ୍ତି। ସରକାରଙ୍କ ନିଦ ଭାଙ୍ଗୁ ଓ ଆଇନ ଶୃଙ୍ଖଳା ସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଡ. ମହାନ୍ତି ଦାବି କରିଛନ୍ତି।

■ ଜ୍ୟୋତି, ଶୁଭ୍ରଙ୍କୁ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ

# ଆତ୍ମଦାହ ପୂର୍ବରୁ ସୌମ୍ୟାଶ୍ରୀଙ୍କ ସହ ୧୯ ଥର କଥା ହୋଇଥିଲେ

■ ଫକୀରମୋହନ କଲେଜ ଛାତ୍ରୀ ଆତ୍ମଦାହ ଘଟଣା
■ ଜେଲ୍‌ରେ ପଚାରଉଚରା

ବାଲେଶ୍ୱର, ୧୨।୮ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ ଗିରଫ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଅଣଛାତ୍ର ଶୁଭ୍ରସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ତିନିଦିନିଆ ରିମାଣ୍ଡରେ ନେଇଛି। ଉଭୟ ଏବିଭିପିର ସକ୍ରିୟସଦସ୍ୟ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କ୍ରାଇମବ୍ରାଞ୍ଚ ସେମାନଙ୍କୁ ଜେଲରୁ ବାହାରକୁ ନଆଣି ସେହିଠାରେହିଁ ଜେରା କରିଛି।

ଆଜି କ୍ରାଇମବ୍ରାଞ୍ଚ ଡିଏସ୍‌ପି ଇମାମ କଲ୍ୟାଣ ନାୟକଙ୍କ ସମେତ ଇନ୍ସପେକ୍ଟର ପାଞ୍ଚାଲି ରାଉତଙ୍କ ସହ ୬ଜଣିଆ ଟିମ୍ ଜେଲ ପରିସରକୁ ଯାଇଥିଲେ। ସେଠାରେ ଗିରଫ ଦୁଇଛାତ୍ରଙ୍କୁ ଓକିଲଙ୍କ ସମ୍ମୁଖରେ ପଚରାଉଚରା କରାଯାଇଥିଲା। ସୌମ୍ୟାଶ୍ରୀ ଆତ୍ମଦାହ କରିବା ପୂର୍ବରୁ ଏହି ଦୁଇ ଛାତ୍ର ତାଙ୍କ ସହ ପାଖାପାଖି ୧୯ଥର କଥା ହୋଇଥିଲେ ବୋଲି କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। କ୍ରାଇମବ୍ରାଞ୍ଚ ଏହାର ଭଏସ୍ ରେକର୍ଡିଂ ସଂଗ୍ରହ କରିଛି। ଏହି ରେକର୍ଡିଂକୁ ଷ୍ଟେଟ୍ ଫୋରେନସିକ ଲ୍ୟାବକୁ ଯାଞ୍ଚ ପାଇଁ ପଠାଯିବ। କ୍ରାଇମବ୍ରାଞ୍ଚ ଟିମ୍ ଜେଲ ମଧ୍ୟରେ ପାଖାପାଖି ୨ଘଣ୍ଟାରୁ ଅଧିକ ସମୟ ଧରି ଦୁଇ ଛାତ୍ର ନେତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲା। ସୂଚନାଯୋଗ୍ୟ, ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପଛରେ ଏହି ଦୁଇ ଛାତ୍ରଙ୍କ ହାତ ରହିଥିବାର ପ୍ରମାଣ ପାଇବା ପରେ କ୍ରାଇମବ୍ରାଞ୍ଚ ଗତ ୩ ତାରିଖରେ ସେମାନଙ୍କୁ ଗିରଫ କରିଥିଲା। ତେବେ କ୍ରାଇମବ୍ରାଞ୍ଚ ଅଧିକ ତଥ୍ୟ ହାସଲ କରିବା ଉଦ୍ଦେଶ୍ୟରେ ଗିରଫ ଦୁଇଛାତ୍ରଙ୍କୁ ତିନିଦିନ ପାଇଁ ରିମାଣ୍ଡରେ ନେଇଛି।

# ତୁଟୁନାହିଁ ସ୍କିମାଟିକ୍ ଦ୍ୱନ୍ଦ୍ୱ

■ ନିଯୁକ୍ତି ପାଇଁ ସମନ୍ୱୟ ବୈଠକରେ ଆଲୋଚନା
■ ୬୬୬୯ ପଦରେ ନିୟମିତ ଶିକ୍ଷକ ନିଯୁକ୍ତି ଦାବି

ଭୁବନେଶ୍ୱର,୧୨।୮ (ସମିସ): କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ଉଚ୍ଛେଦ ନେଇ ଘଡ଼ିକେ ଘୋଡ଼ା ଛୁଟୁଛି। ସ୍କିମାଟିକ୍ ଶିକ୍ଷକ ଉଚ୍ଛେଦ ପାଇଁ ସରକାରଙ୍କ ଆଭିମୁଖ୍ୟ ନେଇ ଆଶଙ୍କା ବଢ଼ିବାରେ ଲାଗିଛି। ଗତ ୨ତାରିଖରେ ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ୍ ଶିକ୍ଷକ ଉଚ୍ଛେଦ ପାଇଁ ପ୍ରସ୍ତାବ ପାରିତ ହେଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଲା। ଏହାର ମାତ୍ର ଦୁଇଦିନ ପରେ ବିଭାଗୀୟ ୱେବସାଇଟ୍‌ରୁ ବିଜ୍ଞପ୍ତି ଉଭେଇଗଲା। ୭ ତାରିଖରେ ବିଜ୍ଞପ୍ତିକୁ ବିଧିବଦ୍ଧ ଭାବରେ ପ୍ରତ୍ୟାହାର କରି ନିଆଗଲା। ମାତ୍ର ଏବେ ପୁଣି ବିଭାଗୀୟ ସମନ୍ୱୟ ବୈଠକରେ ଏନେଇ ଆଲୋଚନା ହୋଇଥିବାରୁ ରାଜ୍ୟର ପ୍ରାୟ ୧୬ ହଜାର ସ୍କିମାଟିକ୍ ଶିକ୍ଷକଙ୍କ ହୃଦସ୍ପନ୍ଦନ ପୁଣିଥରେ ବଢ଼ିଛି।

ଜୁଲାଇ ୩୦ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମନ୍ୱୟ ବୈଠକରେ ବିଭିନ୍ନ ନିର୍ଦ୍ଦେଶାଳୟ, ଓସେପା, ଆଦର୍ଶ ବିଦ୍ୟାଳୟ ଓ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ସମେତ ବିଭାଗର ବିଭିନ୍ନ ଶାଖାରେ ଖାଲି ଥିବା ଅଣଶିକ୍ଷକ ଏବଂ ଶିକ୍ଷକ ପଦ ସମ୍ପର୍କରେ ଆଲୋଚନା କରାଯାଇଛି। କେଉଁ କାର୍ଯ୍ୟାଳୟରେ କେତେ ପଦ ଖାଲି ରହିଛି ଏବଂ କେତେ ସଂଖ୍ୟକ ପଦରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯାଇଛି, ତାହାର ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯାଇଛି। ତନ୍ମଧ୍ୟରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ବା ଓସେପା ଅଧୀନରେ ପ୍ରାୟ ୬୬୬୯ ପଦ ଫାଙ୍କା ରହିଥିବା ଦର୍ଶାଯାଇଛି।

ପୂର୍ବ ସରକାର ସମୟରେ ୨୦ହଜାର କନିଷ୍ଠ ସ୍କିମାଟିକ୍ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ହୋଇଥିଲା। ନିଯୁକ୍ତି ପରେ ଖାଲି ରହିଯାଇଥିବା ୬୬୬୯ ପଦରେ ପୁନଃ ନିଯୁକ୍ତି ପାଇଁ ଆଲୋଚନା କରାଯାଇଛି। ଏ ସମ୍ପର୍କିତ ଏକ ରିଭ୍ୟୁ ପିଟିସନ୍ ଉଚ୍ଚ ନ୍ୟାୟାଳୟରେ ବିଚାରଧୀନ ରହିଛି। ଅଦାଲତଙ୍କ ରାୟ ପରେ ଫାଙ୍କା ରହିଥିବା ପଦରେ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ସମ୍ମତି ହୋଇଥିବା ବିଭାଗ ସୂତ୍ରରୁ ସୂଚନା ମିଳିଛି। ଅର୍ଥାତ୍ ପୁଣିଥରେ କନିଷ୍ଠ ସ୍କିମାଟିକ୍ ଶିକ୍ଷକ ନିଯୁକ୍ତି କରିବାକୁ ଗଣଶିକ୍ଷା ବିଭାଗ ପ୍ରକ୍ରିୟା ଆରମ୍ଭ କରିପାରେ। ଗୋଟିଏ ପଟେ ସ୍କିମାଟିକ୍ ଉଚ୍ଛେଦ ପାଇଁ ପ୍ରସ୍ତାବ ପାରିତ ହେଉଥିବାବେଳେ ଅନ୍ୟପଟେ ସ୍କିମାଟିକ୍ ଶିକ୍ଷକ ନିଯୁକ୍ତି ପାଇଁ ଆଲୋଚନା ହେବା ସରକାରଙ୍କ ଦୋମୁହାଁ ନୀତି ବୋଲି ଶିକ୍ଷକ/ଶିକ୍ଷୟତ୍ରୀମାନେ ଅଭିଯୋଗ କରିଛନ୍ତି। ସରକାର ସ୍କିମାଟିକ୍ ଉଚ୍ଛେଦ ପାଇଁ ପ୍ରତିଶ୍ରୁତି ଦେଇ ପୁଣି ଥରେ ସ୍କିମାଟିକ୍ ଶିକ୍ଷକ ନିଯୁକ୍ତି କରିବାକୁ ଏକାଧିକ ପ୍ରାଥମିକ ଶିକ୍ଷକ ସଂଘ ମଧ୍ୟ ବିରୋଧ କରିଛନ୍ତି। ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ୍ ପରି ସମସ୍ତ ପ୍ରକାର ଠିକା ନିଯୁକ୍ତି ଉଚ୍ଛେଦ କରିବାକୁ ଶିକ୍ଷକ ସଂଗଠନମାନେ ଦାବି ଦୋହରାଇଛନ୍ତି।

# ଏକ ସମୃଦ୍ଧ ଭବିଷ୍ୟତର ନୀଳନକ୍ସା ଏମ୍‌ବିଆର୍‌ଆଇସି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଓଡ଼ିଶା ମେରାଇନ ବାୟୋଟେକ୍ନୋଲୋଜି ଗବେଷଣା ଓ ନବସୃଜନ କରିଡର (ଓଏମବିଆରଆଇସି) ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ପରିବେଶ ସୁରକ୍ଷା, ବିଜ୍ଞାନଭିତ୍ତିକ ପର୍ଯ୍ୟଟନ, ନିବେଶ ଓ ନିଯୁକ୍ତି ଏବଂ ଉପକୂଳବର୍ତ୍ତୀ ଅଞ୍ଚଳର ଜନସାଧାରଣଙ୍କ ଜୀବିକା ଉପାର୍ଜନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦିଆଯାଇପାରିବ। ଲୋକସେବା ଭବନରେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ମହାସାଗର ପ୍ରଯୁକ୍ତିବିଦ୍ୟା ସଂସ୍ଥାନ(ଏନଆଇଓଟି) ମଧ୍ୟରେ ଏକ ଗବେଷଣା ଓ ବିକାଶ ସହଯୋଗ ସ୍ମାରକପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଏହାସହ



ଆଇଆଇଟି ଭୁବନେଶ୍ୱର, ଏନଆଇଟି ରାଉରକେଲା, ଆଇଜର ବ୍ରହ୍ମପୁର, ଆଇଏଲଏସ ଭୁବନେଶ୍ୱର, ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଓ ଫକୀର ମୋହନ ବିଶ୍ୱ ବିଦ୍ୟାଳୟ ପ୍ରମୁଖ ଗବେଷଣା ଓ ବିକାଶ ସହାୟତା ପ୍ରଦାନ କରିବା ପାଇଁ ଓଡ଼ିଶା ସରକାର ସହିତ ଏମଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଅନନ୍ୟ ପ୍ଲାଟଫର୍ମ କେବଳ ଓଡ଼ିଶା ନୁହେଁ; ସମଗ୍ର ଦେଶ ଓ ବିଶ୍ୱ ପାଇଁ ବିଜ୍ଞାନ ସମୁଦାୟ ଏବଂ ନବସୃଜନ ପାଇଁ ଆଶାର ଆଲୋକ ହେବ। ଏହା ଆମର ନୀଳ ଅର୍ଥନୀତିକୁ ରୂପାନ୍ତରିତ କରି ଦେଶର ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବ। ଓଏମବିଆରଆଇସି କେବଳ ଏକ ଗବେଷଣା କାର୍ଯ୍ୟକ୍ରମ ନୁହେଁ। ଏହା ଏପରି ଏକ ପ୍ଲାଟଫର୍ମ ଅଟେ ଯେଉଁଠାରେ ଓଡ଼ିଶାର ଯୁବ ଉଦ୍ୟୋଗୀମାନେ ସ୍ଥାନୀୟ ସମ୍ବଳକୁ ବିନିଯୋଗ କରି ବିଶ୍ୱସ୍ତରୀୟ ମେରାଇନ ବାୟୋଟେକ ଷ୍ଟାର୍ଟଅପ ନିର୍ମାଣ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମଧ୍ୟ ଏହି ଅବସରରେ ବକ୍ତବ୍ୟ ରଖିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରମୁଖ ସଚିବ ଚିତ୍ରା ଅରୁମୁଗମ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଅତିରିକ୍ତ ସଚିବ ପୂଜା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣଶିକ୍ଷା ବିଭାଗରେ ୨୧,୮୫୨ ପଦ ଫାଙ୍କା

ଭୁବନେଶ୍ୱର,୧୨।୮ (ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ତ୍ୱରିତ ହେବ ନିଯୁକ୍ତି ପ୍ରକ୍ରିୟା। ଖାଲି ଥିବା ଶିକ୍ଷକ ଓ ଅଣଶିକ୍ଷକ ପଦରେ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିଛି ବିଭାଗ। ବିଭିନ୍ନ କାର୍ଯ୍ୟାଳୟରେ ଖାଲି ଥିବା ୨୧,୮୫୨ ପଦରେ ନିଯୁକ୍ତି ପାଇଁ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ୭,୪୬୩ ପଦରେ ନିଯୁକ୍ତି ପାଇଁ ବିଭିନ୍ନ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଙ୍କୁ ଅବଗତ କରାଯାଇଛି। ଏନେଇ ଜୁଲାଇ ୩୦ ତାରିଖରେ ବସିଥିବା ବିଭାଗୀୟ ସମନ୍ୱୟ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ରେ ୧୮୨୯ଟି ପଦ ଖାଲି ଅଛି। ତନ୍ମଧ୍ୟରୁ ୧୭୦୬ଟି ପଦରେ ନିଯୁକ୍ତି ପାଇଁ ପ୍ରଶାସନିକ ଅନୁମୋଦନ ଅପେକ୍ଷାରେ ରହିଛି। ଅଗଷ୍ଟ ଶେଷ ସୁଦ୍ଧା ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସ୍ପଷ୍ଟ କରାଯାଇଛି। ସେହିପରି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ ୯୪୩୪ ସରକାରୀ ପଦ ଖାଲି ରହିଛି। ତନ୍ମଧ୍ୟରୁ ୬୦୨୫ଟି ପଦରେ ନିଯୁକ୍ତି ପାଇଁ ପ୍ରସ୍ତାବ ରହିଛି। ୬୧୧ ଜୁନିଅର୍ ଆସିଷ୍ଟାଣ୍ଟ ପଦ ସମେତ ୨୭୯୮ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ସେପ୍ଟେମ୍ବର ମାସରେ ପ୍ରକ୍ରିୟା ଆରମ୍ଭ କରିବ। ଅନୁରୂପ ଭାବେ ୧୮୨୩ଟି ବେସରକାରୀ ଅନୁଦାନପ୍ରାପ୍ତ ପଦ ମଧ୍ୟରେ ନିଯୁକ୍ତି ପାଇଁ ଏସ୍‌ଏସ୍‌ବି ପ୍ରକ୍ରିୟା କରିବ। ବିଭାଗରେ ଖାଲି ଥିବା ୪୪ଟି ପଦ ମଧ୍ୟରୁ ୨୬ ଟି ଓଡ଼ିଶା ଶିକ୍ଷା ସେବା(ଓଇଏସ୍) ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପରୀକ୍ଷା କରିବ ଏବଂ ୧୮ ଟି ଗ୍ରୁପ୍‌ ଡି ପଦ ଆର୍‌ଏ ମାଧ୍ୟମରେ ପୂରଣ କରାଯିବ। ସେହିପରି କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ମଧ୍ୟ ନିଯୁକ୍ତି କରିବାକୁ ନିଷ୍ପତ୍ତି ହୋଇଛି। ପୂରଣ ହୋଇନଥିବା ୬୬୬୯ ଟି ପଦରେ ନିଯୁକ୍ତି ପାଇଁ ଉଚ୍ଚ ନ୍ୟାୟାଳୟରେ ରିଭ୍ୟୁ ପିଟିସନ୍ ଦାୟର ହୋଇଛି।

# ଆଜି ବଙ୍ଗୋପସାଗରରେ ଲଘୁଚାପ

ଭୁବନେଶ୍ୱର,୧୨।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ବୁଧବାର ଏକ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶା ସହ କେନ୍ଦ୍ରୀୟ ଓଡ଼ିଶାରେ ବର୍ଷା ନେଇ ଆଶଙ୍କା ରହିଛି। ଘୂର୍ଣ୍ଣିବଳୟ ପ୍ରଭାବରେ ମଙ୍ଗଳବାର ରାଜ୍ୟର କିଛି ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ବୁଧବାର କୋରାପୁଟ ଓ ମାଲକାନଗିରିରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି, ବଲାଙ୍ଗିର ଓ ନୂଆପଡ଼ାରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଯଥାକ୍ରମେ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ରେ କ୍ଲରିକାଲ କ୍ୟାଡରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ର ନିଯୁକ୍ତି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡ଼ିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା:
ନିୟମିତ : 5180 + ବ୍ୟାକଲଗ୍ : 403

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://bank.sbi/web/careers/current_openings** ରେ ବିଜ୍ଞାପନ ନମ୍ବର **CRPD/CR/2025-26/06** ଅଧୀନରେ ଉପଲବ୍ଧ। ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 06.08.2025 ରୁ 26.08.2025 ପର୍ଯ୍ୟନ୍ତ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **https://bank.sbi/web/careers/current_openings** ରେ ଉପଲବ୍ଧ।

ସ୍ଥାନ: ମୁମ୍ବାଇ
ତାରିଖ: 06.08.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)



## ବିଜେଡି ନେତା ଉମାକାନ୍ତ ସାହୁଙ୍କ ପରଲୋକ

କଣ୍ଟାବାଞ୍ଜି,୧୨।୮(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବଙ୍ଗୋମୁଣ୍ଡା ବ୍ଲକ୍ ସିନ୍ଧେକେଲା ଅଞ୍ଚଳର ବିଜେଡିର ବରିଷ୍ଠ ନେତା ଉମାକାନ୍ତ ସାହୁଙ୍କ ସୋମବାର ପରଲୋକ ହୋଇଛି।ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ନ ଥିବାରୁ ସେ ବିଭିନ୍ନ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସୋମବାର ଅସୁସ୍ଥ ମନେ କରିବାରୁ ପରିବାର ଲୋକେ



ଚିକିତ୍ସା ପାଇଁ ତାଙ୍କୁ ଛତିଶଗଡ଼ ରାୟପୁର ନେଉଥିବା ବେଳେ ଖଡ଼ିଆଲ ରୋଡ଼ ନିକଟରେ ପ୍ରାଣତ୍ୟାଗ କରିଥିଲେ।ସେ ପୂର୍ବରୁ ବଲାଙ୍ଗିର ଜିଲ୍ଲା ବିଜୁ ଜନତା ଦଳ ଉପ ସଭାପତି ସହ ଦଳର ବିଭିନ୍ନ ପଦପଦବୀରେ ରହିବ ଆସିଛନ୍ତି। ତାଙ୍କ ପରଲୋକ ପରେ ବରିଷ୍ଠ ବିଜେଡ଼ି ନେତା ଅଜିତ ଯୋଶୀ,ଯୁବ ବିଜେଡ଼ି ନେତା ଗିରିରାଜ ସିଂ ମାଝୀ ସହ ଅନ୍ୟମାନେ ଶୋକ ପ୍ରକାଶ କରିଛନ୍ତି।

## ଜାତୀୟ କୃମି ନାଶକ ଦିବସ



ଦେଓଗାଁ,୧୨।୮(ସମିସ): ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ଜରାସିଂହା ନେତ୍ରଭାନୁ ହାଇସ୍କୁଲ ଠାରେ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡ. ଚିତ୍ତ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଦେଓଗାଁ ବିଡିଓ ପ୍ରିୟ ରଞ୍ଜନ କୁମାର, ଏବିଡିଓ ପୁଷ୍ପାଞ୍ଜଳୀ ନାୟକ, ବ୍ଲକ୍ ଶିକ୍ଷା ଅଧିକାରୀ ମମତା ମହାଡିକ ପ୍ରମୁଖ ଯୋଗଦେଇ କୃମି ସଂକ୍ରମଣ ଦ୍ୱାରା ହେଉଥିବା ସ୍ୱାସ୍ଥ୍ୟଗତ ଅସୁବିଧା ଓ ତାର ତାତ୍ପର୍ଯ୍ୟ ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଏହି ଦିବସରେ ଏକ ବର୍ଷରୁ ଆରମ୍ଭ କରି ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତି କୃମି ନାଶକ ଔଷଧ ବା ଆଲବେଣ୍ଡାଜୋଲ ଆବଶ୍ୟକତା ଅନୁଯାୟୀ ସେବନ କରିବା ଆବଶ୍ୟକତା ରହିଛି ବୋଲି ଡ.ଶ୍ରୀ ମିଶ୍ର କହିଥିଲେ। ଯାହାଫଳରେ ଭବିଷ୍ୟତରେ ଦୃଷ୍ଟି ହୀନତା ଓ ରକ୍ତହୀନତା ଆଦି ରୋଗରୁ ବଞ୍ଚାଇବା ସହ ଶାରୀରିକ ଓ ମାନସିକ ଅଭିବୃଦ୍ଧିରୁ ସହାୟକ ହେବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମ.ରୀ, ସିଏଚଓ ସୁଜାତା ମିଶ୍ର, ବିବିଏମ ବିପ୍ଳବ ମିଶ୍ର, ବିପିଏମ ପରେଶ ସାହୁ, ପିଏଚ୍ଇଓ ସ୍ନେହଲତା ସାହୁ ସମେତ ଆଶା କର୍ମିମାନେ ଉପସ୍ଥିତ ଥିଲେ।

# ରାଜପଥ କଡ଼ରେ ଟ୍ରକ୍ ପାର୍କିଂରୁ ବଢୁଛି ଦୁର୍ଘଟଣା

ବଲାଙ୍ଗିର,୧୨।୮(ସମିସ)



- ଆଲୋକୀକରଣ କି ସୁରକ୍ଷା ବ୍ୟବସ୍ଥା ନାହିଁ
- ସକାଳୁ ରାତି ପର୍ଯ୍ୟନ୍ତ ଅଟକି ରହୁଛି ଭାରୀଯାନ

ବଲାଙ୍ଗିର ବାଇପାସ କାମ ଯେତିକି ବିଳମ୍ବ ହେଉଛି ୨୬ ନଂ ଜାତୀୟ ରାଜପଥରେ ସେତିକି ବିପଦ ବଢିବାରେ ଲାଗିଛି। ବାଇପାସ ରାସ୍ତା କାମ ସଂପୂର୍ଣ୍ଣ ହେଉନଥିବାରୁ ୨୬ ନଂ ଜାତୀୟ ରାଜପଥର ଉଭୟ ପାଶ୍ୱର୍ରେ ବହୁ ସଂଖ୍ୟାରେ ଟ୍ରକ ସକାଳୁ ରାତ୍ରୀ ପର୍ଯ୍ୟନ୍ତ ଅଟକି ରହୁଛି ଯାହାକି ସଂଧ୍ୟାରୁ ରାତ୍ରୀ ପର୍ଯ୍ୟନ୍ତ ଏହି ରାଜପଥରେ ଯାତାୟାତ କରୁଥିବା ଯାତ୍ରୀଙ୍କ ପାଇଁ ବିପଦ ସାଜିଛି। ଅଟକି ରହୁଥିବା ଟ୍ରକ୍‌ରେ ପିଟି ହୋଇ ବାଇକ ଓ ଅନ୍ୟ ଗାଡି ସବୁ ଦୁର୍ଘଟଣାଗ୍ରସ୍ତ ହେଉଥିବା ବେଳେ ଅନେକ ସମୟରେ ଧନଜୀବନ ନଷ୍ଟ ହେଉଛି। ରାଜପଥର ବଲାଙ୍ଗିର-ବରଗଡ ରାସ୍ତାରେ ଟର୍ମିନାଲ ନଥିବାରୁ ଅସ୍ଥାୟୀ ଭାବେ ଟ୍ରକ ପାର୍କିଂ ବ୍ୟବସ୍ଥା କରାଯାଇଛି। ସେହିପରି ବଲାଙ୍ଗିର-ବେଲଗାଁ ରାସ୍ତାରେ ମଧ୍ୟ ନିର୍ମାଣ ଚାଲିଥିବା ଟର୍ମିନାଲ କାମ ସରିନଥିବାରୁ ରାସ୍ତାରେ ହିଁ ଟ୍ରକ୍ ପାର୍କିଂ କରାଯାଉଛି ଯାହାକି ରାଜପଥ ଯାତ୍ରୀଙ୍କ ପାଇଁ କାଳ ସାଜିଛି।

ବଲାଙ୍ଗିର ସହର ଦେଇ ୨୬ ନଂ ଜାତୀୟ ରାଜପଥ ବରଗଡରୁ ବୋରିଗମ୍ମାକୁ ସଂଯୋଗ କରିଅଛି। ତେବେ ବଲାଙ୍ଗିର ସହର ଏକ ବ୍ୟସ୍ତବହୁଳ ସହର ହୋଇଥିବାରୁ ସହର ଦେଇ ସକାଳ ୬ ଟାରୁ ରାତି ୧୨ ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ବନ୍ଦ କରାଯାଇଛି। ବାଇପାସ ରାସ୍ତା ନଥିବାରୁ ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଛି। ତେବେ ବାଇପାସ କାମ ଆରମ୍ଭ ହୋଇଛି ଓ ତାହା ଚଳିତ ବର୍ଷ ଏପ୍ରିଲ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଥିଲା କିନ୍ତୁ ତାହା ସରିନାହିଁ। ଆହୁରି ୬ ମାସରୁ ଊର୍ଦ୍ଧ୍ୱ ସମୟ ଲାଗିବ ବୋଲି ଆକଳନ କରାଯାଇଛି। ତେବେ ଏହାରି ଭିତରେ କିନ୍ତୁ ଏହି ଜାତୀୟ ରାଜପଥ ବିପଦପୂର୍ଣ୍ଣ ହୋଇପଡିଛି। ସହରର ଉଭୟ ପାଶ୍ୱର୍ରେ ସକାଳୁ ରାତ୍ରୀ ପର୍ଯ୍ୟନ୍ତ ଅଟକି ରହୁଥିବା ଟ୍ରକ୍ ଦୁର୍ଘଟଣାର କାରଣ ସାଜିଛନ୍ତି। ବିଶେଷ କରି ସଂଧ୍ୟା ସମୟରେ ଦୁର୍ଘଟଣା ସଂଖ୍ୟା ଅଧିକ ରହିଛି। ଟ୍ରକ ପାର୍କିଂ ସ୍ଥାନରେ ଆଲୋକୀରଣ ବ୍ୟବସ୍ଥା ନାହିଁ ଫଳରେ ରାସ୍ତାରେ ଟ୍ରକ ପାର୍କିଂ ହୋଇଥିବା ଜାଣିନପାରି ଲୋକେ ଦୁର୍ଘଟଣାର ଶୀକାର ହୋଇ ଜୀବନ ହରାଉଛନ୍ତି। ଦୁଇ ଦିନ ତଳେ ଏକ ବାଇକ୍ ଚାଳକ ଏକ ଟ୍ରକ୍‌କୁ ଧକ୍କା ଦେଇ ଦୁର୍ଘଟଣାର ଶୀକାର ହୋଇ ଜୀବନ ଯାଇଛି। ଗତ ସପ୍ତାହେ ଭିତରେ ଏହିଭଳି ତିନିରୁ ଅଧିକ ଦୁର୍ଘଟଣା ହୋଇଥିବା ବେଳେ ଆଗକୁ ସଜାଗ ନହେଲେ କେତେ ଦୁର୍ଘଟଣା ହେବ ତାହା କହିବା ମୁସ୍କିଲ। ସୂଚନା ଅନୁସାରେ ୨୬ ନଂ ଜାତୀୟ ରାଜପଥ ବଲାଙ୍ଗିର - ବରଗଡ ରାସ୍ତାରେ ମାଧିଆପାଲି ପାରିହେବା ପରେ ଟ୍ରକ ପାର୍କିଂ ପାଇଁ ବ୍ୟବସ୍ଥା ରହିଛି। ସ୍ଥାୟୀ ପାର୍କିଂ ବ୍ୟବସ୍ଥା ନଥିବାରୁ ଏକ ଛୋଟିଆ ସ୍ଥାନକୁ ସମାନ କରାଯାଇ ଏକ ଚେକ୍ ପୋଷ୍ଟ କରାଯାଇଛି। ଯେଉଁଠାରେ ଏକ ହୋମଗାର୍ଡ ଡ୍ୟୁଟି କରୁଥିବା ବେଳେ କିଛି ଲାଇଟ ଲଗାଯାଇଛି। ଉକ୍ତ ଲାଇଟ୍ ଲଗାଇ ଯାହା ନଲଗାଇଲେ ବି ତାହା। କୌଣସି ବି ଟ୍ରକ୍ ଭିତରକୁ ଯାଇ ପାର୍କିଂ କରୁନଥିବା ଦେଖିବାକୁ ମିଳିଛି। ବର୍ଷା ଯୋଗୁଁ ଚକ ଭାସିବା ଭୟରେ ବହୁ ସଂଖ୍ୟାରେ ଟ୍ରକ୍ ଜାତୀୟ ରାଜପଥ କଡରେ ହିଁ ପାର୍କିଂ କରୁଛନ୍ତି। ସେହିପରି ବଲାଙ୍ଗିର-ବେଲଗାଁ ରାସ୍ତାରେ କଦଳୀମୁଣ୍ଡା ନର୍ସରୀ ପାରି ହେବା ପରେ ଟ୍ରକ୍ ପାର୍କିଂ କରାଯାଉଥିବା ଜଣାପଡିଛି। ଏହି ନିକଟରେ ଏକ ଟର୍ମିନାଲ ନିର୍ମାଣ କାମ ଚାଲିଥିବା ବେଳେ ତାହା ମଧ୍ୟ ସଂପୂର୍ଣ୍ଣ ହୋଇନାହିଁ। ମନ୍ଥର ଗତିରେ କାମ ଚାଲିଥିବାରୁ ତାହା ମଧ୍ୟ କେବେ ସରିବ କହିବା ମୁସ୍କିଲ। ଫଳରେ ରାଜପଥରେ ହିଁ ଟ୍ରକ ଗୁଡିକ ପାର୍କିଂ କରାଯାଉଥିବା ଦେଖିବାକୁ ମିଳିଛି। ବଡ ବଡ ଟ୍ରକ୍ ହୋଇଥିବାରୁ ରାସ୍ତାର ଏକ ବଡ ଅଂଶରେ ଏହି ସବୁ ଟ୍ରକ୍ ପାର୍କିଂ ହେଉଥିବାରୁ ସଂଧ୍ୟାରୁ ରାତି ପର୍ଯ୍ୟନ୍ତ ଯାତାୟାତ କରୁଥିବା ଯାତ୍ରୀଙ୍କ ପାଇଁ ବଡ ସମସ୍ୟା ସାଜିଛି। ଅନେକ ସମୟରେ ଛିଡା ହୋଇଥିବା ଟ୍ରକ୍ ସହ ଧକ୍କା ଲାଗି ଅନେକଙ୍କ ଜୀବନ ହାନି ହୋଇସାରିଛି।

ତେବେ ଏହି ସବୁ ଟ୍ରକ ଗୁଡିକ ଠିକ ଭାବେ ପାର୍କିଂ ନକରିବା, ପାର୍କିଂ କରୁଥିବା ଅଞ୍ଚଳରେ ଆବଶ୍ୟକ ପରିମାଣର ଆଲୋକୀକରଣ ବ୍ୟବସ୍ଥା ନଥିବାରୁ ଏହି ସବୁ ଦୁର୍ଘଟଣା ଘଟୁଥିବା ବେଳେ ଜାତୀୟ ରାଜପଥ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ ଏହାକୁ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ତେବେ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଅନ୍ୟ ଯାତ୍ରୀଙ୍କ ସୁରକ୍ଷା ପାଇଁ ଉଭୟ ଜାତୀୟ ରାଜପଥ ବିଭାଗ ଓ ଜିଲ୍ଲା ପ୍ରଶାସନ ଟ୍ରକ୍ ପାର୍କିଂ ଅଞ୍ଚଳରେ ଆଲୋକୀକରଣ ବ୍ୟବସ୍ଥା ଓ ଏହା ସହିତ ବାଇପାସ ଟର୍ମିନାଲ କାମ ଶୀଘ୍ର ସାରିବାକୁ ଦାବି ହୋଇଛି।

## ପୁଲିସ ପକ୍ଷରୁ ସଚେତନତା ଅଭିଯାନ

ସଇଁତଲା,୧୨।୮(ସମିସ): ଦିନକୁ ଦିନ ଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପରି ହୀନ ମାନସିକତା ବଢ଼ି ଚାଲିଛି। ଆତ୍ମହତ୍ୟା, ଆତ୍ମାହୁତି ପରି ହୀନମାନସିକତା ଠାରୁ କିପରି ଛାତ୍ରଛାତ୍ରୀ କିପରି ଦୂରେଇ ରହିବେ ଓ ସୁସ୍ଥ ସମାଜ ଗଠନରେ ସହାୟକ ହେବେ ସେଥିପାଇଁ କଲେଜ ଅଧ୍ୟକ୍ଷ ସରୋଜ କୁମାର ବାରିକଙ୍କ ସଭାପତିତ୍ୱରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା।ମୁଖ୍ୟଅତିଥି ଭାବେ ଥାନା ଅଧିକାରୀ ସୁଶାନ୍ତ ବଡ଼େଇ ଯୋଗଦେଇଙ୍କ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ସଚେତନତା ସଭା କରି ଛାତ୍ରୀଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। କିଛି ବି ଅସୁବିଧାର ସମ୍ମୁଖୀନ ହେଲେ ନିର୍ଭୟରେ ପୁଲିସକୁ ଜଣାଇପାରିବେ। ପୁଲିସ ତାଙ୍କ ସହିତ ସବୁବେଳେ ଅଛି। ଏଣୁ ଆତ୍ମହତ୍ୟା, ଆତ୍ମାହୁତି ପରି ହୀନମାନସିକତା ଠାରୁ ଦୂରେଇ ରହିବା ପାଇ ଛାତ୍ରୀଙ୍କୁ ଅନୁରୋଧ କରିଥିଲେ।ସଚେତନତା କାର୍ଯ୍ୟକ୍ରମର ସ୍ଥାନୀୟ କଲେଜ ଅଧ୍ୟକ୍ଷ ସରୋଜ କୁମାର ବାରିକ,ଅଧ୍ୟାପକ ଡିଲେଶ୍ୱର ଭୋଇ,ଶଶୀ ଭୂଷଣ ସାହୁ, ଏସଏସ୍ଆଇ ଥବିର ମହାରଣା,ହେମନ୍ତ ବେହେରା, ମଙ୍ଗଳ ମାରକାମି ସମେତ କଲେଜ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ବଲାଙ୍ଗିର ଗସ୍ତରେ ଉପମୁଖ୍ୟମନ୍ତ୍ରୀ

ବଲାଙ୍ଗିର,୧୨।୮(ସମିସ): ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦିନିକିଆ ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସି ରାଣୀପୁର ଝରିଆଲର ଚଉଷଠି ଯୋଗିନୀ ପୀଠ, ସୋମେଶ୍ୱର ମନ୍ଦିର, ଇନ୍ଦ୍ରଲାଧ ମନ୍ଦିର ଏବଂ ହରିଶଙ୍କର ପୀଠ ପରିଦର୍ଶନ କରିଥିଲେ। ଏହାସହ ଜିଲ୍ଲାରେ ପର୍ଯ୍ୟଟନ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି।ଏହି ଅବସରରେ ବଲାଙ୍ଗିର ସହରର ଏକ ହୋଟେଲ ମ୍ୟାନେଜମେଣ୍ଟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନସ୍ଥ ସୁଭଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ପୋଷଣ, ଅଙ୍ଗନବାଡି ଆଦି ବିଷୟର କାର୍ଯ୍ୟକାରିତା ଉପରେ ପ୍ରାରମ୍ଭରେ ଆଲୋଚନା କରାଯାଇଥିଲା। ଶେଷରେ ପର୍ଯ୍ୟଟନ ବିଭାଗ ଅଧୀନରେ ଥିବା ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପରେ ଏସଆଇଏଚଏମର ଛାତ୍ରଛାତ୍ରୀଙ୍କ ସହ ବୈଠକ ହୋଇଥିଲା। ଗସ୍ତ ସମୟରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାରଙ୍କ ସମେତ ଜିଲ୍ଲାପାଳ(ସାଧାରଣ) ଡ. ବିଜୟାନନ୍ଦ ସେଠି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ତରଣୀ ସୁନା, ଉପଜିଲ୍ଲାପାଳ, ବଲାଙ୍ଗିର, ଟିଟିଲାଗଡ ଓ ପାଟଣାଗଡ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବ୍ଲକ୍‌ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



## ଏଡ୍‌ସ ଓ ଯୌନ ସଂକ୍ରମଣ ସମ୍ପର୍କିତ ସଚେତନତା

ବଲାଙ୍ଗିର,୧୨।୮(ସମିସ): ଆନ୍ତର୍ଜାତୀୟ ଯୁବ ଦିବସ ଅବସରରେ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବଲାଙ୍ଗୀର ଏଚ୍ଆଇଭି. / ଏଡ୍‌ସ ଓ ଯୌନ ସଂକ୍ରମଣ ଜନିତ ରୋଗ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମର ସରକାର ବାଳିକା ମହାବିଦ୍ୟାଳୟରେ ଶୁଭାରମ୍ଭ କରାଯାଇଛି।




କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଅରବିନ୍ଦ କୁମାର ଓଝା, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡା.ସିଦ୍ଧେଶ୍ୱର ମାଝୀ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଦିବ୍ୟକିଶୋର ପତି ଓ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥାର ଅଧିକାରୀ ହେମନ୍ତ କୁମାର ଦାଶ, ରେଡ଼କ୍ରସ୍‌ର ଅଧିକାରୀ ସୁଶ୍ରୀ ସଙ୍ଗୀତା ଦାସ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଆସନ୍ତା ୧୧ ତାରିଖରେ ସରିବ।ଦୁଇ ମାସ କାର୍ଯ୍ୟ ମଧ୍ୟରେ ବିଭିନ୍ନ ବର୍ଗର ଜନସାଧାରଣ ମାନଙ୍କୁ ଓ ବ୍ୟକ୍ତି ବିଶେଷଙ୍କୁ ସଚେତନତା କରାଯିବ।

ଗ୍ରାମାଞ୍ଚଳରେ ବସବାସ କରୁଥିବା ବ୍ୟକ୍ତି ବିଶେଷ, କଲେଜ ଛାତ୍ର/ଛାତ୍ରୀ, ପଞ୍ଚାୟତରାଜ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ/ ସଦସ୍ୟାଙ୍କୁ ସଚେତନ କରାଯିବ।ଏଚ୍ଆଇଭି / ଏଡ୍‌ସ ଓ ଯୌନ ସଂକ୍ରମଣ ଜନିତ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ। ଆଜିର କର୍ମଶାଳାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅରବିନ୍ଦ କୁମାର ଓଝା ସ୍ୱାଗତ ଭାଷଣ ଦେଇଥିଲେ। ଏଡ୍‌ସ ପ୍ରକଳ୍ପର ଅଧିକାରୀ ଶ୍ରୀ ଦାଶ ଏଚ୍ଆଇ ଭି / ଏଡ୍‌ସ ଓ ଯୌନ ସଂକ୍ରମିତ ରୋଗର କାରଣ ଓ ଏହାର ପ୍ରତିକାର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡ. ମାଝୀ ଏଚ୍ଆଇଭି ଓ ଯକ୍ଷ୍ମା ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ଦିବ୍ୟକିଶୋର ପତି ଏଚ୍ଆଇଭିର ପରୀକ୍ଷା ଓ ପରାମର୍ଶ ସମ୍ପର୍କରେ ବୁଝାଇ କହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସାହୁ ଆନ୍ତର୍ଜାତିକ ଯୁବ ଦିବସ ସମ୍ପର୍କରେ ଓ ଯୁବଗୋଷ୍ଠୀର ସମାଜ ଗଠନ ଦିଗରେ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

ମହାବିଦ୍ୟାଳୟର ଯୁବ ରେଡ଼କ୍ରସ୍‌ର ଅଧିକାରୀ ସୁଶ୍ରୀ ସଙ୍ଗୀତା ଦାସ ଓ ସରଦର ମାଝୀ ନିଜର ସୁଚିନ୍ତିତ ମତାମତ ପୋଷଣ କରିଥିଲେ। କର୍ମଶାଳାରେ ୭୦୦ରୁ ଉଠର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କର୍ମଶାଳାକୁ ଜିଲ୍ଲା ଏଡ଼ସ ନିୟନ୍ତ୍ରଣ ସମିତିର ସଦସ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ ଓ ସଂଜୀବ କୁମାର କାନୁନଗୋ ଅଂଶ ଗ୍ରହଣ କରିଥିଲେ।

## ସରକାରୀ ମହାବିଦ୍ୟାଳୟରେ ମେହେର ଜୟନ୍ତୀ



ବଲାଙ୍ଗିର,୧୨।୮(ସମିସ):ଗଙ୍ଗାଧରଙ୍କର ସାହିତ୍ୟରେ ଶାନ୍ତିର ବାର୍ତ୍ତା ସାଂପ୍ରତିକ ସମୟରେ ବିଶେଷ ପ୍ରଯୁଜ୍ୟ କାରଣ ଆଜି ସାରା ପୃଥିବୀରେ ଜାନ୍ତବ ତଥା ହିଂସ୍ର ଆଚରଣ ବ୍ୟାପୀ ଯାଇଛି। ସେଥିପାଇଁ ଆମେ ମୁଖ୍ୟ ଭାବେ ଛାତ୍ରଛାତ୍ରୀ ମେହେର ସାହିତ୍ୟ ଅଧ୍ୟୟନ କରି ଆଚରଣରେ ପ୍ରତିଫଳିତ କଲେ ଏକ ସୁସ୍ଥ ସମାଜ ଗଠନ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ପ୍ରଥମେ କବିଙ୍କ ଫଟୋଚିତ୍ରରେ ପୂଜନ ପରେ ଛାତ୍ରୀଙ୍କ ଦ୍ୱାରା ଆବାହନୀ ସଙ୍ଗୀତ 'ବିଶ୍ୱ ଦେଖ ମଧୁମୟ'ରେ ଗାୟନ ହୋଇଥିଲା। ବକ୍ତା ଭାବେ ଚନ୍ଦନଭାଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତଥା ଅଧ୍ୟାପକ ଅଶୋକ କୁମାର ପଣ୍ଡା ଓ ମାଣ୍ଡୋସିଲ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ କୌତୁକ ପଧାର ତାଙ୍କର ସଭାପତିତ୍ୱ ଅଭିଭାଷଣରେ କବି ମେହେର କିଭଳି ପ୍ରକୃତିକୁ ଖୁବ୍ ସୁନ୍ଦର ଏବଂ ମାନବୀୟ ଢଙ୍ଗରେ ଉପସ୍ଥାପନ କରି ଭାରତୀୟ ସାହିତ୍ୟକୁ ଉଜ୍ଜୀବିତ କରିଥିଲେ ବୋଲି କହିଥିଲେ। ଅତିଥି ପରିଚୟ ଓ ଉଦ୍ଦେଶ୍ୟଜ୍ଞାପନ ଅଧ୍ୟାପକ ହୃଷୀକେଶ ଦାସ ଏବଂ ସଂଯୋଜନା କରିଥିଲେ ଅଧ୍ୟାପକ ଆଶୀର୍ବାଦ ସାହୁ। ଧନ୍ୟବାଦ୍ ଦେଇଥିଲେ ଅଧ୍ୟାପକ ସୁମନ୍ତ ରଣା।


## ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କଣ୍ଟାବାଞ୍ଜି,୧୨।୮(ସମିସ):ବଲାଙ୍ଗୀର ଜିଲ୍ଲାର ପ୍ରସିଦ୍ଧ ପୁଞ୍ଜିପଥର ଡଙ୍ଗରବୁଢା ପୀଠକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଓ ବିକାଶ ଏବଂ ଛତ୍ରଙ୍ଗର ଗୁମ୍ଫା ଡ୍ୟାମ୍‌କୁ ଇକୋଟୁରିଜିମ କରିବା ଦାବି ନେଇ ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘ ପକ୍ଷରୁ ବଲାଙ୍ଗିର ଗସ୍ତରେ ଆସିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।ସାମ୍ବାଦିକ ସଂଘର ସଭାପତି ରଶ୍ମିରଞ୍ଜନ ପୁଟେଲଙ୍କ ନେତୃତ୍ୱରେ ଦାବି କରାଯାଇଥିଲା। ସୂଚନା ଅନୁସାରେ ,ବଲାଙ୍ଗିର ଜିଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଅନେକ ଐତିହାସିକ ତଥା ପର୍ଯ୍ୟଟନସ୍ଥଳ ରହିଛି। ଏହାର ଭିତ୍ତିଭୂମିର ବିକାଶ ସହିତ ପାରିପାର୍ଶ୍ୱିକ ଉନ୍ନତି ପ୍ରତି ଦୃଷ୍ଟି ଦିଆଗଲେ ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ପୁଞ୍ଜିପଥର ଠାରେ ଥିବା ଡଙ୍ଗରବୁଢା ପୀଠର ବିକାଶ ଓ ପାରିପାର୍ଶ୍ୱିକ ଉନ୍ନତି, ପର୍ଯ୍ୟଟକଙ୍କ ରହିବାର ବ୍ୟବସ୍ଥା କରାଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଇବ। ପୁଞ୍ଜିପଥର ଡଙ୍ଗର ଉପରେ ଥିବା ମନ୍ଦିରକୁ ଯିବା ପାଇଁ ଆହୁରି ସୁବ୍ୟବସ୍ଥା, ଆଲୋକିକରଣ, ପାନୀୟଜଳର ବ୍ୟବସ୍ଥା, ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମଗାର, ଶୌଚାଳୟ ଆଦି ଦିଗରେ ପଦକ୍ଷେପ ନେଲେ ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ହୋଇପାରିବ। ବଙ୍ଗୋମୁଣ୍ଡା ବ୍ଲକ୍ ଜୁରାବନ୍ଧ ପଞ୍ଚାୟତ ଛତ୍ରଙ୍ଗ ଗ୍ରାମରେ ଥିବା ଗୁମ୍ଫା ଡ୍ୟାମ୍‌କୁ ଇକୋଟୁରିଜିମ କରାଯାଉ।ପୁଞ୍ଜିପଥର ଡଙ୍ଗରବୁଢା ପୀଠକୁ ପର୍ଯ୍ୟଟନର ମାନ୍ୟତା ଓ ବିକାଶ ,ଛତ୍ରଙ୍ଗର ଗୁମ୍ଫା ଡ୍ୟାମକୁ ଇକୋଟୁରିଜିମରେ ପରିଣତ କରିବା ପାଇଁ ପଦକ୍ଷେପ ନେବା ପାଇଁ ସାମ୍ବାଦିକ ସଂଘ ବଙ୍ଗୋମୁଣ୍ଡା ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଦେବା ସମୟରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସଂଘର ସମ୍ପାଦକ ହୁଲେଶ୍ୱର ହଂସ, କାର୍ଯ୍ୟକାରୀ ସଭାପତି ଅଶୋକ ନାରାୟଣ ଭୋଇ, ଉପସଭାପତି ଅନିଲ ତ୍ରିପାଠୀ, କୋଷାଧ୍ୟକ୍ଷ ଦୀପକ ଯାଦବ, ସଦସ୍ୟ ନାରାୟଣ ମିଶ୍ର, ନିତ୍ୟାନନ୍ଦ ପୃସେଠ, ରାଧେଶ୍ୟାମ ମେହେର ପ୍ରମୁଖଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ।



# ଓଡ଼ିଶା ଶିଳ୍ପୀ ମହାସଂଘର ଶୋଭାଯାତ୍ରା

ବଲାଙ୍ଗିର,୧୨।୮(ସମିସ)



ବଲାଙ୍ଗିର ଜିଲ୍ଲା ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏବଂ ଓଡ଼ିଶା ହସ୍ତତନ୍ତ, ହସ୍ତତନ୍ତ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଦାବିରେ ଶୋଭାଯାତ୍ରା ବାହାରି ଜିଲ୍ଲାପାଳ ଅଫିସ ରେ ପହଞ୍ଚିଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସୂଚନା ଅନୁସାରେ ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫୦୦ରୁ ପାଖାପାଖି ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି। ହେଲେ ଏଥିରୁ ହସ୍ତଶିଳ୍ପୀ ଉପକୃତ ହୋଇନାହାନ୍ତି। ଯୋଜନାରେ କିନ୍ତୁ କଳାକାରଙ୍କ ଭଳି ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ବୁଣାକାର ଏବଂ ହସ୍ତଶିଳ୍ପୀ ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ସରକାରୀ ନିୟମ ରହିଥିବାରୁ ଅନେକ ଯୋଗ୍ୟ ଏଥିରୁ ବାଦ୍ ପଡ଼ିଥିବା ଓଡ଼ିଶା ଶିଳ୍ପୀ ମହାସଂଘ ଅଭିଯୋଗ କରିଛି। ତେବେ ସହାୟତା ରାଶି ଦୁଇ ହଜାରରୁ ପାଞ୍ଚ ହଜାର କରିବା ସହ ଏହା କୌଳିକ ବୃତ୍ତି ହୋଇଥିବାରୁ ପରିବାରର ସମସ୍ତଙ୍କୁ ସାମିଲ କରିବାକୁ ସଂଘ ଦାବି କରିଛି। ଓଡିଶା ଶିଳ୍ପୀ ମହାସଂଘର ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡକୁ ଶୀଘ୍ର ରାଜ୍ୟ ସରକାର ଗଠନ କରିବାକୁ ମଧ୍ୟ ସଂଘ ଦାବି କରିଛି। ସେହିପରି ପୂର୍ବ ସରକାର ସମୟରେ ନିପୁଣ ଶିଳ୍ପୀ /ବୁଣାକାରଙ୍କ ଦରମା ବୃଦ୍ଧି, ପ୍ରଶିକ୍ଷାର୍ଥୀଙ୍କ ଭତା ବୃଦ୍ଧି, ଦେଢଶହରୁ ଉଦଢଶ ହସ୍ତଶିଳ୍ପ ଗ୍ରାମ ବା ପୁଞ୍ଜର ଚିହ୍ନଟ ପାଇଁ ସାଇନ ବୋର୍ଡ ବ୍ୟବସ୍ଥା, ଶିଳ୍ପୀ ଓ ବୁଣାକାରଙ୍କ ପାଇଁ କର୍ମଶାଳା, ଉତ୍କଳିକା ମାଧ୍ୟମରେ ସାହାଣ ପଥର ଯୋଗାଣ ଓ ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ପ୍ରତିଷ୍ଠା ଆଦି ଅନେକ ନିଷ୍ପତି ନିଆଯାଇ ପାରିଥିଲା। କିନ୍ତୁ ବର୍ତ୍ତମାନର ସରକାର ଏହାକୁ ଅଣଦେଖା କରୁଥିବା ସଂଘ ଦାବି କରିଛି। ଯାହାକୁ ନେଇ ସଂଘ ଅସନ୍ତୋଷ ପ୍ରକାଶ କରିବା ସହ ଏହାର ଶୀଘ୍ର ସମାଧାନ କରିବା ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲା ସଭାପତି ଗୌର ରଣାଙ୍କ ନେତୃତ୍ୱ ରେ ଶତାଧିକ ସଂଘ ର ସଦସ୍ୟ ମାନେ ଶୋଭାଯାତ୍ରାରେ ଆସି ଦାବିପତ୍ର ପ୍ରଦାନ କରିଥିଲେ।ଏଥିରେ ମହାସଂଘର ରାଜ୍ୟ ସଂପାଦକ ପ୍ରିୟରଂଜନ କର, କୃଷ୍ଣଚନ୍ଦ୍ର ରଣା, ଲୋଚନ ମେହେର, ରଶ୍ମିତ ବିଶି, ପ୍ରମୋଦିନୀ ପଟେଲ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଉପମୁଖ୍ୟମନ୍ତ୍ରୀ ଗସ୍ତ ପାଇଁ କଂଗ୍ରେସ କର୍ମୀ ଅଟକ

ଦେଓଗାଁ,୧୨।୮(ସମିସ):ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ବଲାଙ୍ଗିର ଗସ୍ତ ସାରି ଫେରିବା ବେଳେ ଆଇନ ଶୃଙ୍ଖଳାକୁ ନେଇ ଦେଓଗାଁ ବଙ୍ଗଳା ଛକ ଠାରୁ ଜିଲ୍ଲା କଂଗ୍ରେସ ସଂପାଦକ ତଥା ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର କୁ ସ୍ଥାନୀୟ ପୁଲିସ ଥାନାରେ ଅଟକ ରଖିଥିଲା। ଗତ ଦୁଇ ଦିନ ଧରି ରାଜ୍ୟ ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ଦାୟିତ୍ୱରେ ଥିବା ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ବଲାଙ୍ଗିର ଗସ୍ତ ରହିଥିଲା। ଉପ ମୁଖ୍ୟମନ୍ତ୍ରୀ ବଲାଙ୍ଗିରରୁ ବାହାରି ତୁଷୁରା ଉଡାଜାହାଜ ପଡିଆରୁ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଥିଲା। ବାଟରେ ବିରୋଧି ଦଳ କର୍ମିମାନେ ଦେଓଗାଁ ବ୍ଲକ୍‌ରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଉପମୁଖ୍ୟମନ୍ତ୍ରୀ ଚାଷୀଙ୍କ ସ୍ୱାର୍ଥକୁ ନେଇ କୌଣସି



ପଦକ୍ଷେପ ବା ସମୀକ୍ଷା କରିନଥିବା ଅଭିଯୋଗ ଆଣିଥିଲେ।ଏହାକୁ ନେଇ ଉପ ମୁଖ୍ୟମନ୍ତ୍ରୀଙ୍କୁ ଧାନ ବିଲରେ ମରିଯାଇଥିବା ଧାନ ଗଛକୁ ଦେଖାଇବା ପାଇଁ ବଙ୍ଗଳା ଛକ ଠାରେ ପୂର୍ବ ପ୍ରସ୍ତୁତି ହୋଇଥିଲା।ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୁଲିସ ଖବର ପାଇ କଂଗ୍ରେସ ଯୁବନେତା ବିଶ୍ୱଜିତ ପାତ୍ରଙ୍କୁ ଉଠାଇ ଥାନାରେ ଅଟକ ରଖି ଉପମୁଖ୍ୟମନ୍ତ୍ରୀ ଗଲା ପରେ ଛାଡି ଦେଇଥିବା ଜଣାପଡିଛି।

# ଦ୍ୱିତୀୟ ଦିନରେ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ

ଭବାନୀପାଟଣା, ୧୨।୮ (ସମିସ)



ଓଡ଼ିଶା ରାଜସ୍ୱ ଅମଲା ସଙ୍ଘର ଆହ୍ୱାନ କ୍ରମେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ଦାବି ପୂରଣ ନେଇ ସଂଘ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଥିଲେ ବି କୌଣସି ସୁଫଳ ନ ହେବାରୁ ଶେଷରେ ବାଧହୋଇ ସେମାନେ ଏହି ଆନ୍ଦୋଳନ ଡାକରା ଦେଇଛନ୍ତି। ଏହି ଆନ୍ଦୋଳନ ଯୋଗୁଁ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଓ ଉପଖଣ୍ଡରେ ସରକାରୀ କାର୍ଯ୍ୟ ଏକ ପ୍ରକାର ଥିମେଇଯାଇଛି। ଦାବି ପୂରଣ ନ ହେବା ଯାଏଁ ଏହି ଆନ୍ଦୋଳନ ବଳବତ୍ତର ରହିବ ବୋଲି କଳାହାଣ୍ଡି ଜିଲ୍ଲା ସମ୍ପାଦକ ଆଶୁତୋଷ ମିଶ୍ର ଓ ଉପ ସଭାପତି ନୀଳକଣ୍ଠ ଗୌଡ଼ ପ୍ରକାଶ କରିଛନ୍ତି। ସ୍ଥାନୀୟ ଅମଲା ଭବନରେ ଅନୁଷ୍ଠିତ ବୈଠକରେ ସୁନୀଲ କାନୁନଗୋ, ଲକ୍ଷ୍ମୀନାରାୟଣ ପୃଷ୍ଟି, କାଶୀନାଥ ଦଣ୍ଡସେନା, ବିଷ୍ଣୁ ଚରଣ ପାତ୍ର, ସୁଦୀପ୍ତ ରଞ୍ଜନ ସିଂ, ଚିନ୍ମୟୀ ଠାକୁର, ଲେଖାରମ ଗହୀର ଓ ବିନାୟକ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଅଜବ କଥା ହେଉଛି ଯେ ରାଜ୍ୟରେ ୩୨ଟି ବିଭାଗକୁ ନେଇ ଗଢି ଉଠିଥିବା ଓଡ଼ିଶା ଅମଲା ସଂଘ ଏହି କାର୍ଯ୍ୟବନ୍ଦ ଡାକରାକୁ ସମର୍ଥନ ନ କରି ଦୂରେଇ ରହିଛି। ଗତ ୯ ତାରିଖ ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ଓ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ରଙ୍କଠାରୁ ପୃଥକ୍ ଭାବେ ଓଡ଼ିଶା ଅମଲା ସଂଘର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆଙ୍କ ମୋବାଇଲକୁ ମେସେଜ ଦ୍ୱାରା ୨ଟି ଅନୁରୋଧ ପତ୍ର ଆସିଥିଲା; ଯେଉଁଥିରେ ଉଲ୍ଲେଖ ଥିଲା ଯେ, ରାଜସ୍ୱ ଅମଲା ସଂଘର ଜୁଲାଇ ୧୩ କାଉନ୍‌ସିଲ୍ ବୈଠକ ମୁତାବକ ଅଗଷ୍ଟ ୧୧ରୁ ଓଡ଼ିଶା ରାଜସ୍ୱ ଅମଲା ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବ। ଓଡ଼ିଶା ଅମଲା ସଂଘକୁ ସମର୍ଥନ ଦେବାପାଇଁ ଏଥିରେ ଉଲ୍ଲେଖ ଥିଲା; କିନ୍ତୁ କେହି ଫୋନ୍ କରି ଜଣାଇ ନ ଥିଲେ। ଏଥିରେ ରାଜସ୍ୱ ଅମଲା ସଂଘର ଦାବି କ'ଣ ଥିଲା ତାହା ମଧ୍ୟ ପଠା ଯାଇ ନ ଥିଲା। କେଉଁ ଦାବି ପୂରଣ ପାଇଁ ଓଡ଼ିଶା ଅମଲା ସଂଘ ସମର୍ଥନ ଜଣାଇବ ତାହାର ମଧ୍ୟ ଆଭିମୁଖ୍ୟ କିଛି ସ୍ୱଷ୍ଟ ନ ଥିଲା। ସେଥିପାଇଁ ଓଡ଼ିଶା ଅମଲା ସଂଘ ଅନୁରୋଧ ପତ୍ର ପାଇବା ସତ୍ତ୍ୱେ ସଂଘର ସମର୍ଥନ ଦେବା ସପକ୍ଷରେ ନ ଥିବା ଲକ୍ଷ୍ୟ କରାଯାଇଛି। ଓଡ଼ିଶା ଅମଲା ସଂଘର ଯୁକ୍ତି ଯେ ଜୁଲାଇ ୧୩ ପୂର୍ବରୁ କିମ୍ବା ସେହିଦିନ ଓଡ଼ିଶା ଅମଲା ସଂଘର ମତାମତ ନିଆଯାଇପାରିଥାନ୍ତା; ହେଲେ ଦୁର୍ଭାଗ୍ୟର ବିଷୟ କେହି କିଛି ଜଣାଇବାକୁ ଚେଷ୍ଟା କରିନାହାନ୍ତି। ଏଭଳି ସ୍ଥିତିରେ ଓଡ଼ିଶା ଅମଲା ସଂଘ ୧୧ ତାରିଖରେ ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଦୂରେଇ ରହିବ ବୋଲି ପ୍ରେସ୍ ବିବୃତ୍ତି ଦେଇ ସ୍ୱଷ୍ଟ କରିଛି। ଏଣୁ ଦାବି ହାସଲ କ୍ଷେତ୍ରରେ ଅମଲା ସଂଘ ଭାଗ ଭାଗ ହୋଇ ଆନ୍ଦୋଳନ କରିବା ଦୁର୍ବଳ ମାନସିକତାକୁ ସୂଚାଉଛି। ପୂର୍ବର ଦୀର୍ଘ ଦିନର ଆନ୍ଦୋଳନ ସରକାରଙ୍କୁ ବ୍ୟତିବ୍ୟସ୍ତ କରିଥିଲେ ସୁଦ୍ଧା ସମୟସୀମା ପାର ହୋଇଯାଇଥିଲା। ତଥାପି ସରକାର କିଛି ସିଦ୍ଧାନ୍ତ ନେଇ ଅମଲାମାନଙ୍କ ଦାବି ପୂରଣ କରିବା ପାଇଁ ସଜବାଜ ହେଉଥିବା ଆଭାସ ମିଳୁଥିବାବେଳେ ଏବେ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ କି ପ୍ରକାର ପ୍ରଭାବ ପକାଇବ ତାହା ଆଗକୁ ଜଣାପଡ଼ିବ। କିନ୍ତୁ ଅନିର୍ଦ୍ଦିଷ୍ଟ ସମୟ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଜନ ସାଧାରଣ ଯେଉଁ ଅସୁବିଧା ଭୋଗିବେ ସେଥିପାଇଁ ଉତ୍ତରଦାୟୀ କିଏ ହେବେ ବୋଲି ପ୍ରଶ୍ନ ଉଠୁଛି। ରାଜ୍ୟର ବୃହତ୍ତ ଓଡ଼ିଶା ଅମଲା ସଂଘକୁ ଅନ୍ଧାରରେ ରଖି ଓଡ଼ିଶା ରାଜସ୍ୱ ଅମଲା ସଂଘର ଏହି ଆନ୍ଦୋଳନ ଡାକରାକୁ ସରକାର କେଉଁ ଦୃଷ୍ଟିରେ ଦେଖିବେ ତାହା ଜାଣିବା ଅତ୍ୟନ୍ତ ଜରୁରୀ।

- କର୍ମଚାରୀଙ୍କ ସମୂହ ଛୁଟି, ଜନ ସାଧାରଣ ହଟହଟା
- ସହଯୋଗ କରୁନି ଓଡ଼ିଶା ଅମଲା ସଂଘ

## ୱାରେଣ୍ଟି ଗିରଫ

କର୍ଲାମୁଣ୍ଡା, ୧୨।୮ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଫାଣ୍ଡି ଅଧୀନ ପୌରକେଲା ପଞ୍ଚାୟତର ଶିରାବାହାଲ ଗ୍ରାମରୁ ରିଷିଡା ପୁଲିସ ଜଣେ ୱାରେଣ୍ଟିକୁ ଗିରଫ କରିଛି। ଶିରାବାହାଲ ଗ୍ରାମର ଯାଦବ ଦଣ୍ଡସେନାଙ୍କ ନାଁରେ ୨୦୦୯ ମସିହାରେ ଏକ ମାମଲା ରହିଛି। ତାଙ୍କ ବିପକ୍ଷରେ ମ ରାମପୁର ଜେଏମଏଫସିରେ ମାମଲା ବିଚାରାଧୀନ ରହିଛି। ସେ କୋର୍ଟରେ ଅନୁପସ୍ଥିତ ରହୁଥିବାରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ରିଷିଡା ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ଯାଦବକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ଡିଗ୍ରୀ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ




କୋକସରା, ୧୨।୮ (ସମିସ): କୋକସରା ବ୍ଲକ ସଦର ମହକୁମାସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ସଂସ୍କୃତ ସପ୍ତାହ ପାଳିତ ହୋଇଛି। ଏଥିରେ କଲେଜ ଅଧ୍ୟକ୍ଷ ପୁଷ୍ପରାଜ ମେହେର, ଜବାହର ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟତ୍ରୀ ବନିତା ଦତ୍ତା, ଦେବସ୍ମିତା ସାହୁ, ଅଧ୍ୟାପକ ଜଗନ ଚନ୍ଦାନୀ, ଅଧ୍ୟାପକ କ୍ୟାପଟେନ ଅଶ୍ୱିନୀ ପଟ୍ଟନାୟକ, ଅଧ୍ୟାପିକା ସୁଶ୍ରୀ ବେଦମୟୀ ବାରିକ, କନକ ମଞ୍ଜରୀ ବେହେରା, ଶୁଭଶ୍ରୀ ସହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମଗଡ଼ରେ ତିରଙ୍ଗା ଶୋଭାଯାତ୍ରା



ଧର୍ମଗଡ଼, ୧୨।୮ (ସମିସ): ଧର୍ମଗଡ଼ ଏନଏସି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଅଶୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସରକାରୀ, ବେସରକାରୀ ସ୍କୁଲକଲେଜର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଏସଏଚଜି ଗ୍ରୁପର ମହିଳା, ଅଙ୍ଗନୱାଡି କର୍ମୀ, ଏନଏସି କର୍ମଚାରୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଧର୍ମଗଡ଼ର ଇଷ୍ଟ ଦେବୀ ମା' ଭଣ୍ଡାର ଘରଣୀଙ୍କ ମନ୍ଦିରଠାରୁ ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା।

## ସ୍ୱାଧୀନତା ଦିବସ ପାଇଁ ଡିଲେଶ୍ୱରଙ୍କୁ ଦିଲ୍ଲୀରୁ ନିମନ୍ତ୍ରଣ



ଭବାନୀପାଟଣା, ୧୨।୮ (ସମିସ): କଳାହାଣ୍ଡିର ଯୁବ ଲେଖକ ଡିଲେଶ୍ୱର ରଣା ନୂଆଦିଲ୍ଲୀସ୍ଥିତ ଲାଲକିଲ୍ଲାରେ ଆୟୋଜିତ ହେବାକୁ ଥିବା ୭୯ତମ ସ୍ୱାଧୀନତା ଦିବସରେ ଯୋଗଦେବେ। ଏଥିପାଇଁ ତାଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିମନ୍ତ୍ରଣ ମିଳିଛି। ଭାରତ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଅତିଥି ଭାବେ ତାଙ୍କୁ ନିମନ୍ତ୍ରିତ କରାଯାଇଛି। କଳାହାଣ୍ଡିର ଜଣେ ଯୁବଲେଖକ ଭାବେ ପ୍ରଥମଥର ପାଇଁ ଲାଲକିଲ୍ଲାସ୍ଥିତ କାର୍ଯ୍ୟକ୍ରମରେ ସାମିଲ ହେବେ।

## କେନ୍ଦୁମୁଣ୍ଡାରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର



ସିନାପାଲି, ୧୨। ୮ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପକ୍ଷୀ ପାଇଁ ଦିନଟିଏ, ସବୁଘରେ ତ୍ରିରଙ୍ଗା ସବୁଘରେ ସ୍ୱଚ୍ଛତା, ପ୍ଲାଷ୍ଟିକ ନିଷେଧ ଅଭିଯାନ, ପ୍ରାଣୀ ପାଇଁ ଦିନଟିଏ, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ମଧୁସୂଦନ ଦାସ, ସରପଞ୍ଚ ମଦନ ଦଣ୍ଡସେନା, ସିନାପାଲି ବିଡିଓ କାର୍ମି ଓରାମ, ସିଡିପିଓ ଉର୍ମିଳା ମହାପାତ୍ର, ବ୍ଲକ ଉପାଧ୍ୟକ୍ଷା ମିନା ଘିଭେଲା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

## କନିଷ୍ଠ ଶିକ୍ଷକଙ୍କ ଆନ୍ଦୋଳନ

ଭବାନୀପାଟଣା, ୧୨।୮ (ସମିସ): କଳାହାଣ୍ଡି ଜିଲ୍ଲାର କନିଷ୍ଠ ଶିକ୍ଷକ ସଂଘ ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା ତଥା ଶିକ୍ଷକଙ୍କ ପ୍ରତି ବୈମାତୃକ ମନୋଭାବ ବିରୋଧରେ ରାଜରାସ୍ତାକୁ ଓହ୍ଲାଇଛି। ଗତ ୨ ତାରିଖ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପତ୍ର (୨୧୨୬୮) ରେ ସମସ୍ତ ଯୋଜନାଭିତ୍ତିକ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତିର ପ୍ରଥମ ଦିନରୁ ନିୟମିତ କରିବା ପାଇଁ ପ୍ରସ୍ତାବ ରହିଥିଲା; ଯାହା କନିଷ୍ଠ ଶିକ୍ଷକମାନଙ୍କ ମଧ୍ୟରେ ଆନନ୍ଦ ଖେଳାଇ ଦେଇଥିଲା। କିନ୍ତୁ ଏହାର ଠିକ୍ ୫ ଦିନ ପରେ ୭ ତାରିଖରେ ସରକାରଙ୍କ ଦ୍ୱାରା ଏହି ପତ୍ରକୁ ପ୍ରତ୍ୟାହାର କରି ଦିଆଯାଇଛି। ଶିକ୍ଷା ବିଭାଗର ଏଭଳି ନିଷ୍ପତ୍ତି କାରଣରୁ ସରକାରଙ୍କ ପ୍ରତି ବଶ୍ୱାସ ତୁଟୁଛି। ଯୋଜନାଭିତ୍ତିକ ଶିକ୍ଷକଙ୍କୁ ନେଇ ସରକାରଙ୍କ ବୈମାତୃକ ମନୋଭାବ ଭାବାବେଗକୁ କୁଠାରଘାତ କରିଛି ବୋଲି ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରକାଶ କରିଛନ୍ତି। ଇତିମଧ୍ୟରେ କନିଷ୍ଠ ଶିକ୍ଷକମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ଏନଓସିର ବ୍ୟବସ୍ଥାକୁ ମଧ୍ୟ କିଛି ଦିନ ପୂର୍ବରୁ ହଟାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସମସ୍ତ ମହିଳା କର୍ମଚାରୀଙ୍କ ପାଇଁ ମାସିକ ରତୁସ୍ରାବ ଜନିତ ଛୁଟିକୁ କିଛି ବିଦ୍ୟାଳୟରେ ଦିଆଯାଉଥିବା ବେଳେ କିଛି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏହି ଛୁଟି ଯୋଜନା ଭିତ୍ତିକ ଶିକ୍ଷୟତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ମତ ପୋଷଣ କରୁଛନ୍ତି। ସରକାରଙ୍କୁ ଏହି କଥା ବାରମ୍ବାର ଜଣାଇଲା ପରେ ମଧ୍ୟ ଏହାର ସୁଫଳ ମିଳୁନାହିଁ। ଏହି ସବୁ କାର୍ଯ୍ୟ ବିରୋଧରେ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ କଳାହାଣ୍ଡି ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସବୁ ଦାବି ୬ ଦିନ ମଧ୍ୟରେ ପୂରଣ ନ ହେଲେ ସାରା ଓଡ଼ିଶାର କନିଷ୍ଠ ଶିକ୍ଷକ ୧୮ ତାରିଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଭୁବନେଶ୍ୱର ଲୋୟେର ପିଏମଜି (ଗାନ୍ଧୀ ମାର୍ଗ) ରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। କଳାହାଣ୍ଡି ଜିଲ୍ଲାର ପ୍ରାୟ ୭ଶହରୁ ଅଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ।



## ୧୨୦ତମ ଶିକ୍ଷା ଚେତନା ଅଭିଯାନ

ଥୁଆମୂଳ ରାମପୁର, ୧୨।୮ (ସମିସ): ସ୍ଥାନୀୟ ମା' ମାଣିକେଶ୍ୱରୀ ପ.ସ.ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଫେସର ଭୁବନେଶ୍ୱର ବେହେରା ୟୁଥ ଅର୍ଗାନାଇଜେସନ ତରଫରୁ ୧୨୦ତମ ଶିକ୍ଷା ଚେତନା ଅଭିଯାନ-୨୦୨୫ ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ରୀ ଜଗନ୍ନାଥ ସଂସ୍କୃତି, ଓଡ଼ିଆ ଭାଷା ସାହିତ୍ୟ, ବିଜ୍ଞାନ, ପୁରାଣ, ତିଥି, ଦିବସ, ଇତିହାସ ଓ ବିବିଧ ପ୍ରସଙ୍ଗରେ ପ୍ରଶ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ଧ୍ରୁବ ଚରଣ ମୁଦୁଲି, ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କର କ୍ଷେତ୍ର ଅଧିକାରୀ ଶମ୍ଭୁନାଥ ସ୍ୱାଇଁ, ବିଶିଷ୍ଟ ନିମନ୍ତ୍ରିତ ଅତିଥି ଲଳିତ ବିଶି, ଉପେନ୍ଦ୍ର ନାଏକ, ସଞ୍ଜୀବ ଠାକୁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଉଦ୍ଧବ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ସରୋଜ ପଣ୍ଡଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ। ଅବିନାଶ ମୁଣ୍ଡ ପରିଚାଳନା କରିଥିବା ବେଳେ ବିଚାରକ ଭାବେ ଅଧ୍ୟାପକ ବବୃ ବୁଦ୍ଧିଆ ଓ ଗଣକ ଭାବେ ବନବିହାରି ପରିଡ଼ା ଯୋଗ ଦେଇଥିଲେ। ଇନ୍ଦ୍ରବନ ଦଳ ପ୍ରଥମ ହୋଇଥିବା ବେଳେ କଳାହାଣ୍ଡି ଦଳ ଦ୍ୱିତୀୟ ହୋଇଥିଲେ। ପ୍ରତ୍ୟୁଷା ମିଶ୍ର, ମାଧୁରୀ ନାଏକ, ରାଜକିଶୋର ନାଏକ, ଜୟନ୍ତୀ ଗୌଡ଼, ରଶ୍ମିତା ନାଏକ, ମୁରଲୀ ରାଉତ, ମୋହନ ମାଝୀ, ଦୀପକ ମାଝୀ, ପ୍ରାଞ୍ଜଳ ପାଣିଗ୍ରାହୀ, ମାଧବୀ ନାଏକ, ଜୟନ୍ତୀ ମାଝୀ, ଜୟନ୍ତୀ ଗୌଡ଼ଙ୍କୁ ପୁରସ୍କୃତ କରାଯାଇଥିଲା।



## ସ୍ୱୟଂ ସହାୟକ ଗୋଷ୍ଠୀର ତାଲିମ ଶିବିର

କର୍ଲାମୁଣ୍ଡା, ୧୨।୮ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ଜୋରାଡବରାରେ ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ପ୍ରକଳ୍ପ ପକ୍ଷରୁ ଦୁଇ ଦିନିଆ ସ୍ୱୟଂ ସହାୟକ ଗୋଷ୍ଠୀର ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସାଧନ କର୍ମୀ ଭାବେ କୃଷି ବିଭାଗ ଭାରପ୍ରାପ୍ତ ଓଭରସିଅର ଲୋକନାଥ ନାଗ, ମିଲେଟ୍ସ ମଦର ନିଳେନ୍ଦ୍ରୀ ସାହୁ ଯୋଗ ଦେଇ କ୍ଷୁଦ୍ର ଶସ୍ୟରେ କିଭଳି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ ହୋଇଥାଏ, ମିଲେଟ୍ସ ଖାଦ୍ୟର ସ୍ୱାସ୍ଥ୍ୟ ଲାଭ ଓ ଏହାର ପୁଷ୍ଟିକର ମୂଲ୍ୟ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ନ ଅଭିଯାନର ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ଜଗଦୀଶ ପ୍ରସାଦ ରଣା, ଅତିରିକ୍ତ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ ସାହୁ, ଜୟ ଥୁଆମୁଲ ରାମପୁର ଅର୍ଗାନିକ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ଼ର ଆକାଉଣ୍ଟାଣ୍ଟ ମଧୁସୂଦନ ସାହୁ ପ୍ରମୁଖ ଯୋଗ ଦେଇ କ୍ଷୁଦ୍ରଶସ୍ୟ ଚାଷର ବିଭିନ୍ନ ପଦ୍ଧତି, ରୋଗ ପୋକ ନିୟନ୍ତ୍ରଣ, ସରକାରୀ ସହାୟତା ତଥା ବଜାର ଚାହିଦା ଉପରେ ଆଲୋଚନା ଥିଲେ। କାର୍ଯ୍ୟକ୍ରମକୁ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ଆୟୋଜନ କରିଥିଲା। ସିଆରପି ଭାନୁମତି ପଧାନ, ଜୀବର୍ଦ୍ଧନ ସାହୁ, ବାଲ୍ମୀକି ଛତ୍ରିଆ, ଧୁରାବନ ବାଗ, କମଳ ସୁନା, ପ୍ରବୀଣ ଭୋଇ ସହଯୋଗ କରିଥିଲେ।

## ସାମ୍ବାଦିକ ବିଦ୍ୟାଧର ସାହୁ ସମ୍ବର୍ଦ୍ଧିତ



ଧର୍ମଗଡ଼, ୧୨।୮ (ସମିସ): ଓଡ଼ିଶାର ଅଗ୍ରଣୀ ଅନୁଷ୍ଠାନ ଇଷ୍ଟର୍ଣ୍ଣ ପ୍ରେସ୍ ଏଜେନ୍ସି (ଇପିଏ) ର ପ୍ରତିଷ୍ଠାତା ଅନିଲ ପ୍ରସାଦ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ କଳାହାଣ୍ଡି ଜିଲ୍ଲା ପ୍ରତିନିଧି ବିଦ୍ୟାଧର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଇପିଏର ମୁଖ୍ୟ ସମ୍ପାଦିକା ଅଞ୍ଜଳୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ଏଥିରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ପିସିସି ସଭାପତି ଭକ୍ତଚରଣ ଦାସ, ପୂର୍ବତନ ମନ୍ତ୍ରୀ ସୁରେଶ ଚନ୍ଦ୍ର ରାଉତରାୟ, ଏକାମ୍ର ବିଧାୟକ ବାବୁ ସିଂ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ନୂତନ ବିଜେଡି ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା



ଜୟପାଟଣା, ୧୨।୮ (ସମିସ): କଳାହାଣ୍ଡି ଜିଲ୍ଲା ନୂତନ ବିଜେଡି ଜିଲ୍ଲା ସଭାପତି ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ବାନେର ମା ଡୋକରି ବୁଢ଼ୀ ମନ୍ଦିରଠାରୁ ଏକ ବାଇକ ରେଲି ଶୋଭାଯାତ୍ରାରେ ଶ୍ରୀ ଦିଶାରୀଙ୍କୁ ସ୍ୱାଗତ କରି ହୀରାପୁର ପର୍ଯ୍ୟନ୍ତ ନିଆଯାଇଥିଲା। ଏଥିରେ ଅଞ୍ଚଳର ବହୁ ବିଜେଡି କର୍ମୀ, ମହିଳା ଓ ଜନସାଧାରଣ ସାମିଲ ହୋଇଥିଲେ। ଶ୍ରୀ ଦିଶାରୀ ବର୍ତ୍ତମାନ ଜିଲ୍ଲାରେ ବିଜେଡିକୁ ମଜବୁତ କରିବା ସହ ପଞ୍ଚାୟତ ତଥା ସାଧାରଣ ନିର୍ବାଚନରେ ଦ କୁ ବିଜୟୀ କରାଇବା ଲକ୍ଷ୍ୟ ରହିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ମୋହନ ସରକାର ବିରୋଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସାଧାରଣ ଜନତାଙ୍କ ଦାବିଗୁଡ଼ିକୁ ବିଧାନସଭା ତଥା ବିଧାନସଭା ବାହାରେ ଉପସ୍ଥାପନ କରାଯିବ ବୋଲି କହିଛନ୍ତି।

## ବର୍ଷା ପାଇଁ ଜୋରାଡବରାରେ ଇନ୍ଦ୍ରପୂଜା



କର୍ଲାମୁଣ୍ଡା, ୧୨।୮ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ଜୋରାଡବରାରେ ବର୍ଷା ଅଭାବ ଯୋଗୁଁ ଗ୍ରାମବାସୀ ଇନ୍ଦ୍ର ପୂଜା କରିଛନ୍ତି। ଇନ୍ଦ୍ରଙ୍କୁ ପୂଜାର୍ଚ୍ଚନା କଲେ ବର୍ଷା ହେବାର ବିଶ୍ୱାସ ରହିଛି। ଜୋରାଡବରା ଗ୍ରାମବାସୀ ସୋମବାର ରାତିରେ ଦୁମପଟାଠାରେ ମାଟି ମାଆର ପୂଜାର୍ଚ୍ଚନା କରିବା ସହ ବିଭିନ୍ନ ଋଷି ମୁନୀ, ଦେବତାଙ୍କ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ। ଗାଁ ଧରଣୀ ପୀଠରେ ପହଞ୍ଚି ଇନ୍ଦ୍ର ଦେବତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏଥିରେ କର୍ତ୍ତା ଭାବେ ଗୋପାଳ ମାଝୀ ଓ ତାଙ୍କ ପତ୍ନୀ ମାନସୀ ମାଝୀ, ପୂଜକ ଭାବେ ଡମ୍ବରୁଧର ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ। ସନ୍ତୋଷ ଭୋଇ, ରବି ମଲ୍ଲିକ, କାର୍ତ୍ତିକ ସାହୁ, ଅନିରୁଧ ସାହୁ, ପରମାନନ୍ଦ ବେହେରା ପ୍ରମୁଖ ଅଭିନୟ କରିଥିଲେ। ଯୋରାଡବରା ଗ୍ରାମବାସୀ ସହଯୋଗ କରିଥିଲେ।

# ମା' ଘାଟିମୁଣ୍ଡିଆଣୀ ସର୍ବମଙ୍ଗଳାଙ୍କ ଡଙ୍ଗରଯାତ୍ରା



କୋକସରା, ୧୨।୮ (ସମିସ)

କଳାହାଣ୍ଡିର ପ୍ରାଚୀନ ଧର୍ମଧାରା ପ୍ରକୃତି ପୂଜନକୁ ନେଇ ପରିପୃଷ୍ଟ। ଆଦିବାସୀଙ୍କ ଚିନ୍ତା ଚେତନାରେ ପ୍ରକୃତି ଦେବୀ ବିଭିନ୍ନ ରୂପରେ ପୂଜା ପାଇଥାନ୍ତି। ତେଣୁ କଳାହାଣ୍ଡିର ପ୍ରାଚୀନ ଦେବତା ମାନଙ୍କୁ ମା' ବୋଲି ମଧ୍ୟ ସମ୍ବୋଧିତ କରା ଯାଇଥାଏ। ଏଠାରେ ପିତୃପୁରୁଷଙ୍କ ପୂଜା ଓ ମାତୃ ଉପାସନା ମୁଖ୍ୟ। ପ୍ରାଚୀନ ଭାରତୀୟ ଅଭିଚାର ତନ୍ତ୍ର ଧାରାର ଏକ କ୍ଷୀଣ ସ୍ରୋତ ଆଜିବି କଳାହାଣ୍ଡିରେ ଦେଖିବାକୁ ମିଳେ। ସେହି କ୍ରମରେ କେଉଁ ଏକ ଆବାହମାନ କାଳରୁ ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣୀ ପୂଜା ପାଇ ଆସୁଛନ୍ତି। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଗୋତମୁଣ୍ଡା ସୀମାନ୍ତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ଥିବା ଅଠରନଳା ଘାଟିରେ ମା' ସର୍ବମଙ୍ଗଳା ଘାଟିମୁଣ୍ଡିଆଣୀ ପୂଜା ପାଉଛନ୍ତି। ଏବର୍ଷ ମଧ୍ୟ ପାରମ୍ପରିକ ବିଧିବିଧାନ ଅନୁସାରେ ଦେବୀଙ୍କ ଡଙ୍ଗରଯାତ୍ରା ପାଳିତ ହୋଇଛି। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ପରେ ପଡୁଥିବା ମଙ୍ଗଳବାର ଦେବୀ ସର୍ବମଙ୍ଗଳା ଘାଟି ମୁଣ୍ଡିଆଣୀଙ୍କୁ ପୂଜା କରାଯାଏ। ଗ୍ରାମ ପୁଝାରୀଙ୍କ ଗହଣରେ ଗୋତମୁଣ୍ଡା ଗ୍ରାମରୁ ପ୍ରାୟ ଅଢେଇ କିମି ରାସ୍ତା ଚାଲିଚାଲି କାଳିସି ଓ ଲାଠି ଯାତ୍ରାରେ ବାହାରି ଦେବୀଙ୍କ ଆସ୍ଥାନରେ ପହଞ୍ଚିଥାନ୍ତି। ଏହାପରେ ପୂର୍ବ ନିର୍ଦ୍ଧାରିତ ନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଡଙ୍ଗରଯାତ୍ରାରେ ଶତାଧିକ ମାନସିକଧାରୀ ମା'ଙ୍କ ନିକଟରେ ଭୋଗ ଲଗାଇଥିଲେ। ମା' ସର୍ବମଙ୍ଗଳାଙ୍କ ପୁଝାରୀ ମନୋହର ପୁଝାରୀ ଦେବୀଙ୍କ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।


**THE BISRA STONE LIME COMPANY LTD.**
CIN: L14100OR1910GOI033904
Regd. Office :Plot No:255, Pristine Green, Pokhariput, Bhubaneswar-751020.
**Statement of Financial Results For the Quarter Ended 30th June 2025**
(Rs.in Lakhs)

| Sl. No. | Particulars | Quarter Ended 30.06.2025 (Reviewed) | Quarter Ended 30.06.2024 (Reviewed) | Year Ended 31.03.2025 (Audited) |
|---|---|---|---|---|
| 1 | Total Income from Operation (including Other Income) | 2362.05 | 1248.11 | 6260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 415.91 | 336.55 | 6260.56 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 415.91 | 336.55 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 276.53 | 246.03 | 438.51 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 276.53 | 246.03 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,903.76) | (21,427.19) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.32 | 0.28 | 0.50 |
| | (ii) Diluted | 0.32 | 0.28 | 0.50 |

1. The above results of the Company were approved by the Board of Directors at their respective meetings held on 11.08.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Bengaluru
Date: 11th August, 2025



ପୃଥିବୀ ଏକ ବ୍ୟାୟାମଶାଳା, ଯାହାର ବିଭିନ୍ନ ଉପାଦାନକୁ ଉପଯୋଗ କରି ଆମେ ନିଜକୁ ଦକ୍ଷ ଓ ଶକ୍ତ କରିପାରିବା।
-ବିବେକାନନ୍ଦ

ସକାଳ
THE SAKALA

# ବାଡ଼ ଯଦି କ୍ଷେତ ଖାଏ

ସ୍ୱାଧୀନତାର ୭୮ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ଭାରତରେ ଏକ ଅଭାବନୀୟ ଓ ଉଦ୍‌ବେଗଜନକ ଘଟଣା ଘଟିଛି, ଯେଉଁଥିରେ ପ୍ରାୟ ୩୦୦ ସାଂସଦ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଧାରାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ମୂଳାଧାର ହେଉଛି ନିର୍ବାଚନ। ଏହି ପ୍ରକ୍ରିୟା ଯେତେ ସ୍ୱଚ୍ଛ, ନିରପେକ୍ଷ ଓ ଅବାଧ ହେବ ସାମ୍ବିଧାନିକ ମୂଲ୍ୟବୋଧ ସେତିକି ସୁଦୃଢ଼ ଏବଂ ଗଣଙ୍କ ପ୍ରତି ଶାସନ ବ୍ୟବସ୍ଥାର ଉତ୍ତରଦାୟିତ୍ୱ ସେତିକି ପ୍ରତୀକାତ୍ମକ ହେବ। କିନ୍ତୁ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଜନପ୍ରତିନିଧିମାନେ ହିଁ ଯେତେବେଳେ ନିର୍ବାଚନର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି, ସ୍ୱାଭାବିକ ଭାବେ ସମଗ୍ର ବିଶ୍ୱର ଦୃଷ୍ଟି ଭାରତ ଉପରେ କେନ୍ଦ୍ରୀଭୂତ ହୋଇଛି। ଏହାକୁ କେବଳ ବିରୋଧ ଆଳରେ ବିରୋଧ କିମ୍ବା ରାହୁଲ୍ ଗାନ୍ଧୀଙ୍କ ମସ୍ତିଷ୍କ ପ୍ରସୂତ କହି ଏଡ଼ାଇ ଦେବା ଭଳି ଘଟଣା ନୁହେଁ। କେଉଁଠି ନା କେଉଁଠି ନିର୍ବାଚନ ପ୍ରକ୍ରିୟାରେ ତ୍ରୁଟି ଓ ପକ୍ଷପାତିତାର ଗନ୍ଧ ବାରି ହେଉଛି, ଯାହା ଫଳରେ ଏତେ ସଂଖ୍ୟକ ଗୁଣୀ, ଜ୍ଞାନୀ ନୀତି ନିର୍ଦ୍ଧାରକମାନେ ରାଜରାସ୍ତାକୁ ଓହ୍ଲାଇବାକୁ ପଡ଼ିଛି। ଯଦି ସାଂସଦମାନଙ୍କ ଅଭିଯୋଗ ସତ ସାବ୍ୟସ୍ତ ହୁଏ କିମ୍ବା ନିର୍ବାଚନ ଆୟୋଗଙ୍କ ଭୂମିକା ସନ୍ଦେହାସ୍ପଦ ହୁଏ ତେବେ ଗଣତନ୍ତ୍ରର ଭବିଷ୍ୟତ ପ୍ରତି ତାହା ଶୁଭଙ୍କର ନୁହେଁ ବୋଲି ଧରାଯିବ।

ଲକ୍ଷ୍ୟ କରିବାର କଥା ଗତ କିଛି ମାସ ଧରି ଗଣତନ୍ତ୍ରର ମୂଳାଧାରର ମୁଖ୍ୟ ପରିଚାଳନା ଦାୟିତ୍ୱରେ ଥିବା ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଧାରା ବିବାଦାସ୍ପଦ ହୋଇଛି ଏବଂ ପବିତ୍ର ସାମ୍ବିଧାନିକ ସଂସ୍ଥାର ମର୍ଯ୍ୟାଦା ଉପରେ ପ୍ରଶ୍ନ ଚିହ୍ନଟିଏ ଲାଗିଛି। ଗତ ଲୋକସଭା ନିର୍ବାଚନରେ ଭୋଟଦାନ ହାର ଓ ଭୋଟ ଗଣତି ଫଳାଫଳରେ ଥିବା ତାରତମ୍ୟକୁ ନେଇ ଉଠିଥିବା ପ୍ରଶ୍ନ ନିର୍ବାଚନ ଆୟୋଗଙ୍କୁ ବିବାଦ ଭିତରକୁ ଟାଣିଥିଲା, ଯାହା ପରବର୍ତ୍ତୀ ସମୟରେ ହରିଆଣା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପରେ ଆହୁରି ଘନୀଭୂତ ହୋଇଥିଲା। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭୋଟଦାନ ସମୟରେ ବୁଥ୍‌ୱାରୀ ଭୋଟର ସଂଖ୍ୟା, ଭୋଟଦାନ କେନ୍ଦ୍ରରେ ଭୋଟଦାନ ପରିମାଣ, ସନ୍ଧ୍ୟା ପରେ ପଡ଼ିଥିବା ଭୋଟ ସଂଖ୍ୟାରେ ଜଳଜଳ ଦିଶୁଥିବା ଅସ୍ୱାଭାବିକତା ଓ ଅନିୟମିତତାକୁ ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀ ଯେତେଗୁଡ଼ିଏ ତଥ୍ୟ ସମ୍ବଳିତ ପ୍ରଶ୍ନ ଗଣମାଧ୍ୟମ ଜରିଆରେ ନିର୍ବାଚନ ଆୟୋଗଙ୍କ ଉଦ୍ଦେଶ୍ୟରେ ଉପସ୍ଥାପନ କରିଥିଲେ ତାହାର ସନ୍ତୋଷଜନକ ସ୍ପଷ୍ଟୀକରଣ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସେହି ମାଧ୍ୟମରେ ପ୍ରକାଶ ନ ପାଇ ଶ୍ରୀଗାନ୍ଧୀଙ୍କୁ ବ୍ୟକ୍ତିଗତ ଭାବେ ସୂଚିତ କରାଯାଇଥିବା କୁହାଯାଇଥିଲା। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସୂଚନା ଅଧିକାର ଓ ଅଭିବ୍ୟକ୍ତିର ସ୍ୱାଧୀନତା ସୁନିଶ୍ଚିତ କରୁଥିବା ରାଷ୍ଟ୍ରରେ ସ୍ୱଚ୍ଛତାର ପ୍ରମାଣ ଓ ସ୍ପଷ୍ଟୀକରଣ ପାଇଁ ଗଣମାଧ୍ୟମଠାରୁ ବଳି ଅଧିକ ଉତ୍ତମ ବିକଳ୍ପ ନ ଥାଇପାରେ। ଅଥଚ ନିର୍ବାଚନ ଆୟୋଗ କାହିଁକି ଏହି ବିକଳ୍ପକୁ ବ୍ୟବହାର କଲେ ନାହିଁ ତାହା ଆଉ ଏକ ପ୍ରଶ୍ନ ସୃଷ୍ଟି କରୁଛି।

କଂଗ୍ରେସ ଓ ରାହୁଲ୍ ଗାନ୍ଧୀ ଏହି ଅଭିଯୋଗ ଆଣିବାର ବହୁ ପୂର୍ବରୁ ୨୦୨୪ ସାଧାରଣ ନିର୍ବାଚନ ପରେ ଓଡ଼ିଶାରେ ବିଜେଡି ମଧ୍ୟ ନିର୍ବାଚନ ପ୍ରକ୍ରିୟାରେ ଅସ୍ୱାଭାବିକ ତାରତମ୍ୟକୁ ନେଇ ନିର୍ବାଚନ ଆୟୋଗଙ୍କୁ ଫେରାଦ ହୋଇଥିଲା। ଓଡ଼ିଶାରେ ସମସ୍ତ ସଂସଦୀୟ କ୍ଷେତ୍ରରେ ଇଭିଏମ୍‌ରେ ପଡ଼ିଥିବା ଭୋଟ ସଂଖ୍ୟା ତୁଳନାରେ ଗଣତି ହୋଇଥିବା ଭୋଟ ସଂଖ୍ୟା ଏବଂ ସଂସଦୀୟକ୍ଷେତ୍ରର ଭୋଟ ସଂଖ୍ୟା ତୁଳନାରେ ଅଧୀନସ୍ଥ ବିଧାନସଭା ମଣ୍ଡଳୀର ଭୋଟ ସଂଖ୍ୟାରେ ଅସଙ୍ଗତି ରହିଥିଲା। ଭୋଟଦାନ ଧାର୍ଯ୍ୟ ସମୟ ପରେ ପଡ଼ିଥିବା ଭୋଟ ହାର ୭ରୁ ୩୦ ପ୍ରତିଶତ ଯାଏଁ ଥିଲା। ବିଜେଡି ପକ୍ଷରୁ ନିର୍ବାଚନ ଆୟୋଗଙ୍କ ଏସବୁ ତଥ୍ୟ ସମ୍ବଳିତ ଅଭିଯୋଗପତ୍ର ଦାଖଲ କରାଯାଇ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାର ଅଡିଟ୍ ପାଇଁ ଦାବି କରାଯାଇଥିଲା। ଅଥଚ ନିର୍ବାଚନ ଆୟୋଗ ଏହାକୁ ଗୁରୁତ୍ୱ ଦେଲେ ନାହିଁ କି ନିୟମ ଅନୁଯାୟୀ ନିର୍ବାଚନ ପରେ ଉଦ୍ଦିଷ୍ଟ ଫର୍ମ-୧୭ସି ପ୍ରଦାନ କଲେ ନାହିଁ। ଏଣୁ ବିଜେଡି ଏବେ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ନେବା ପାଇଁ ଚିନ୍ତା କରୁଛି।

ଏଭଳି ଏକ ବିବାଦୀୟ ଘଟଣାକ୍ରମର ପୃଷ୍ଠଭୂମିରେ ସୂଚନା ଅଧିକାର ଆଇନ ଅଧୀନରେ ଆସୁଥିବା ଭୋଟଗ୍ରହଣ କେନ୍ଦ୍ରର ଭିଡିଓ ଫୁଟେଜ୍ ପ୍ରଦାନ ସଂକ୍ରାନ୍ତୀୟ ଧାରାକୁ ହଟାଇବା ପାଇଁ ଜନପ୍ରତିନିଧି ଆଇନରେ ତରବରିଆ ଭାବେ ସଂଶୋଧନ କରାଯିବା ପରେ ରାହୁଲ୍ ଗାନ୍ଧୀ ହୁଅନ୍ତୁ କିମ୍ବା ବିଜେଡି କିମ୍ବା ଅନ୍ୟ ଅଭିଯୋଗକାରୀଙ୍କ ଅଭିଯୋଗ ପଛରେ କେଉଁଠି ନା କେଉଁଠି ସତ୍ୟତା ରହିଛି ବୋଲି ଜନମତରେ ଏକ ଧାରଣା ସୃଷ୍ଟି ହୋଇଛି। ଏବେ ପୁଣି ଥରେ ସେହିକ୍ରମରେ ଯୋଡ଼ି ହୋଇଯାଇଛି କର୍ଣ୍ଣାଟକ ମହାଦେବପୁରା ବିଧାନସଭା ମଣ୍ଡଳୀରେ 'ଭୋଟ ଚୋରି' ଅଭିଯୋଗ ଏବଂ ବିହାରରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା(ଏସ୍‌ଆଇଆର)। ଏହି ପ୍ରସଙ୍ଗରେ ସଂସଦର ମୌସୁମୀ ଅଧିବେଶନ ଏକପ୍ରକାର ଅଚଳ ହୋଇଯାଇଛି। ଏସ୍‌ଆଇଆର ପ୍ରସଙ୍ଗ ଏବେ ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ ଥିବାରୁ ସେ ସମ୍ପର୍କରେ ଅଧିକ କିଛି ଉଲ୍ଲେଖ କରିବା ଅନୁଚିତ ହେବ।

ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ଅବାଧ ଓ ଯଥାସମ୍ଭବ ତ୍ରୁଟିଶୂନ୍ୟ କରିବା ଦାୟିତ୍ୱ ନିର୍ବାଚନ ଆୟୋଗଙ୍କର। ଏଥିପାଇଁ ଆୟୋଗ କି ପଦ୍ଧତି ଆପଣେଇବେ ତାହା ସମ୍ପୂର୍ଣ୍ଣ ରୂପେ ତାଙ୍କ ସ୍ୱାଧିକାର ଭୁକ୍ତ ଓ ପ୍ରଶ୍ନାତୀତ। କିନ୍ତୁ ବିହାର ଏସ୍‌ଆଇଆର ପ୍ରସଙ୍ଗକୁ ବାଦ୍ ଦେଇ ଯଦି ୨୦୨୪ ଲୋକସଭା ନିର୍ବାଚନ ପରବର୍ତ୍ତୀ ସମୟରୁ ସାମଗ୍ରିକ ନିର୍ବାଚନ ଘଟଣାକ୍ରମକୁ ଅନୁଶୀଳନ କରାଯାଏ, ସେଥିରୁ ଆୟୋଗଙ୍କ ଅସ୍ପଷ୍ଟତା ରହସ୍ୟମୟ ହୋଇପଡୁଛି। ଏହି ରହସ୍ୟ ଯେତେ ଶୀଘ୍ର ଉନ୍ମୋଚନ ହେବ ଗଣତନ୍ତ୍ର ପାଇଁ ସେତେ ମଙ୍ଗଳ। ଯଦି ବିରୋଧ ଆଳରେ କେବଳ ଆୟୋଗଙ୍କ କାର୍ଯ୍ୟକୁ ବିରୋଧ କରାଯାଉଥାଏ ତେବେ ତାହା ମଧ୍ୟ ଭୁଲ୍ ପ୍ରମାଣିତ ହେବ। ଭାରତର ଦୀର୍ଘ ୭୫ ବର୍ଷର ନିର୍ବାଚନ ଇତିହାସରେ ଭୋଟ ରିଗିଂ ବା ବଳପୂର୍ବକ ଭୋଟ ଦାନ ବା ଭୋଟ ଅପହରଣ ଅଭିଯୋଗ ଓ ଘଟଣା ନୂଆ ନୁହେଁ। ଯେଉଁଠି ଅର୍ଥବଳ କାର୍ଯ୍ୟ କରେ ନାହିଁ ସେଠାରେ ବାହୁବଳ ପ୍ରୟୋଗରେ ଭୋଟ ରିଗିଂ ହୁଏ। ଏହାକୁ ଜଗିବା ଦାୟିତ୍ୱ ନିର୍ବାଚନ ଆୟୋଗଙ୍କର। ଏଥିପାଇଁ ମଧ୍ୟ ସମ୍ବିଧାନ ଆୟୋଗଙ୍କୁ ପ୍ରଭୂତ କ୍ଷମତା ଓ ଅଧିକାର ଦେଇଛି। ରାହୁଲ୍‌ଙ୍କ 'ଭୋଟ ଚୋରି' ଅଭିଯୋଗ ହେଉ କିମ୍ବା ଇଭିଏମ୍‌ରେ ତାରତମ୍ୟ ଅଭିଯୋଗ, ତା' ପଛରେ କେତେ ଦୃଢ଼ ପ୍ରମାଣ ଆଧାରିତ ସତ୍ୟତା ରହିଛି ତାହା ପରଖିବା ପାଇଁ ଅଧିକୃତ ସଂସ୍ଥମାନେ ଅଛନ୍ତି। ଯଦି ଏହି ଅଭିଯୋଗ ସତ ସାବ୍ୟସ୍ତ ହୁଏ ତେବେ ଆୟୋଗ 'ବାଡ଼ ହିଁ କ୍ଷେତ ଖାଇବା' ଭଳି ଅପବାଦ ମୁଣ୍ଡାଇବା ସାର ହେବ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ମର୍ଯ୍ୟାଦା ଓ ସାମ୍ବିଧାନିକ ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ନିର୍ବାଚନ ଆୟୋଗ ଯଥାଶୀଘ୍ର ଏହି ଅପବାଦରୁ ମୁକ୍ତ ହେବା ବିଧେୟ।

# ଓଡ଼ିଶାରେ ଧଳାସୁନାର ବିକାଶ ମାର୍ଗ

ବିଦ୍ୟାଧର ମହାରଣା

ଓଡ଼ିଶାରେ ଅର୍ଥକରୀ ଫସଲ ହିସାବରେ କପା ପ୍ରଧାନ। ଏହାକୁ 'ଧଳାସୁନା' କୁହାଯାଏ। କପା ଏକ ରାଜା ଫସଲ। ରାଜା ଖୁସି ହେଲେ ଘରକୁ ସୁନା ଆସିବ ଏବଂ ରାଜା ରାଗିଲେ ଚାପୁଡ଼ା ଖାଇବା ସାର। ଏହାର ମର୍ମ ହେଲା କପା ଫସଲ ସର୍ବାଧିକ ଯତ୍ନ ଆବଶ୍ୟକ କରେ ଏବଂ ଅଣହେଳା କଲେ ବହୁତ କ୍ଷତି ସହିବାକୁ ପଡ଼େ। ଓଡ଼ିଶାରେ ମୁଖ୍ୟତଃ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର ଓ ରାୟଗଡ଼ାରେ କପାଚାଷ ହୁଏ। ୧୯୮୭-୮୮ ପର୍ଯ୍ୟନ୍ତ ରାଜ୍ୟରେ ମାତ୍ର ୩୦୦୦ ହେକ୍ଟର ଜମିରେ କପାଚାଷ ହେଉଥିଲା। ଏହା କ୍ରମଶଃ ୨୦୨୩-୨୪ରେ ୨.୩୫ ଲକ୍ଷ ହେକ୍ଟର ଜମିକୁ ବଢ଼ି ୮.୧୮ ଲକ୍ଷ ବେଲ୍ (୧ ବେଲ୍ =୧୮୦ କିଲୋ ଗ୍ରାମ) ଉତ୍ପାଦନ ହୋଇଛି। ଏହି ବର୍ଷ ବଲାଙ୍ଗୀର ଜିଲ୍ଲାରେ ୭୦, ୯୪୦ ହେକ୍ଟର, କଳାହାଣ୍ଡିରେ ୭୧, ୪୦୦ ହେକ୍ଟର, ନୂଆପଡ଼ାରେ ୧୯, ୪୯୦ ହେକ୍ଟର ଓ ରାୟଗଡ଼ାରେ ୪୯, ୧୦୦ ହେକ୍ଟର ଭାବରେ ରାଜ୍ୟର ମୋଟ କପାଚାଷର ପ୍ରାୟ ୯୦% ଉତ୍ପାଦନ ହୋଇଥିଲା। ଭାରତ ସରକାରଙ୍କ କପା ନିର୍ଦ୍ଦେଶାଳୟ ତଥ୍ୟ ଅନୁଯାୟୀ ଭାରତରେ ୧୨୯ ଲକ୍ଷ ହେକ୍ଟରରୁ ଓଡ଼ିଶାରେ ୨୦୨୨-୨୩ରେ ୨.୧୬ ଲକ୍ଷ ହେକ୍ଟର ଜମିରେ କପାଚାଷ ହୋଇଥିଲା। ଭାରତରେ ହେକ୍ଟର ପ୍ରତି କପା ତନ୍ତୁ ଅମଳ ୪୪୩ କିଲୋଗ୍ରାମ ଥିବା ସ୍ଥଳେ ଓଡ଼ିଶାରେ ଏହା ୫୫୪ କିଲୋଗ୍ରାମ। ଅମଳ ହାରରେ ଗୁଜୁରାଟ ଓ ରାଜସ୍ଥାନ ପରେ ଓଡ଼ିଶାର ସ୍ଥାନ ତୃତୀୟ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅନୁଧ୍ୟାନରୁ ଜଣାଯାଏ ଯେ କ୍ଷୁଦ୍ର ଚାଷୀ ଅପେକ୍ଷା ବଡ଼ ଚାଷୀ କପା ଚାଷରେ ଅଧିକ ଖର୍ଚ୍ଚ କରନ୍ତି ଓ ଅଧିକ ଲାଭ ମଧ୍ୟ ପାଆନ୍ତି। ହେକ୍ଟର ପ୍ରତି ପ୍ରାୟ ୪୫୦୦୦ ଟଙ୍କା ଖର୍ଚ୍ଚ ହେବା ସ୍ଥଳେ ନିଟ ଲାଭ ମାତ୍ର ୨୪୦୦୦ଟଙ୍କା। ଏହାର ଅର୍ଥ ହେଲା କପା ଚାଷରେ ଏକ ଟଙ୍କା ଖର୍ଚ୍ଚ କଲେ ମୋଟ ଆୟ ୧.୫୪ ଟଙ୍କା ହୁଏ, ଯାହାକି ସନ୍ତୋଷଜନକ ନୁହେଁ। ଏକ ଅର୍ଥକରୀ ଫସଲ ହିସାବରେ ପ୍ରତି ଏକ ଟଙ୍କା ଖର୍ଚ୍ଚରେ ମୋଟ ଆୟ ଅନ୍ତତଃ ଦୁଇ ଟଙ୍କା ହେବା ଆବଶ୍ୟକ। କପାଚାଷରେ ଶ୍ରମିକ ଖର୍ଚ୍ଚ ପ୍ରାୟ ୩୧%, ସାର ଖର୍ଚ୍ଚ ୧୭% ଓ ଜମି ଭଡ଼ା ପ୍ରାୟ ୧୭%। ବିହନ, ଖତ, ଫସଲ ସଂରକ୍ଷଣ ଇତ୍ୟାଦି ବାବଦରେ ଅବଶିଷ୍ଟ ୩୭% ଖର୍ଚ୍ଚ ହୋଇଥାଏ। ଏଥିରୁ ସହଜରେ ଅନୁମେୟ ଯେ କପା ଏକ ବ୍ୟୟସାପେକ୍ଷ ଫସଲ।

ଏହା ସାଧାରଣତଃ ବର୍ଷା ଓ ଶୀତ ଋତୁରେ ଚାଷ ହୁଏ। କିନ୍ତୁ ଓଡ଼ିଶାରେ ଏହା କେବଳ ବର୍ଷାଦିନେ ଚାଷ ହୁଏ। କପାଚାଷରେ ସାଧାରଣ ବିହନ, ବିଟି ବିହନ ଓ ହାଇବ୍ରିଡ ବିହନ ବ୍ୟବହାର ହୁଏ। ବୁଣା ପ୍ରଣାଳୀ ଅନୁସାରେ ବିହନ ହାର ଭିନ୍ନ ହୋଇଥାଏ। ତେବେ ହାରାହାରି ଦେଶୀ କିସମ ହେକ୍ଟର ପ୍ରତି ୮-୧୦ କିଲୋଗ୍ରାମ, ବି.ଟି. ହାଇବ୍ରିଡ ୧-୨ କିଲୋଗ୍ରାମ ଓ ଆମେରିକା ହାଇବ୍ରିଡ ୩-୪ କିଲୋଗ୍ରାମ ବ୍ୟବହାର ହୁଏ। କପା ଫସଲରେ ସବୁଠୁ ବେଶୀ କ୍ଷତିଭୟ ହେଉଛି ରୋଗପୋକ ଆକ୍ରମଣ। ଜଉ ପୋକ, ଧଳା ମାଛି, ପତ୍ରପୋଡ଼ା, ଝାଉଁଳା ରୋଗ ଓ ବକରାବିନ୍ଧା ପୋକ ସର୍ବାଧିକ କ୍ଷତି କରିଥାଏ। କୀଟ ନିରୋଧକ ବି.ଟି.ବିହନ ବ୍ୟବହାର କରିବା ସହ କୀଟନାଶକ ଦ୍ରବ୍ୟ ପକାଇ କୀଟ ନିୟନ୍ତ୍ରଣ କରିବାରେ ବିଫଳ ହେବା କାରଣରୁ କେତେକ କୃଷକ ଆତ୍ମହତ୍ୟା କରିବା ଜଣାଯାଏ।

କପା ଫସଲର ମୁଖ୍ୟ ସମସ୍ୟାଗୁଡ଼ିକ ହେଲା ଅଧିକ ଚାଷଖର୍ଚ୍ଚ, କମ୍ ଅମଳ ହାର, ଉପଯୁକ୍ତ କିସମ ବିହନ ନମିଳିବା, ଅଧିକ କୀଟ ସମସ୍ୟା, ମରୁଡ଼ି ଓ ବିକ୍ରିବଟାରେ ଅସୁବିଧା। କପା ତନ୍ତୁର ଲମ୍ବା ଓ ଗୁଣାତ୍ମକ ମାନ ଅନୁସାରେ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରାଯାଏ। ୨୦୨୫ ପାଇଁ ମଧ୍ୟମ ତନ୍ତୁ କପା କୁଇଣ୍ଟାଲ ପ୍ରତି ୭୭୧୦ ଟଙ୍କା, ଦୀର୍ଘ ତନ୍ତୁ ପାଇଁ ୭୫୨୧ ଓ ଏମ୍.ସି.ୟୁ ପାଇଁ ୭୭୨୧ ଟଙ୍କା ସ୍ଥିର ହୋଇଛି। ମଧ୍ୟମ ତନ୍ତୁ ୨୪.୫-୩୫.୫ ମିଲିମିଟର ଏବଂ ୩.୫ ରୁ ୪ .୩୧ ମାଇକ୍ରୋନେୟର ଥିବା ଆବଶ୍ୟକ। କପାରୁ ମଞ୍ଜିକୁ ଅଲଗା କରି ସଫା କରି ବେଲ୍ ବା ଗାଣ୍ଠି ଜିନିଙ୍ଗ ମିଲ୍ ଦ୍ୱାରା ହୁଏ। ଏହାପରେ ଏଥିରୁ ସୂତାକଳରେ ସୂତା କଟାଯାଏ। ଓଡ଼ିଶାରେ ସ୍ପିନଫେଡ୍ ସାତଗୋଟି ସୂତାକଳ ଚଳାଉ ଥିବା ସ୍ଥଳେ ବର୍ତ୍ତମାନ ଗୋଟିଏ ହେଲେ କାର୍ଯ୍ୟକ୍ଷମ ନୁହେଁ। କିନ୍ତୁ ଘରୋଇ ବ୍ୟବସାୟୀଙ୍କ ଦ୍ୱାରା କେତେକ ଜିନିଙ୍ଗ ମିଲ୍ ସ୍ଥାପନ ହୋଇଛି। ଉଭୟ ଭାରତୀୟ କପା ନିଗମ ଏବଂ ଘରୋଇ ବ୍ୟବସାୟୀ ଚାଷୀଙ୍କ ଠାରୁ କପା କିଣୁଛନ୍ତି। ରାଜ୍ୟରେ ଅଧିକ ସଂଖ୍ୟକ ସ୍ପିନିଙ୍ଗ ମିଲ୍ ସହିତ ପାୱାର ଲୁମ୍ ଖୋଲାଗଲେ କପାଚାଷର ବିସ୍ତାର ସହିତ ଶ୍ରମିକ ନିଯୁକ୍ତି ହୋଇ ପାରନ୍ତା।

କପା ମଞ୍ଜିରୁ ୧୫-୨୦% ଖାଇବା ତେଲ ପ୍ରସ୍ତୁତ ହୋଇଥାଏ ଏବଂ କପାର ଶୁଖିଲା ଗଛ ଜାଳେଣି ଭାବରେ ବ୍ୟବହାର ହୁଏ। ଓଡ଼ିଶାର ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାରେ କପାଚାଷ ପାଇଁ ବହୁ ଆନ୍ଧ୍ରପ୍ରଦେଶ ଚାଷୀ ଜମିକୁ ଭଡ଼ାରେ ନେଇ କପାଚାଷ କରନ୍ତି। ସେମାନେ ହାଇବ୍ରିଡ କପା ବିହନ ଆଣି ଅଧିକ ସାର ଓ କୀଟନାଶକ ବ୍ୟବହାର କରି ଚାଷକରିବା ଫଳରେ ଜମିର ଉର୍ବରତା ହ୍ରାସ ପାଉଛି ଏବଂ ପରିବେଶ ପ୍ରଦୂଷିତ ହେଉଛି। ଯେହେତୁ କପା ଫସଲରେ ମୁଖ୍ୟ ସମସ୍ୟା ହେଉଛି ରୋଗ ଓ ପୋକ ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ଆବଶ୍ୟକ। ବିଭିନ୍ନ ପ୍ରକାରର ଯନ୍ତା(ଅଠାଳିଆ, ହଳଦିଆ ଓ ଫେରୋମୋନ) ବ୍ୟବହାର, ଜୈବ କୀଟନାଶକ ହିସାବରେ ଟ୍ରାଇକୋଗ୍ରାମା, ଏନ୍.ପି.ଭି. ଭୂତାଣୁ ଓ ନିମ୍ବ ବିଷ ବ୍ୟବହାର କରିବା ଆବଶ୍ୟକ। କପା ଫସଲ ବକରା ପାକଳ ସମୟରେ ଅଧିକ ଜଳୀୟ ଅଂଶ ଆବଶ୍ୟକ କରୁଥିବାରୁ କିଛି ସିଞ୍ଚନ ଜଳ ସେଚନ ଆବଶ୍ୟକ। କପା ଫସଲ ଉପଯୁକ୍ତ ସମୟରେ ଅମଳ କରି ଜିନିଙ୍ଗ କରିପାରିଲେ ଉପଯୁକ୍ତ ମୂଲ୍ୟ ମିଳିବ।

ଅତୀତରେ ଓଡ଼ିଶା ସରକାର ଦୁଇଜଣ ଇସ୍ରାଏଲ ବୈଜ୍ଞାନିକଙ୍କୁ ଭୁବନେଶ୍ୱର ଆଣି କେତେକ ବଛାବଛା କୃଷି ଅଧିକାରୀ ଓ ବୈଜ୍ଞାନିକଙ୍କୁ ୧୫ ଦିନ ତାଲିମ୍ ବ୍ୟବସ୍ଥା କରିଥିଲେ। ଡଃ ଡାନିଏଲ ରିମନ ଓ ଜୋନାଥନ ଦାଗ ଉଚ୍ଚକୋଟୀର ତାଲିମ୍ ଦେଇଥିଲେ, ଯାହାକି ମୋ ମତରେ ଆମ ଜୀବନର ସର୍ବଶ୍ରେଷ୍ଠ ତାଲିମ୍ ଥିଲା। ସେମାନେ କପା ଫସଲରେ ଗଛସଂଖ୍ୟା ନିୟନ୍ତ୍ରଣ, ଗଛର ଶାଖାପ୍ରଶାଖା ନିୟନ୍ତ୍ରଣ, ବୁନ୍ଦା ଜଳସେଚନ, ଫର୍ଟିଗେସନ୍, ଜୈବ ନିୟନ୍ତ୍ରଣ ଓ ସଠିକ ଅମଳ ପ୍ରଣାଳୀ ଉପରେ ଗୁରୁତ୍ୱ ଦେଇଥିଲେ। ଏହି କୌଶଳ ଅବଲମ୍ବନ କରି ଇସ୍ରାଏଲ ବିଶ୍ୱରେ କପା ଅମଳରେ ସର୍ବଶ୍ରେଷ୍ଠ ଦେଶ ହୋଇଥିଲା। ସେମାନେ ଲାଇସିମିଟର ବ୍ୟବହାର କରି ଜଳସେଚନ ସମୟ ସ୍ଥିର କରୁଥିଲେ ଏବଂ ବର୍ତ୍ତମାନ ସେନସର ବ୍ୟବହାର କରୁଛନ୍ତି। ଏକଥା ଏଇଠି ପ୍ରକାଶ କରିବାର ଉଦ୍ଦେଶ୍ୟ ହେଉଛି ଆମର ଚାଷୀ କପା ଫସଲ ପାଇଁ ଆଧୁନିକ କୌଶଳ ବ୍ୟବହାର କରୁ ନ ଥିବାରୁ ଅମଳ ହାର କମ୍ ରହୁଛି। ଇସ୍ରାଏଲ ଚାଷୀ ହେକଟର ପ୍ରତି ୧୮୦୦- ୨୦୦୦ କିଲୋଗ୍ରାମ ଅମଳ କଲା ବେଳେ ଆମେ ୬୦୦ କିଲୋଗ୍ରାମରୁ କମ୍ ଅମଳ କରୁଛୁ। ଅତୀତରେ ବିଟି କପା ବିହନ ବ୍ୟବହାର ଯୋଗୁଁ ବହୁ ସମସ୍ୟା ଦେଖା ଯାଇଥିଲା। ଏପରିକି ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଏହା ଉପରେ କଳାହାଣ୍ଡି ଜିଲ୍ଲାରେ କ୍ଷେତ୍ର ପରୀକ୍ଷା କରିଥିଲେ। ଏଣୁ ଚାଷୀମାନେ କେଉଁ କିସମର ଉନ୍ନତ, ହାଇବ୍ରିଡ ଓ ବିଟି ବିହନ ବ୍ୟବହାର କରିବେ ତାହାକୁ କୃଷି ବିଶ୍ୱବିଦ୍ୟାଳୟ ପରାମର୍ଶ ଦେଉ ଏବଂ ରାଜ୍ୟ କୃଷି ବିଭାଗ ବିହନ ନିଗମ ଜରିଆରେ ଏହାକୁ ଚାଷୀଙ୍କୁ ଯୋଗାନ୍ତୁ। ଘରୋଇ କପା ବିହନ ବିକ୍ରି ନିଷେଧ କରାଯାଉ।

ଆମ ରାଜ୍ୟରେ ଅନ୍ତତଃ ୫ ଲକ୍ଷ ହେକ୍ଟର ଜମିରେ କପାଚାଷ କରାଯାଉ। ବନ୍ଦ ହୋଇ ରହିଥିବା ଜିନିଙ୍ଗ ଓ ସ୍ପିନିଙ୍ଗ ମିଲ୍‌ଗୁଡ଼ିକୁ ଚାଲୁ କରାଯାଉ। ରପ୍ତାନୀ ସୁଯୋଗ ହାସଲ କରିବା ପାଇଁ ଜୈବିକ କପା ଓ ରଙ୍ଗୀନ୍ କପା ଚାଷ କରାଗଲେ ଚାଷୀ ଅଧିକ ଲାଭବାନ୍ ହେବେ। ପରୀକ୍ଷାମୂଳକ ଭାବରେ କପାଚାଷ ପାଇଁ ସୌରଶକ୍ତି ଚାଳିତ ପମ୍ପ ଓ ବୁନ୍ଦା ଜଳସେଚନ ପାଇଁ ପ୍ରୋତ୍ସାହନ ଦିଆଗଲେ କପା ଫସଲରେ ଜଳସେଚନ ସମସ୍ୟା ଦୂର ହୋଇପାରିବ। ଏନ୍‌ଏଫ୍‌ଏସ୍‌ଏମ୍ ଯୋଜନାରେ କପା ଚାଷ ପାଇଁ କୃଷକମାନଙ୍କୁ ଦିଆଯାଉଥିବା ସହାୟତା ବୃଦ୍ଧି କରା ଗଲେ ଗରିବ ଚାଷୀ ଉପକୃତ ହେବେ। କୃଷକମାନଙ୍କୁ ଉପଯୁକ୍ତ ସହାୟତା ସହିତ ବିପଣନ ବ୍ୟବସ୍ଥାରେ ଉନ୍ନତି କରାଯାଇ ପାରିଲେ ଓଡ଼ିଶା ଅର୍ଥନୀତିକୁ ବୃଦ୍ଧି କରିବାରେ 'ଧଳାସୁନା'ର ଅବଦାନ ରହିବ। ଗତ କିଛିବର୍ଷ ଧରି ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଓଡ଼ିଶାରେ କପାଚାଷ ମଧ୍ୟ ପ୍ରଭାବିତ ହେଉଛି। ଏଣୁ ଜଳବାୟୁ ସହନଶୀଳ କୃଷିପଦ୍ଧତି କପା ଫସଲରେ ମଧ୍ୟ ପ୍ରୟୋଗ କରାଯିବାର ଆବଶ୍ୟକତା ରହିଛି। ଅତୀତରେ କପାଚାଷ ବିକାଶ ପାଇଁ ସ୍ୱତନ୍ତ୍ର ପଦାଧିକାରୀ ଅବସ୍ଥାପିତ ହେଉଥିଲେ। ରାଜ୍ୟରେ ପାଞ୍ଚ ଲକ୍ଷ ହେକ୍ଟର ଜମିରେ କପା ଚାଷ କରିବାକୁ ହେଲେ ପ୍ରଶିକ୍ଷିତ ପଦାଧିକାରୀମାନଙ୍କ ସଂଖ୍ୟା ବୃଦ୍ଧି କରିବାକୁ ହେବ। ବ୍ୟାପକ କପାଚାଷ ପାଇଁ ସରକାର, ରାଷ୍ଟ୍ରୀୟ କପା ନିଗମ ଓ ଅନ୍ୟାନ୍ୟ ଅଂଶୀଦାର ମଧ୍ୟରେ ସହଭାଗିତା ସହିତ କପାଚାଷୀଙ୍କ ଉତ୍ପାଦକ ଗୋଷ୍ଠୀ ଓ କୃଷକ ଉତ୍ପାଦକ ସଂଗଠନ ସହଯୋଗ ଅତ୍ୟନ୍ତ ଜରୁରୀ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଯୌନ ବିଶୃଙ୍ଖଳା ଏକ ସାମାଜିକ କଳଙ୍କ

ସୁଧୀର କୁମାର ନାୟକ

ସାଂପ୍ରତିକ ସମସ୍ୟାଗୁଡ଼ିକ ମଧ୍ୟରେ ନାରୀ ସୁରକ୍ଷା ଓ ନାରୀ ସ୍ୱାଧୀନତା ସର୍ବଦା ଆହ୍ୱାନ ସୃଷ୍ଟି କରିଆସୁଛି। ବିଦ୍ୟାଳୟ, ମହାବିଦ୍ୟାଳୟ ଏପରିକି ବିଶ୍ୱ ବିଦ୍ୟାଳୟମାନଙ୍କରେ ଛାତ୍ରୀମାନଙ୍କ ପ୍ରତି କରାଯାଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ନିର୍ଯାତନା ପାଇଁ ଆଜି ବିଶ୍ୱରେ ଆମ ଦେଶ ଲଜ୍ଜିତ ହେଉଛି। ଗତ ମାସ ଆମେରିକାର ବୈଦେଶିକ ମନ୍ତ୍ରଣାଳୟ ତଥ୍ୟ ରଖିଥିଲେ ଯେ ଭାରତରେ ଦୁଷ୍କର୍ମ ଓ ଯୌନ ନିର୍ଯାତନା ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଅପରାଧ ମଧ୍ୟରୁ ଅନ୍ୟତମ। ଅନେକ କ୍ଷେତ୍ରରେ କର୍ମଜୀବୀ ମହିଳାମାନଙ୍କୁ ବିଭିନ୍ନ ଭାବରେ ନିର୍ଯାତନା ଓ ଯୌନ ଶୋଷଣ କରାଯିବାର ଅଭିଯୋଗ ବଢ଼ିଚାଲିଛି। ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଙ୍କ ଆତ୍ମଦାହ, କୋଲକାତାର ଆର ଜି ମେଡିକାଲ୍ କଲେଜ୍‌ରେ ଡାକ୍ତରୀ ଓ ନର୍ସିଂ ଛାତ୍ରୀ ସମ୍ମୁଖୀନ ହୋଇଥିବା ନିର୍ଯାତନା ଆଦି ଦୁର୍ଘଟଣାର ତାଲିକା ବେଶ୍ ଲମ୍ବା। ପ୍ରତିଦିନ କୌଣସି ନା କୌଣସି ଅଞ୍ଚଳରେ ଏଭଳି ଘଟଣାମାନ ଘଟୁଛି। ସେଥିମଧ୍ୟରୁ କିଛି ଗଣମାଧ୍ୟମର ଶିରୋନାମା ହେଉଛି ଏବଂ ଆଉ କିଛି ଲୋକଲୋଚନ ଆଢୁଆଳରେ ରହିଯାଉଛି। ଏଥିରେ ଜଣାଯାଉଛି ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷମାନଙ୍କ କେତେ ଦାୟିତ୍ୱହୀନତା ରହିଛି। ସବୁଠାରୁ ଉଦ୍‌ବେଗର କଥା ଯଦି କୌଣସି ପରିସ୍ଥିତିରେ କେହି ଛାତ୍ରଛାତ୍ରୀ ଅଭିଯୋଗ କରନ୍ତି ସେମାନଙ୍କର ସମସ୍ୟାର ତ୍ୱରିତ ସମାଧାନ ଦିଗରେ ଆନ୍ତରିକତା ପ୍ରକାଶ ପାଏ ନାହିଁ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ କହୁଛି ଗତ ୧୦ ମାସ ମଧ୍ୟରେ ଓଡ଼ିଶାର ବିଭିନ୍ନ ଥାନାରେ ନାରୀ ନିର୍ଯାତନା, ଦୁଷ୍କର୍ମ, ଯୌନ ଶୋଷଣ, ପରକୀୟା ପ୍ରୀତି ଜନିତ ହିଂସାକାଣ୍ଡକୁ ନେଇ ୪ ହଜାରରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ଗତ ଦୁଇବର୍ଷ ମଧ୍ୟରେ ୩୫୨ ଜଣ ଯୁବତୀ ସାଇବର ଅପରାଧୀଙ୍କ ଦ୍ୱାରା ବ୍ଲାକମେଲ୍‌ର ଶିକାର ହୋଇଛନ୍ତି। ଆପତ୍ତିଜନକ ମନ୍ତବ୍ୟ ଦେବା, ସାମାଜିକ ଗଣମାଧ୍ୟମରେ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ, ଭିଡିଓ ଭାଇରାଲ କରିବା ପରି ଅପରାଧରେ ସଂପୃକ୍ତି ଅପରାଧ ମଧ୍ୟ ବଢ଼ିବାରେ ଲାଗିଛି। ବିଦ୍ୟାଳୟ, ମହାବିଦ୍ୟାଳୟ, ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ଏବଂ ପାଠ ପଢୁଥିବା ସମୟରେ ସେମାନଙ୍କ ମାନସିକ ଅବସ୍ଥା ବୁଝାଯିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଯାହାଫଳରେ ଦେଶରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଓଡ଼ିଶାରେ ଗତ ଚାରିବର୍ଷ ମଧ୍ୟରେ ୭୨ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବାର ମାମଲା ରୁଜୁ ହୋଇଛି। ୨୦୨୩ ଓ ୨୦୨୪ରେ ରାଜ୍ୟରେ ୨୮ ହଜାର ନାରୀ ଓ ଶିଶୁ ନିର୍ଯାତନା ଅଭିଯୋଗ ପଞ୍ଜୀକୃତ ହୋଇଛି। ଯଦିଓ ରାଜ୍ୟରେ ୬ଶହରୁ ଅଧିକ ଥାନାରେ ସ୍ୱତନ୍ତ୍ର ମହିଳା ଓ ଶିଶୁ ଡେସ୍କ କାମ କରୁଛି, ତଥାପି ନିର୍ଯାତନା ସଂଖ୍ୟା କମୁନାହିଁ। ଏହାର କାରଣ ତ୍ୱରିତ ବିଚାର କରା ନ ଯାଇ ଦୋଷୀକୁ ଦଣ୍ଡ ମିଳିବାରେ ଯେଉଁ ଲମ୍ବା ଅବଧି ରହିଛି ସେଥିରେ ଦୋଷୀମାନେ ଅପରାଧ ପରେ ଅପରାଧ କରି ଚାଲିଛନ୍ତି।

ରାଜ୍ୟରେ ଯେଉଁ ଜିଲ୍ଲାମାନଙ୍କରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଛାତ୍ରୀନିବାସରେ ଛାତ୍ରୀଙ୍କ ସୁରକ୍ଷା ଓ ଅନ୍ୟାନ୍ୟ ଗତିବିଧିର ପ୍ରମାଣ ପାଇଁ ସିସିଟିଭି କ୍ୟାମେରା ସଂଯୋଗ କରିବା ପାଇଁ ନିୟମ କରାଯାଇଛି। କିନ୍ତୁ ରାଜ୍ୟରେ ୩୩୮୧ ଛାତ୍ରୀ ନିବାସ ମଧ୍ୟରୁ ମାତ୍ର ୧୩୪୨ଟି ସିସିଟିଭି ସଂଯୋଗ କରାଯାଇଛି। କିଛି ଛାତ୍ରୀନିବାସରେ ସେଗୁଡ଼ିକ ଖରାପ ଅବସ୍ଥାରେ ଅଛି। ଅନ୍ୟଏକ ସମ୍ବେଦନଶୀଳ ବିଷୟ ହେଉଛି ଯେ ଗତ କିଛିବର୍ଷ ଧରି ଦେଶରେ ପୋକ୍ସୋ ମାମଲା ବଢ଼ି ଚାଲିଛି। ଦେଶରେ ପୋକ୍ସୋ କୋର୍ଟମାନଙ୍କରେ ଅଦ୍ୟାବଧି ୨ଲକ୍ଷ ୪୩ ହଜାର ମାମଲା ପଡ଼ିରହିଛି, ଯାହାକୁ ସମାଧାନ କରିବା ପାଇଁ ପାଖାପାଖି ୧୦ ବର୍ଷ ଲାଗିପାରେ।

ଖାଲି ତ ଆଇନ ତିଆରି କରିଦେଲେ ହେବ ନାହିଁ। କେଉଁଥି ପାଇଁ ଏହା ବଢ଼ି ବଢ଼ି ଚାଲିଛି ତାହାର ବିଧିବଦ୍ଧ ତର୍ଜମା ଆବଶ୍ୟକ। ଜାତୀୟ ଶିକ୍ଷାନୀତି କମିଶନ୍ ଜୁନ୍ ୨୯, ୧୯୬୬ରେ ଦେଇଥିବା ରିପୋର୍ଟରେ କହିଥିଲେ ଯେ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ସରକାରୀ କିମ୍ବା ବେସରକାରୀ ଶିକ୍ଷକମାନଙ୍କ ଉତ୍ତମ ଚରିତ୍ର, ମାର୍ଜିତ ବ୍ୟବହାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିପାରିବ। ଏହାଦ୍ୱାରା କୃତିତ୍ୱ ହାସଲ କରୁଥିବା ଛାତ୍ରଛାତ୍ରୀମାନେ ରାଷ୍ଟ୍ର ନିର୍ମାଣରେ ସଚ୍ଚୋଟତାର ସହିତ କାର୍ଯ୍ୟ କରିବେ। ଶିକ୍ଷାନୁଷ୍ଠାନମାନଙ୍କର ଆଜି ତାହା କେତେ ଦୂର ପାଳନ କରାଯାଉଛି, ତାହା ବିଚାର୍ଯ୍ୟ।

ଗାଁର ମାଇନର ସ୍କୁଲ ହେଉ କିମ୍ବା ସହରର ମହାବିଦ୍ୟାଳୟ, ବିଦ୍ୟାଳୟ, ଆଶ୍ରମ ସ୍କୁଲ୍, ସରକାରୀ କିମ୍ବା ଘରୋଇ କର୍ମଜୀବୀ ମହିଳାମାନଙ୍କ କର୍ମକ୍ଷେତ୍ର ହେଉ, ଯେତେବେଳେ ଯାହାବି ଅଭିଯୋଗ ଆସୁଛି ତାହାକୁ ଗୁରୁତ୍ୱ ଦିଆଯାଇ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କିମ୍ବା କମିଟି ତ୍ୱରିତ ବିଚାର କରି ସମାଧାନ କିମ୍ବା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ନଚେତ୍ ବିହଙ୍ଗ ବିପ୍ଳବର ବିଚାରପତି ଭାଲୁମାନେ ମାଙ୍କଡ଼ମାନଙ୍କ ପଣସ ଉପହାର ପାଇ ବିଚାର ବିଗାଡ଼ି ଦେଲାପରି ଏମିତି ଆଗକୁ କେତେକ ଅସୁରକ୍ଷିତ ଝିଅ ନିର୍ଯାତନାର ଶିକାର ହେଉଥିବେ।

ଶିକ୍ଷାକ୍ଷେତ୍ର ଏକ ଅମୃତ କ୍ଷେତ୍ର। ଗୁରୁ-ଶିଷ୍ୟର ପବିତ୍ର ପରମ୍ପରା ଆମ ସଭ୍ୟତାରେ ବହୁ ପ୍ରାଚୀନ। ଏଣୁ ଏପରି ଅମୃତକ୍ଷେତ୍ରରେ କଳଙ୍କ ନ ଲାଗୁ। ଶିକ୍ଷକ ଗୁରୁଦିବସର ମହତ୍ତ୍ୱ ବୁଝି ସେମାନଙ୍କ ଶୃଙ୍ଖଳା ଓ ଚରିତ୍ରକୁ ସର୍ବଦା ସ୍ୱଚ୍ଛ ରଖନ୍ତୁ।

ଧାମନଗର(ଭଦ୍ରକ), ମୋ: ୯୯୩୮୦୮୦୨୯୪

# ଜେଉଠ ଭୋଗ

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ଷାଠିଏ ପଉଟି ଓ ଛପନ ପ୍ରକାରର ଭୋଗ ଗ୍ରହଣ କରୁଥିବା ଭୋଜନୀଠାକୁର ଶ୍ରୀଜଗନ୍ନାଥ। ସେ ସାରାଦିନ ଖାଇବାରେ ଏତେ ବ୍ୟସ୍ତ ଯେ ଖାଇବା ହାତରେ ଧାରଣ କରୁଥିବା ଅସ୍ତ୍ର ସୁଦର୍ଶନଙ୍କୁ ବାମ ପଟେ ସ୍ଥାପିତ କରି ନିଜ କ୍ଷେତ୍ରକୁ ଭୋଜନ କ୍ଷେତ୍ର ରୂପେ ବିଖ୍ୟାତ କରିଛନ୍ତି। ତାଙ୍କ ଭୋଗର ପ୍ରକାରଭେଦ ଛପନଠାରୁ ବହୁ ଅଧିକ। କିନ୍ତୁ ବର୍ଷରେ କେବଳ ଜଗନ୍ନାଥଙ୍କୁ (ଚତୁର୍ଦ୍ଧାମୂର୍ତ୍ତିଙ୍କ ଭିତରୁ ଅନ୍ୟମାନଙ୍କୁ ନୁହେଁ) ଦୁଇ ଥର ଅର୍ପଣ କରାଯାଏ 'ଜେଉଠ ଭୋଗ' ନାମରେ ଏକ ନିଆରା ଭୋଗ। ପୃଥିବୀରେ ଅନ୍ୟ କୌଣସି ଦିଅଁଙ୍କୁ ଏପରି ଏକ ପ୍ରସାଦ ଅର୍ପଣର ପରମ୍ପରା ନାହିଁ। ଏହା ପାରମ୍ପରିକ ଭାବେ ରାଘବ ଦାସ ମଠରୁ ଆସେ। ରାମ ଓ କୃଷ୍ଣ ଜନ୍ମ ହେବା ପୂର୍ବ ସନ୍ଧ୍ୟାରେ ଏହା କେବଳ ଜଗନ୍ନାଥଙ୍କୁ ସମର୍ପିତ ହେଉଥିବାରୁ ଏହା ପଛରେ ଥିବା ତାତ୍ତ୍ୱିକ ଓ ବ୍ୟବହାରିକ ତାତ୍ପର୍ଯ୍ୟ ଜାଣିବା ଆବଶ୍ୟକ।

ଜେଉଠ ପଣସ ପରିବାରର ଏକ ବଡ଼ ଗଛ। ସେ ଗଛରେ ଫଳୁଥିବା ଛୋଟ ପଣସ ବା ଶିଳପୁଆ ଆକୃତିର ଫଳ ପାଚିଗଲେ ହଳଦିଆ ଦିଶେ। ଫଳକୁ ଫଟେଇ ଦେଲେ ତା' ଭିତରୁ ପଣସ କୋଳା ପରି ଛୋଟଛୋଟ କୋଳା ବାହାରେ। ଏ ଗଛର ନାଁ ଉଦ୍ଭିଦ ବିଜ୍ଞାନରେ 'ଆର୍ଟୋକାର୍ପସ୍ ଲକୁଚ', ସଂସ୍କୃତରେ 'ଲକୁଚ', ଇଂରାଜୀରେ 'ମଙ୍କି ଜାକ୍‌ସ'। ଫଳ ଅମ୍ଳରସଯୁକ୍ତ ହୋଇ ଥିବାରୁ ସେଥିରୁ ଏକପ୍ରକାର ଖଟା ତରକାରୀ ପ୍ରସ୍ତୁତ କରାଯାଏ। ଗର୍ଭବତୀମାନେ ଖଟା ଖାଇବାକୁ ଭଲ ପାଉ ପାଉଥିବାରୁ ଏ ତରକାରୀ ସେମାନଙ୍କର ପ୍ରିୟ। ଏ ଫଳ ଗର୍ଭବତୀମାନେ ଖାଇଲେ ସେମାନଙ୍କର ସୁଖ ପ୍ରସବ ହୁଏ ଏବଂ ନବଜାତ ଶିଶୁପାଇଁ ମାଆ ସ୍ତନରେ ପ୍ରଚୁର କ୍ଷୀର ପ୍ରସ୍ତୁତ ହୁଏ ବୋଲି ବିଶ୍ୱାସ କରାଯାଏ। ତେଣୁ ରାମ ଓ କୃଷ୍ଣ ଜନ୍ମ ହେବା ପୂର୍ବ ଦିନ ସନ୍ଧ୍ୟାରେ ଜଗନ୍ନାଥଙ୍କୁ ଜେଉଠ ଭୋଗ ସମର୍ପଣ ହୁଏ। ତା' ପରେ କେବଳ ଜଗନ୍ନାଥଙ୍କ ବାଡ଼ରେ ଏକ ସ୍ୱତନ୍ତ୍ର ବନ୍ଦାପନା କରାଯାଏ, ଯାହାର ନାମ 'ଗର୍ଭୋଦକ ବନ୍ଦାପନା'। ଜଣେ ଗର୍ଭବତୀ ମାତା ବିନା ଗର୍ଭ ଶୂଳରେ ପିଲା ଜନ୍ମ କରିବା ସମ୍ଭବ ନୁହେଁ। ତେଣୁ ରାମ ଓ କୃଷ୍ଣଙ୍କ ମାତାଙ୍କର ଗର୍ଭଶୂଳ ଆସିବା ପାଇଁ ପ୍ରାର୍ଥନା କରି ଏ ବନ୍ଦାପନା କରାଯାଏ।

ପ୍ରଥମେ ଜଗନ୍ନାଥ ରାମ ଜନ୍ମଦିନ ପୂର୍ବରୁ ରାମଙ୍କ ମାତା ଓ କୃଷ୍ଣ ଜନ୍ମଦିନ ପୂର୍ବରୁ କୃଷ୍ଣଙ୍କ ମାତାରୂପେ ଜେଉଠ ଭୋଗ ଏବଂ 'ଗର୍ଭୋଦକ ବନ୍ଦାପନା' ଗ୍ରହଣ କରନ୍ତି। ରାମ ଜନ୍ମ ଦିନ ରାମଙ୍କ ବିଜେ ପ୍ରତିମାଙ୍କୁ ରାମ ରୂପେ ଜନ୍ମ ଗ୍ରହଣ କରିବା ପାଇଁ ଆଜ୍ଞାମାଳ ପ୍ରଦାନ କରନ୍ତି। ଜନ୍ମାଷ୍ଟମୀ ଦିନ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ କୃଷ୍ଣ ରୂପେ ଜନ୍ମନେବାକୁ ସେହିରୂପେ ଆଦେଶ ଦିଅନ୍ତି। ସେତେବେଳେ ଗୋପାଳକୃଷ୍ଣଙ୍କୁ ଆଜ୍ଞା ପ୍ରଦାନ କରିବା ପାଇଁ ଠାକୁରଙ୍କୁ ପ୍ରାର୍ଥନା କରାଯାଏ। - 'ଇଦାନୀଂ କୃଷ୍ଣଚନ୍ଦ୍ରସ୍ୟ ଜନ୍ମନେ ପଦ୍ମଲୋଚନେ, ଆଜ୍ଞା କୁରୁ ମହାବାହୋ ଦାରୁବ୍ରହ୍ମଃ ନମସ୍ତୁତେ।'(ନୀଳାଦ୍ରି ମହୋଦୟ)। ତା' ପରେ ଜଗନ୍ନାଥ ନିଜର ବିଜେ ପ୍ରତିମା ରୂପେ ନିଜେ ରାମ ବା କୃଷ୍ଣ ରୂପେ ଜନ୍ମ ଗ୍ରହଣ କରନ୍ତି।

ଏହି ଉତ୍ସବ (ରାମ ଜନ୍ମ ଓ କୃଷ୍ଣ ଜନ୍ମ) ପାଳନ ଅବସରରେ ଶ୍ରୀଜଗନ୍ନାଥ ଚାରୋଟି ଦେବସ୍ୱରୂପରେ ଅବତୀର୍ଣ୍ଣ ହୋଇ ଲୀଳା ପ୍ରଦର୍ଶନ କରନ୍ତି। ୧. ଜଗନ୍ନାଥ ଲିଙ୍ଗାତୀତ ହୋଇଥିବାରୁ ପ୍ରଥମେ ମାତୃସ୍ୱରୂପ ଯୋଗମାୟା ରୂପେ ଜେଉଠ ଭୋଗ ଗ୍ରହଣ କରନ୍ତି। ୨. ସାର୍ବଭୌମ ପରମାତ୍ମା ରୂପେ ଯୋଗମାୟାଙ୍କର ଗର୍ଭଶୂଳ ଆରମ୍ଭ କରିବା ପାଇଁ ଗର୍ଭୋଦକ ବନ୍ଦାପନା ଗ୍ରହଣ କରନ୍ତି। ୩. ଅବତାରୀ ମହାବିଷ୍ଣୁ ରୂପେ ରାମ ଓ କୃଷ୍ଣଙ୍କୁ ଅବତାର ରୂପେ ଲୀଳା ପ୍ରଦର୍ଶନ କରିବାକୁ ଆଜ୍ଞାମାଳ ପ୍ରଦାନ ପୂର୍ବକ ଆଦେଶ ଦିଅନ୍ତି। ୪.ରାମ ଓ କୃଷ୍ଣରୂପେ ନିଜର ବିଜେ ପ୍ରତିମା ମାଧ୍ୟମରେ ଜନ୍ମ ଗ୍ରହଣ କରନ୍ତି। ଜେଉଠ ଏକ ଜଂଗଲ ଗଛ। କାଳକ୍ରମେ ଜଙ୍ଗଲ ଅପସରି ଯିବାରୁ ପୁରୀରେ ଏ ଫଳ ଅମିଳଣ ହୋଇଗଲା। ତା'ବଦଳରେ ଜେଉଠ ଶବ୍ଦର ଅପଭ୍ରଂଶ ହୋଇ ଏହା ଜେଉଡ ବା ଜେଉଟ ଭୋଗ ନାମରେ ଜଣାଯାଉଛି। ଏହି ଭୋଗରେ ଝିଲି, ଆରିସା ଓ ତାଟ ତୁଣ ନାମକ ଏକ ଖଟା ତରକାରୀ ମହାପ୍ରଭୁଙ୍କୁ ସମର୍ପଣ କରାଯାଉଛି।

ଷୋଡ଼ଶ ଶତାବ୍ଦୀରେ ଜଗନ୍ନାଥଙ୍କୁ କେବଳ ଗୋପାଳକୃଷ୍ଣ ରୂପେ ପ୍ରତିପାଦିତ କରିବା ପାଇଁ ଉଦ୍ୟମ ହୋଇଥିଲା। ଆଡ଼ମ୍ବର ସହ କୃଷ୍ଣ ଜନ୍ମ ପାଳନ ତା'ର ଏକ ଅଂଶବିଶେଷ ଥିଲା। ପଞ୍ଚସଖା ଓ ତାଙ୍କର ଅନୁଗାମୀମାନେ ଜଗନ୍ନାଥଙ୍କ ପୂର୍ଣ୍ଣବ୍ରହ୍ମ ସାର୍ବଭୌମ ଅବତାରୀ ଦେବତ୍ୱକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ କୃଷ୍ଣ ଜନ୍ମ ପାଳନକୁ ପ୍ରତ୍ୟକ୍ଷଭାବେ ବିରୋଧ ନ କରି ବୁଦ୍ଧି ଓ କୌଶଳ ପ୍ରୟୋଗ କରି ଜେଉଠ ଭୋଗ ଓ ଗର୍ଭୋଦକ ବନ୍ଦାପନା ପରି ନୀତିର ପ୍ରଚଳନ କରିଥିଲେ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## 'ଆଧାର' ନାଗରିକତ୍ୱର...

ଖଣ୍ଡପୀଠ କହିଲେ ଯେ ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଭାରତର ନାଗରିକ କିଏ? ଏହାର ଯାଞ୍ଚ କରିବାର କ୍ଷମତା ନିର୍ବାଚନ କମିସନ (ଇସି) ପାଖରେ ଅଛି କି ନାହିଁ। ଯଦି ସେମାନଙ୍କର ଏଭଳି କ୍ଷମତା ନାହିଁ, ତାହା ହେଲେ ଏସ୍ଆଇଆରର କିଛି ଅର୍ଥ ନାହିଁ। ଯଦି ଇସିର କ୍ଷମତା ରହିଛି, ତାହାହେଲେ ଏସ୍ଆଇଆରକୁ ନେଇ ଆଉ କିଛି ସମସ୍ୟା ରହିବ ନାହିଁ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ଅଭିଷେକ ସିଂହଭୀ କହିଥିଲେ ଯେ ଦେଶର ନାଗରିକ କିଏ ତାହାର ଯାଞ୍ଚ କେବଳ ଭାରତ ସରକାରଙ୍କର ସ୍ୱରାଷ୍ଟ୍ର ବିଭାଗ କରିପାରିବ। ଏହି କ୍ଷମତା ନିର୍ବାଚନ କମିସନଙ୍କୁ ଦିଆଯାଇନାହିଁ। ଏହାପୂର୍ବରୁ ସର୍ବୋଚ୍ଚ ଅଦାଲତ ମଧ୍ୟ ଏହା ସ୍ପଷ୍ଟ କରିଥିଲେ।

ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରି ଅନ୍ୟତମ ବରିଷ୍ଠ ଓକିଲ କପିଲ ଶିବଲ କହିଲେ ଯେ ବିହାରରେ ବହୁ ସଂଖ୍ୟକ ଲୋକମାନଙ୍କ ପାଖରେ ଆବଶ୍ୟକ ପ୍ରମାଣପତ୍ର ନଥିବାରୁ ସେମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଉଛି। ସେ ଆହୁରି କହିଲେ ଯେ ଏସ୍ଆଇଆର୍ ବେଳେ ନିର୍ବାଚନ କମିସନ ଯାହାକୁ ମୃତ ବୋଲି ଘୋଷଣା କରିଛନ୍ତି, ସେମାନେ ଜୀବିତ ଥିବାର ପ୍ରମାଣ ରହିଛି। ଜୀବିତ ଲୋକଙ୍କୁ ଜାଣିଶୁଣି ମୃତ ଘୋଷଣା କରି ସେମାନଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଉଛି। ଏହାର ଉତ୍ତର ଦେବାକୁ ଯାଇ କମିସନଙ୍କ ଓକିଲ ରାକେଶ ଦ୍ୱିବେଦୀ ସ୍ୱୀକାର କରିଥିଲେ ଯେ ଏସ୍ଆଇଆର୍ ବେଳେ ଏମିତି ତ୍ରୁଟି ହୋଇଛି। ତେବେ ଏହା କେବଳ ଚିଠା ତାଲିକା ଏବଂ ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ବେଳେ ଏହାର ସଂଶୋଧନ କରାଯିବ। ଏହି ସମୟରେ ମାନ୍ୟବର ବେଞ୍ଚ କହିଲେ ଯେ ଶୁଣାଣି ବେଳେ କମିସନଙ୍କ ପାଖରେ ସବୁ ତଥ୍ୟ ରହିବା ଉଚିତ। ଏସ୍ଆଇଆର୍ ପୂର୍ବରୁ ଭୋଟର ସଂଖ୍ୟା କେତେ ଥିଲା ଏବଂ କେତେ ଭୋଟରଙ୍କ ମୃତ୍ୟୁ ଘଟିଛି। ଏବେ ଏହି ସଂଖ୍ୟା କେତେ। ଏସଂକ୍ରାନ୍ତ ତଥ୍ୟ ଧରି ଆସିବାକୁ କୋର୍ଟ କହିଥିଲେ।

ଏହାସହିତ କୋର୍ଟ ସ୍ପଷ୍ଟ କରିଦେଇଥିଲେ ଯେ ଭୋଟର ତାଲିକାରୁ ବ୍ୟାପକ ସଂଖ୍ୟାରେ ନାମ କଟାଯାଇଥିଲେ କୋର୍ଟ ହସ୍ତକ୍ଷେପ କରିପାରିବେ ଏବଂ ଏହା ଉପରେ ବିଚାର କରାଯିବ। ଏସ୍ଆଇଆର୍ ପ୍ରକ୍ରିୟାରେ କୌଣସି ପ୍ରକାର ଅନିୟମିତତା ହୋଇଥିବା ଧରାପଡ଼ିଲେ କୋର୍ଟ ଏହାକୁ ରଦ୍ଦ ମଧ୍ୟ କରିଦେଇପାରିବେ। ଚଳିତ ବର୍ଷ ଶେଷ ଆଡ଼କୁ ବିହାର ବିଧାନସଭା ନିର୍ବାଚନ ହୋବକୁ ଯାଉଥିବା ବେଳେ ୩୦ ସେପଟେମ୍ବର ସୁଦ୍ଧା ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରିବ ନିର୍ବାଚନ କମିସନ। ଏହି ଦୁଇ ମାସ ମଧ୍ୟରେ କୋର୍ଟ ବଡ଼ ନିଷ୍ପତ୍ତି ନେଇପାରନ୍ତି।

## ଚାଲିପାରୁନି ସଂସଦ...

ମିନିଟରେ ଆରମ୍ଭ ହେବାପରେ ସରକାର ଖଣି ଓ ଖଣିଜ ପଦାର୍ଥ ବିଲ୍ ଆଗତ କରିଥିଲେ ଏବଂ ଏହା ବାଚନିକ ଭୋଟରେ ପାସ୍ ହୋଇଯାଇଥିଲା। ହଟ୍ଟଗୋଳ ମଧ୍ୟରେ ଏହାପୂର୍ବରୁ ଗୃହରେ ଆୟକର ବିଲ୍ ବିନା ଆଲୋଚନାରେ ପାସ୍ ହୋଇଥିଲା। ବିରୋଧୀ ସଭ୍ୟଙ୍କ ଏଭଳି ଆଚରଣ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଘୋର ଆପତ୍ତି ଜଣାଇଥିଲେ। ବିରୋଧୀଙ୍କ ନିନ୍ଦା କରି ସେ କହିଥିଲେ ଯେ ଗୃହକୁ ଚଳାଇ ନଦେବା ଲାଗି ସେମାନେ ଚକ୍ରାନ୍ତ କରିଛନ୍ତି। ଏହା ଗଣତନ୍ତ୍ର ଓ ସମ୍ବିଧାନ ବିରୋଧୀ। ହଟ୍ଟଗୋଳ ଜାରି ରହିବାରୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରାଯାଇଛି।

ରାଜ୍ୟସଭାରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। ବିରୋଧୀ ଦଳର ସଭ୍ୟମାନେ ଉତ୍ତେଜିତ ହୋଇ ହଟ୍ଟଗୋଳ କରିଥିଲେ। ହଟ୍ଟଗୋଳ ମଧ୍ୟରେ ସରକାର ବାଚନିକ ଭୋଟରେ ଦୁଇଟି ବିଲ ପାସ କରାଇନେଇଥିଲେ। ବିରୋଧୀ ସଭ୍ୟମାନେ ସ୍ଲୋଗାନ ଦେଉଥିବା ବେଳେ ଉପାଧ୍ୟକ୍ଷ ହରିବଂଶ କହିଥିଲେ ଯେ ଜିରୋ ଆୱାର ବେଳେ ସାଂସଦ ସେମାନଙ୍କର ପ୍ରଶ୍ନ ଉଠାଇପାରିବେ। ମୁଲତବୀ ଆଲୋଚନା ପାଇଁ ସେ ବିରୋଧୀଙ୍କ ପକ୍ଷରୁ ଦିଆଯାଇଥିବା ୨୯ଟି ନୋଟିସକୁ ଖାରଜ କରିଦେଇଥିଲେ। ଏହାର ପ୍ରତିବାଦ କରି ବିରୋଧୀ ଦଳ ୱାକ୍ ଆଉଟ୍ କରିଥିଲେ। ତେବେ ଏହାପୂର୍ବରୁ ବିରୋଧୀ ଦଳର ନେତା ଖଡ଼ଗେ ଏବଂ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ମୁହାଁମୁହିଁ ହୋଇଥିଲେ। ଖଡ଼ଗେ କହିଥିଲେ ଯେ ବିହାରରେ ଚାଲିଥିବା ଏସଆଇଆର୍ ଗମ୍ଭୀର ସମସ୍ୟା ସୃଷ୍ଟି କରିଛନ୍ତି। ଲକ୍ଷ ଲକ୍ଷ ଲୋକମାନଙ୍କ ନାମ କଟାଯାଉଛି। ଏହା ଉପରେ ଆଲୋଚନା ହେଉ ଏବଂ ସରକାର ଉତ୍ତର ରଖନ୍ତୁ। ଏହି ବେଆଇନ କାମ ବିହାରରେ ଅରମ୍ଭ ହୋଇଛି। ଏହାପରେ ପଶ୍ଚିମବଙ୍ଗ ଓ ଆସାମରେ ହେବ ଏବଂ ପୂରା ଦେଶରେ ଚାଲିବ। ଏହାକୁ ତୁରନ୍ତ ବନ୍ଦ କରାଯାଉ ବୋଲି ସେ ଦାବି କରିଥିଲେ। ସେ କହିଥିଲେ ଯେ ସଂସଦ ଚାଲୁ, ଏହା ବିରୋଧୀ ଚାହାନ୍ତି। କିନ୍ତୁ ସରକାର ଗୃହ ଚଳାଇ ଦେଉ ନାହାନ୍ତି। ଗୃହର ନେତା ତଥା କେନ୍ଦ୍ର ମନ୍ତ୍ରୀ ନଡ୍ଡା କହିଥିଲେ ଯେ ଏହି ପ୍ରସଙ୍ଗ ଉପରେ ଆଲୋଚନା ହୋଇପାରିବ ନାହିଁ। ଏହାସତ୍ତ୍ୱେ ବିରାଧୀ ଦଳ ଯେଭଳି ଗୃହକୁ ଅଚଳ କରି ରଖିଛନ୍ତି, ତାହା ବିରାଟ ଚକ୍ରାନ୍ତର ଏକ ଅଂଶ। ସେ କହିଲେ ଯେ ଗୃହ ଆଇନ ଅନୁସାରେ ଚାଲିବ, ବିରୋଧୀଙ୍କ ଅରାଜକତାରେ ଚାଲିପାରିବ ନାହିଁ। ବିରୋଧୀଙ୍କ ହଙ୍ଗାମା ଯୋଗୁଁ ଚଳିତ ଅଧିବେଶନର ୬୪ ଘଣ୍ଟା ବରବାଦ ହେଲାଣି। ଖଡ଼ଗେ ଦେଇଥିବା ଏସଆଇଆର୍ ସଂକ୍ରାନ୍ତ ମନ୍ତବ୍ୟକୁ ଗୃହର ବିବରଣୀରୁ ବାଦ୍ ଦେବାକୁ ସେ ଦାବି କରିଥିଲେ।

ସଂସଦ ବାହାର ମଧ୍ୟ ବିରୋଧୀ ଦଳର ସାଂସଦମାନେ ଧାରଣା ଦେବା ସହିତ ଏସ୍ଆଇଆର୍ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହି ଧାରଣାରେ ସବୁ ଦଳର ସାଂସଦ ସାମିଲ ହୋଇଥିଲେ। ଅନେକ ସାଂସଦ '୧୨୪ ନଟ୍ ଆଉଟ୍' ଲେଖା ହୋଇଥିବା ଧଳା ଟି-ସାର୍ଟ ପିନ୍ଧିଥିଲେ। ବିହାରରେ ଚିଠା ଭୋଟର ତାଲିକାରେ ଜଣେ ୧୨୪ ବର୍ଷ ବୟସ୍କା ବୃଦ୍ଧାଙ୍କ ନାମକୁ ସାମିଲ କରାଯିବା ସହିତ ତାଙ୍କୁ ପ୍ରଥମ ଥର ବା ନୂଆ ଭୋଟର ଭାବେ ଦର୍ଶାଇଛି ନିର୍ବାଚନ କମିସନ। ଏହା ଏକ ମିଥ୍ୟା ତଥ୍ୟ ହୋଇଥିବାରୁ ବିରୋଧୀ ସାଂସଦ ଏଭଳି ପ୍ରତିବାଦ କରିଥିଲେ। ଇତିମଧ୍ୟରେ ମିଣ୍ଟା ଦେବୀ ନାମକ ଏହି ମହିଳା ଜଣକ କହିଛନ୍ତି ଯେ ଯଦି ତାଙ୍କର ବୟସ ୧୨୪ ବୋଲି କମିସନ କହୁଛନ୍ତି, ତାହେଲେ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁ। ତେବେ ତାଙ୍କୁ ନେଇ ବିରୋଧୀ ଦଳ ରାଜନୀତି କରୁଥିବାରୁ ଏହାର ସମାଲୋଚନା କରିଛନ୍ତି।

## ବିଜେପି ସରକାରଙ୍କ...

ନାବାଳିକା ନିଆଁରେ ଜଳି ପ୍ରାଣ ହରାଇବା ଖବର ମୋତେ ଗଭୀର ଭାବେ ବ୍ୟଥିତ, ଚକିତ ଓ ମର୍ମାହତ କରିଛି। ନାବାଳିକାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି। ଏପରି ଦୁଃଖଦ ସମୟକୁ ସାମ୍ନା କରିବା ପାଇଁ ମହାପ୍ରଭୁ ପରିବାରର ସଦସ୍ୟଙ୍କୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ। ନିଆଁ ଲଗାଇ ଆମ ଝିଅମାନେ ଜୀବନ ହାରିବାର ଏହି ଧାରା ଅତ୍ୟନ୍ତ ବିଚଳିତ କରିଦେବା ପରି। ଏଇ ଗୋଟେ ମାସ ଭିତରେ ଚାରି ଚାରି ଜଣ ଯୁବତୀ ସମାନ ଭାବରେ ନିଜ ଜୀବନ ହାରି ଦେଇଛନ୍ତି। ଏପରି ନିରୀହ ଜୀବନ ଚାଲିଯିବା ସମଗ୍ର ଓଡ଼ିଶାବାସୀଙ୍କୁ ବ୍ୟଥିତ କରୁଛି। ଏହା ଆହୁରି ହୃଦୟବିଦାରକ ଯେ, ସେମାନେ ଆଉ କୌଣସି ରାସ୍ତା ନ ପାଇ ଶେଷରେ ନିଜ ଜୀବନ ହାରିବାକୁ ବାଛି ନେଉଛନ୍ତି ବୋଲି ନବୀନ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ କେବଳ ଏଇ ଚାରି ନିରୀହ ଜୀବନ ନୁହେଁ, ଏବେ ପ୍ରତିଦିନ ଅପରାଧର ଶିକାର ହୋଇ ଓଡ଼ିଶାର ଅନେକ ଝିଅ ଏପରି ପରିସ୍ଥିତିର ସାମ୍ନା କରୁଛନ୍ତି। ସେମାନଙ୍କ ନିରାଶା କେବଳ ଏକ ବ୍ୟକ୍ତିଗତ ଘଟଣା ନୁହେଁ। ପ୍ରତିଦିନ ଘଟୁଥିବା ଏପରି ଘଟଣା, ବ୍ୟବସ୍ଥାର ବିଫଳତା ପରି ଏକ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି। ବିଜେପିର ଶାସନ, ବ୍ୟବସ୍ଥା ଉପରେ ଭରସା ବଜାୟ ରଖିବାରେ ବିଫଳ ହୋଇଛି। ଆମେ ଆମ ଝିଅମାନଙ୍କ ପାଇଁ ଏପରି ଏକ ପରିବେଶ ସୁନିଶ୍ଚିତ କରି ପାରୁନାହାନ୍ତି; ଯେଉଁଠି ସେମାନେ ସୁରକ୍ଷିତ ଥିବେ, ସେମାନଙ୍କ କଥା ଶୁଣା ଯାଉଥିବ ଏବଂ ସେମାନଙ୍କ ଗୁରୁତ୍ୱ ଥିବ ବୋଲି ନବୀନ କ୍ଷୋଭ ପ୍ରକାଶ କରି କହିଛନ୍ତି।

## ଦଶମ ଛାତ୍ରୀଙ୍କୁ...

ନାବାଳିକାଜଣଙ୍କ ପଚାରିଥିଲେ। କିନ୍ତୁ ଅଭିଯୁକ୍ତଜଣକ ତାଙ୍କୁ ମଶାଣି ନିକଟରେ ଥିବା ନିଛାଟିଆ ଜଙ୍ଗଲ ଭଳି ହୋଇଥିବା ସ୍ଥାନକୁ ନେଇ ଦୁଷ୍କର୍ମ କରିଥିଲେ। ପୀଡ଼ିତାଙ୍କ ଚିତ୍କାର ଶୁଣି ଅନ୍ୟ ୪ଜଣ ଅଜଣା ଲୋକ ସେଠାକୁ ଆସିଥିଲେ। ସେମାନେ ମଧ୍ୟ ନାବାଳିକାଙ୍କୁ ମାଡ଼ ମାରି ଦୁଷ୍କର୍ମ କରିଥିଲେ। ଗଣଦୁଷ୍କର୍ମ ପରେ ପିଇସା ପୀଡ଼ିତା ଝିଅାରୀକୁ ଗାଁ ମୁଣ୍ଡରେ ଏକା ଛାଡ଼ିଦେଇଥିଲା। ଘଟଣା ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣା ପରେ ପୀଡ଼ିତା ନାବାଳିକା ଦୁଃଖରେ ଭାଙ୍ଗିପଡ଼ିବା ସହ ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ତେବେ ଏ ସମ୍ପର୍କରେ ତାଙ୍କ ମାଇଁ ଜାଣିବା ପରେ ଘଟଣା ପ୍ରଘଟ ହୋଇଥିଲା ଏବଂ ପରେ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଘଟଣାଟି ଗତ ୯ ତାରିଖରୁ ଘଟିଥିଲେ ହେଁ ୧୧ ତାରିଖ ବିଳମ୍ବିତ ରାତିରେ ରାଜନଗର ଥାନାରେ ଅଭିଯୋଗ ହୋଇଛି। ପୁଲିସ ରାତାରାତି ପିଇସା ହାପି ମଳିକ ଓ ଏହି ଘଟଣାରେ ସମ୍ପୃକ୍ତ ଥିବା ଗାଁର ଅନ୍ୟ ୪ ଜଣ ଯୁବକଙ୍କୁ ଉଠାଇ ଆଣି ଥାନାରେ ପଚରାଉଚରା କରୁଛି। ୪ ଯୁବକଙ୍କ ମୋବାଇଲ୍ ଜବତ କରି ଯାଞ୍ଚ କରାଯାଉଛି। ଦୁଷ୍କର୍ମର ଫଟୋ ଓ ଭିଡିଓ ଦୁଷ୍କର୍ମକାରୀମାନେ ଉତ୍ତୋଳନ କରି ତାହାକୁ ଭାଇରାଲ କରିବା ସହ ପୀଡ଼ିତାଙ୍କ ଭାଇଙ୍କ ପାଖକୁ ପଠାଇଥିଲେ। ଭାଇ ମୋବାଇଲ୍‌ରେ ଆସିଥିବା ଫଟୋ ଦେଖି ସେ ତାଙ୍କ ଭଉଣୀ ସହ ଦୁଷ୍କର୍ମ ହୋଇଥିବା ଜାଣିବାକୁ ପାଇଥିଲେ। ଦୁଷ୍କର୍ମକାରୀମାନେ ଦୁଷ୍କର୍ମ କରି ଫଟୋ ଉଠାଇ ତାଙ୍କ ଭାଇଙ୍କୁ ପଠାଇବା ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ପୀଡ଼ିତାକୁ ପଟ୍ଟାମୁଣ୍ଡାଇ ମେଡିକାଲରେ ଓ ମୁଖ୍ୟ ଅଭିଯୁକ୍ତ ପିଇସାକୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରୀମାଇନା କରାଯାଇଛି ବୋଲି ରାଜନଗର ଥାନା ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ରାଜନଗରରେ ବିକ୍ଷୋଭ ଓ ରାସ୍ତାରୋକ କରାଯାଇଛି। କଂଗ୍ରେସ ଓ ବିଜେଡି ଟିମ୍ ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି।

## ଏଣିକି ସବୁ...

ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗକୁ ପଦକ୍ଷେପ ପାଇଁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏ ସମ୍ପର୍କରେ ପ୍ରସ୍ତୁତିର ସୂଚନ ଦେଇଛନ୍ତି। ଯେଉଁ ସରକାରୀ ଅଧିକାରୀ ବା କର୍ମଚାରୀମାନେ କାର୍ଯ୍ୟ ଠିକ୍ ଭାବରେ ସମ୍ପାଦନ କରୁନାହାନ୍ତି, ସେମାନଙ୍କୁ ବିଭାଗସ୍ତରରେ ମାସିକ ବା ବିଭିନ୍ନ ସମୟରେ ସେମାନଙ୍କର କାର୍ଯ୍ୟ ପ୍ରଦର୍ଶନ ସମୀକ୍ଷା ହୋଇ ତଥ୍ୟ ରଖାଯିବ। ଏହାପରେ ସରକାରୀ ବ୍ୟବସ୍ଥା ଅନୁସାରେ ଅବସର ପୂର୍ବରୁ ଅବସର ଦେବା ପାଇଁ ପଦକ୍ଷେପ ନିଆଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ସେହିପରି ସରକାରୀ କ୍ରୟ ପ୍ରକ୍ରିୟା, ସେବା ଓ ଦ୍ରବ୍ୟ ବିକ୍ରୟ, ମାନବ ସମ୍ବଳ ପରିଚାଳନା, ଲୋକମାନଙ୍କୁ ସେବା ପ୍ରଦାନ ଏବଂ ପ୍ରବର୍ତ୍ତନ(ଚଢଉ)ରେ ଅନିୟମିତତା ଆଦି ଦୁର୍ନୀତିର ସମ୍ଭାବ୍ୟ କ୍ଷେତ୍ର ବୋଲି ବିବେଚନା କରାଯିବା ସହିତ ଭିଜିଲାନ୍ସ ପ୍ରଶାସନକୁ ସୁଦୃଢ଼ୀକରଣ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ବିଭାଗୀୟ କାର୍ଯ୍ୟ ତଦାରଖ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରିବା ପାଇଁ ତଥ୍ୟ ସମ୍ବଳିତ ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସବୋର୍ଡ (ଚିଫ୍ ମିନିଷ୍ଟର୍ସ ଡ୍ୟାସ୍ ବୋର୍ଡ) କାର୍ଯ୍ୟକାରୀ କରାଯିବା ସଂପର୍କରେ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା। ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ଭିତ୍ତିଭୂମି ପ୍ରକଳ୍ପ ଗୁଡିକର ମଞ୍ଜୁରୀ ପାଇଁ ଆବଶ୍ୟକ ଭୂ ଅଧିଗ୍ରହଣ, ପିଏମଜି ଓ ପ୍ରଗତିରେ ଅନ୍ତର୍ଭୁକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ସଂପର୍କରେ ଜିଲ୍ଲାପାଳମାନେ ପ୍ରତି ମାସରେ ୭ ତାରିଖ ସୁଦ୍ଧା ଜିଲ୍ଲାସ୍ତରରେ, ସଂପୃକ୍ତ ବିଭାଗୀୟ ମୁଖ୍ୟ ବିଶେଷ କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମାସର ୧୨ ତାରିଖ ସୁଦ୍ଧା ସମୀକ୍ଷା ବୈଠକ କରିବେ। ପରବର୍ତ୍ତୀ ସମୟରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମାସର ଶେଷ ଶନିବାର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସବୋର୍ଡ ଆସନ୍ତା ଅକ୍ଟୋବର ୧ ତାରିଖରେ ଶୁଭାରମ୍ଭ ହେବା ସଂପର୍କରେ ବୈଠକରେ ସୂଚନା ଦିଆଯାଇଥିଲା। ସେହିପରି ଅଧିକାରୀମାନଙ୍କର କ୍ଷେତ୍ର ପରିଦର୍ଶନ ସମୟରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଗସ୍ତ କରି ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିବାକୁ ପରାମର୍ଶ ଦିଆଯାଇଛି।

# ବ୍ୟବହାର ହେବନି 'ହରିଜନ' ଶବ୍ଦ

## ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ପାଳନ ହେଉନି ନିୟମ

ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟରେ ସମସ୍ତ ସରକାରୀ ରେକର୍ଡ, କାରବାର, ଜାତିଗତ ପ୍ରମାଣପତ୍ର, ପ୍ରକାଶନ ଓ ବିଭାଗୀୟ ନାମକରଣ ସହ ଅନ୍ୟାନ୍ୟ କୌଣସି କ୍ଷେତ୍ରରେ 'ହରିଜନ' ଶବ୍ଦ ବ୍ୟବହାର ହୋଇପାରିବ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ବାରମ୍ବାର ଏ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି ପରେ ମଧ୍ୟ ଏହି ନିୟମ ପାଳନ ହୋଇପାରୁନାହିଁ।

■ ନିୟମ ପାଳନ ନେଇ ସୁନିଶ୍ଚିତ କରିବାକୁ ପୁନର୍ବାର ନିର୍ଦ୍ଦେଶ

■ ୬ ଟି ଜିଲ୍ଲାରେ ସ୍କୁଲ୍‌ର ନାମ କରଣକୁ ନେଇ ଉଠିଥିଲା ଆପତ୍ତି

ଏହି ସରକାରୀ ନିର୍ଦ୍ଦେଶନାମାର ପାଳନକୁ ସୁନିଶ୍ଚିତ କରିବା ପାଇଁ ମଙ୍ଗଳବାର ପୁଣିଥରେ ରାଜ୍ୟ ଏସ୍‌ଟି ଓ ଏସ୍‌ସି ବିଭାଗ ପକ୍ଷରୁ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, କମିସନର ତଥା ସଚିବଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି। ଲିଖିତ ଚିଠିରେ 'ହରିଜନ' ଶବ୍ଦ ପରିବର୍ତ୍ତେ ସାମ୍ବିଧାନିକ ଶବ୍ଦ "ଅନୁସୂଚିତ ଜାତି"କୁ ବ୍ୟବହାର କରିବାକୁ କୁହାଯାଇଛି।

ନିକଟରେ 'ହରିଜନ' ଶବ୍ଦକୁ ବ୍ୟବହାର କରି ରାଜ୍ୟର ୬ଟି ଜିଲ୍ଲାରେ ବିଭିନ୍ନ ସ୍କୁଲର ନାମକରଣ ରହିଛି। ଏହା ଉପରେ ଆପତ୍ତି ଉଠାଇ ରାଜ୍ୟ ମାନବାଧିକାର ଆୟୋଗଙ୍କ ନିକଟରେ ଏକ ମାମଲା ଦାୟର ହୋଇଥିଲା। ଏହାକୁ ବିଚାର କରି ଆବଶ୍ୟକ ପଦକ୍ଷେପ ନେବାକୁ ଆୟୋଗ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ରାଜ୍ୟ ସରକାର ସବୁ ବିଭାଗୀୟ ମୁଖ୍ୟଙ୍କ ସହ ଏହି ନିର୍ଦ୍ଦେଶକୁ ଅନୁପାଳନ କରି ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ୬ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଏହା ପୂର୍ବରୁ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ୨୦୧୨ ମସିହାରେ ରାଜ୍ୟ ମୁଖ୍ୟ ସଚିବଙ୍କୁ ଚିଠି ଲେଖି 'ହରିଜନ' ଶବ୍ଦ ବ୍ୟବହାର ଉପରେ ରୋକ୍ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ୨୦୧୩ ଜାନୁୟାରୀ ୧୦ ତାରିଖରେ ମଧ୍ୟ ଏହି ନିୟମ ଅନୁପାଳନ ପାଇଁ ସବୁ ବିଭାଗକୁ ଚିଠି ଲେଖିଥିଲେ। ଏବେ ପୁଣି ରାଜ୍ୟ ମାନବାଧିକାର ଆୟୋଗ ୨୦୨୫ ଜାନୁୟାରୀ ୩୧ ତାରିଖରେ ମଧ୍ୟ ଏହି ଶବ୍ଦ ବ୍ୟବାହାର ଉପରେ ରୋକ୍ ପାଇଁ ଆଦେଶ ଦେଇଛନ୍ତି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ-୩୪୧ ଅନୁସାରେ ଅନୁସୂଚିତ ଜାତି ବର୍ଗଙ୍କ ନିମନ୍ତେ ଇଂରାଜୀରେ 'ସିଡ୍ୟୁଲ୍ କାଷ୍ଟ' ଓ ଓଡ଼ିଆରେ 'ଅନୁସୂଚିତ ଜାତି' ଶବ୍ଦ ଉପଯୋଗ କରାଯିବ ବୋଲି ଚିଠିରେ କୁହାଯାଇଛି।

୬ଟି ଜିଲ୍ଲା ଯଥା ନୟାଗଡ଼, କଟକ, ପୁରୀ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ସ୍କୁଲଗୁଡ଼ିକ ରହିଛି। ଏହି ସ୍କୁଲ୍‌ର ନାମରେ 'ହରିଜନ' ଶବ୍ଦ ବ୍ୟବହାର ହୋଇଛି। ତେଣୁ ତୁରନ୍ତ ନିଜ ନିଜ ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକର ନାମରୁ 'ହରିଜନ'ଶବ୍ଦ ହଟାଇବା ସହ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଥାଉ କି, ଓଡ଼ିଶାର ବହୁଜନ ଛାତ୍ର ଓ ଯୁବ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଅନୀଲ କୁମାର ମଲ୍ଲିକଙ୍କ ଦ୍ୱାରା ଦାଏର ଏକ ମାମଲାର ବିଚାର କରି ଓଡ଼ିଶା ମାନବାଧିକାର ଆୟୋଗ ୨୦୨୫ ଜାନୁୟାରୀ ୩୧ତାରିଖରେ ଏହି ନିର୍ଦ୍ଦେଶନାମା ଜାରି କରିଥିଲେ।


O-578

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS, DIVISION, ANGUL

1st Corrigendum to TCN No. AGL-03 / 2025-26 (Road)

Modification regarding availability of Tender for online bidding for all works under TCN No. AGL-03 / 2025-26 (Road) has been made as follows due to some unavoidable circumstances.

1. Availability of Tender for online bidding from 12.08.2025 (10.00 A.M.) to 19.08.2025 (5.00 P.M.)
2. Last date & time of seeking tender clarification 18.08.2025 (1.00 P.M.)
3. Date & Time of opening 20.08.2025 (11.00 A.M.)

All others term & conditions remain unchanged.

Executive Engineer,
R.W. Division, Angul

OIPR-25096/11/0027/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, RAYAGADA
(E-mail ID: seemirgd@gmail.com)
NOTICE INVITING TENDER
e-Procurement Notice
e-Procurement Notice No. SEMIDRGD - 01/2025-26
Letter No. 2714 Dated. 11.08.2025

A-492

The Superintending Engineer, Minor Irrigation Division, Rayagada on behalf of Governor of Odisha invites Percentage rate bids in Single cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

| | | |
|---|---|---|
| 1. | Name of the work | Improvement to 11 nos. of MIPs in different Block of Rayagada District under Critical Grant for the year 2025-26. |
| 2. | Total Number of works | 11 (Eleven) Nos. |
| 3. | Estimated cost | Approximately varies from Rs. 16.95 lakh to Rs. 29.66 lakh. |
| 4. | Period of completion | Varies from 90 (Ninety) to 120(One Hundred Twenty) Days |
| 5. | Class of Contractor | "D", "C" & "B" Class Contractor |
| 6. | Date and time of availability of bid documents in the portal | From 10.00 A.M of 16.08.25 to 5.00 PM of 26.08.2025 |
| 7. | Last date /time for receipt of bids in the portal | 5.00 PM on 26.08.2025 |
| 8. | Date of opening of bid | At 11.00 AM on 29.08.2025 in website (www.tendersorissa.gov.in) |
| 9. | Submission of Bids | Online mode |
| 10. | Name of the Officer inviting Bid | Superintending Engineer, Minor Irrigation Division, Rayagada |
| 11. | Further details can be seen from the Government of Odisha Website: www.tendersorissa.gov.in | |

Superintending Engineer
M.I. Division, Rayagada

OIPR-32524/11/0024/2526

ବ୍ୟାଙ୍କ ଅଫ୍ ଇଣ୍ଡିଆ
Bank of India BOI

ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ବି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୫

ଦଖଲ ନୋଟିସ୍
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା [illegible]

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ସହ-ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ (ସାଙ୍କେତିକ) ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଚନ୍ଦକା ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ ଶାଖା / [illegible] | ଟ.୨୧,୦୬,୫୪୪.୦୦ + ସୁଧ ଏବଂ ଖର୍ଚ୍ଚ [illegible] | ୧୬.୦୫.୨୦୨୫ / ୧୧.୦୮.୨୦୨୫ | [illegible] |
| ଚନ୍ଦକା ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ ଶାଖା / [illegible] | ଟ.୮,୭୮,୮୨୯.୫୯ + ସୁଧ ଏବଂ ଖର୍ଚ୍ଚ [illegible] | ୧୬.୦୫.୨୦୨୫ / ୧୧.୦୮.୨୦୨୫ | [illegible] |
| ଜଗତସିଂହପୁର ଶାଖା / [illegible] | ଟ.୨୮,୨୯,୩୪୮.୦୦ [illegible] | ୧୫.୦୫.୨୦୨୫ / ୦୮.୦୮.୨୦୨୫ | [illegible] |

ତାରିଖ: ୧୨.୦୮.୨୦୨୫
ସ୍ଥାନ: ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ



**ଶପଥପତ୍ର**

ଏହି ଶପଥପତ୍ର ନୋଟାରୀ ପବ୍ଲିକ୍, ଭୁବନେଶ୍ୱରଙ୍କ ସମ୍ମୁଖରେ ନିଷ୍ପାଦନ କରାଯାଇଛି ମୁଁ ବିପାଶା ସାହୁ, ସ୍ୱାମୀ-ହେମନ୍ତ ସାହୁ, ଗ୍ରାମ-ସିମିଳିପାଡ଼ି, ଢେଙ୍କିପଦା, ଅନୁଗୁଳ, ଜିଲ୍ଲା-ଢେଙ୍କାନାଳ, ଓଡ଼ିଶା, ଘୋଷଣା କରୁଛି କି ମୋର ଏକ ରେଜିଷ୍ଟ୍ରିଭୁକ୍ତ କବଲା ନମ୍ବର-୩୫୩୨, ତା ୦୮.୦୮.୨୦୦୭, ଡିଏସ୍ଆର୍ ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ ମୌଜା-ବନମାଳୀପ୍ରସାଦ, ଖାତା ନଂ. ୫୩୫/୧୫୦୪, ପ୍ଲଟ୍ ନଂ. ୧୯୦୮/୪୫୨୨, ଏରିଆ ଏ ୦.୦୮୦ ଡିସିମିଲରେ ଅବସ୍ଥିତ, ଯାହାକି ଢେଙ୍କାନାଳ ମୁଖ୍ୟ ମାର୍କେଟ୍‌ରେ ତା ୦୨.୦୮.୨୦୨୫ରିଖରେ କେଉଁଠାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ଦଲିଲ୍‌କୁ ପାଇଥାଆନ୍ତି ଦୟାକରି ନିମ୍ନଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ମୋବାଇଲ୍ - ୮୪୨୦୦୧୧୯୮୫, ସୋମନାଥ ପଟ୍ଟନାୟକ

**Notice (for Minor)**

By virtue of an affidavit sworn before Notary Public, Udala, Mayurbhanj, dated 12-08-2025 I, Raju Luhar, Address AT- Dabak, PO- Nuagaon, PS- Khunta, Dist- Mayurbhanj, PIN-757104 declare that I have changed the name of my daughter from Priyanka Lohar to Saradha Luhar. Henceforth, she shall be known as Saradha Luhar for all purposes.

Raju Luhar

**Notice (for Minor)**

By virtue of an affidavit sworn before Notary Public, Udala, Mayurbhanj, dated 12-08-2025 I, Ramachandra Tudu, Address At- Astia, PO-Srinathpur, PS- Udala, Dist- Mayurbhanj, Pin-757085 declare that I have changed the name of my daughter from Duni Tudu to Sunita Tudu. Henceforth, she shall be known as Sunita Tudu for all purposes.

Ramachandra Tudu

**AFFIDAVIT**

I, Sajvel Chichkhede s/o Siddthartha Chichkhede resides Udaigiri, Room no.406, Darlipali, NTPC Darlipalli township, Sundargarh, Odisha (770072) have wronged father's name in class 10 and 12th marksheet declared by this affidavit no. 603 dated 28/07/2025 that my father's name shall be known as **SIDDHARTH CHICHKHEDE** for all future purposes.

**AFFIDAVIT**

I, Kedar Chandra Pattanaik, aged about 65 years, S/o- Bhagirathi Pattnaik resident of At- Flat No-3/1, Block No- C2, Hitech Residency, Madhipur, Kuha, Bhubaneswar, Pin- 751002, Odisha declare by this affidavit No. 1588, dtd. 12/08/2025, that now onwards I shall be known as **KEDAR CHANDRA PATTNAIK** for all future purposes.

**AFFIDAVIT**

I Firza Khatun, aged about 60 years, W/o- Golam Mohammad Of Vill - Jayanagar (Munusipatana), Po/Ps- Dhamnagar, Dist.: Bhadrak, Pin-756117, affidavit No 3258-dated 22-05-2025 That I swear this affidavit to place before concerned authority to prove of my name as Firza Khatun & Firoza Khatun, W/o- Golam Mohammad is one & Same person. that I concerned authority for correction of my adhar card mentioning my recorded name.

**AFFIDAVIT**

By virtue of an affidavit sworn before The Notary Public, Tentulikhunti, Nabarangpur, dated- 11/08/2025. I **Gilgan Samantray**, S/o Late Chitaranjan Samantray, resident of Vill/Po/Ps- Tentulikhunti, Dist- Nabarangpur, Pin- 764070, Odisha declare that I have changed my minor son's name from **Gifson Samantaray** (old name) to **Amlan Bibhav Samantray** (new name). Henceforth, he shall be known as **Amlan Bibhav Samantray** (new name) for all purposes.

Gilgan Samantray

**NOTICE**

By virtue of an affidavit sworn before The Notary Public, Sunabeda dated 12/08/2025 I, Smt. Manima Majhi, W/o- Jayaram Majhi, Vill.- Mangrel, Po.- Raising, Ps.- Padwa, District- Koraput declare that I have changed my name from **Mani Majhi** to **Manima Majhi**. Henceforth, I shall be known as **Manima Majhi** for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 12/08/2025. I, **Ketak Tandi** (Applicant name), S/O- Kirti Tandi, Permanent resident of At- Satighat, P.O. Bhatipada, P.S. Titilagarh, Dist- Balangir, (Odisha), PIN- 767042, now residing at the same place affirm that I have changed my minor son's name from **Rehan Tndi** (old name) to **Rehan Tandi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Rehan Tandi** (new name).

Ketak Tandi

**AFFIDAVIT**

By virtue of an affidavit executed before the Executive Magistrate, Athgarh on 22.7.2025 declare the following facts that I Sanjukta Nayak W/o-Ramakant Nayak of Village-Bailo Po- Mahakalbasta Ps- Athgarh Dist. Cuttack . But in my Adhar Card it was recorded as Sanjukta Parida instead of Sanjukta Nayak. Henceforth I will known as Sanjukta Nayak for all purposes.

**AFFIDAVIT**

I, Purusottam Swain, aged about 59 years, S/o- Sanyasi Swain resident of At- Kurulai, Po- Patulisahi, Dist- Ganjam, Pin-761140, Odisha declare by this affidavit No. 1589, dtd. 12/08/2025, that now onwards I shall be known as **PURUSHOTTAM SWAIN** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nandapur, Dist.- Koraput, I Guntha Narayano, S/o- Late Guntha Dhana, resident of Vill.- Daleiput, Po.- Kularsing, Ps.- Padwa, Dist.- Koraput, Odisha, Pin- 764038 state that, I have changed my name from **Narayan Guntha** to **Guntha Narayano**. Henceforth I shall be known as **Guntha Narayano** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Padampur, on dated- 11/08/2025. I, **Bhabani Patel,** S/o- Soukilal Patel, permanent & current resident of At- Purena, Po- Purena, Dist- Bargarh, PIN- 768036, Odisha declare that I have changed my minor Daughter name from **Sunam Patel** (old name) To **Sonam Patel** (new name). Henceforth, she shall be known as **Sonam Patel** (new name) for all future purposes.

Bhabani Patel

**AFFIDAVIT**

By virtue of an affidavit sworn before The Executive Magistrate, Padampur, on dated- 08/08/2025. I, **Niroj Kumar Patel,** S/o- Dala Patel, permanent & current resident of At- Satibhata, Po- Purena, Dist- Bargarh, PIN- 768036, Odisha declare that I have changed my minor son's name from **Joshapal Patel** (old name) To **Jashapal Patel** (new name). Henceforth, he shall be known as **Jashapal Patel** (new name) for all future purposes.

Niroj Kumar Patel

### କାଉନସିଲରଙ୍କ ଅଭିଯୋଗ

# ତଦନ୍ତ ପାଇଁ ପ୍ରସ୍ତୁତ: ନଗରପାଳ

କେସିଙ୍ଗା, ୧୨।୮ (ସମିସ)

କେସିଙ୍ଗା ଏନ୍ଏସିର ବିଭିନ୍ନ ଉନ୍ନୟନ କାମରେ ଦୁର୍ନୀତି ହୋଇଥିବା ମିଛ ଅଭିଯୋଗ କରି ୫ କାଉନସିଲର ମେଳି ବାନ୍ଧିଛନ୍ତି। ଏହା ପଛରେ ନଗରପାଳ ନୃପରାଜ ଯାଦବଙ୍କୁ ଗାଦିଚ୍ୟୁତ ଓ ବଦନାମ କରିବା ପାଇଁ ସେମାନଙ୍କ ଚକ୍ରାନ୍ତ ବୋଲି ସ୍ପଷ୍ଟ ହୋଇଛି। ନିକଟରେ ସେମାନେ ଉଦ୍ଦେଶ୍ୟମୂଳକ ଭାବେ ଭିଜିଲାନ୍ସ ଓ ଜିଲ୍ଲାପାଳଙ୍କୁ ଭେଟିଥିଲେ। ମଙ୍ଗଳବାର ପ୍ରେସ୍‌ବିଜ୍ଞପ୍ତି ଜାରି କରି ଚର୍ଚ୍ଚାରେ ରହିବାକୁ ଉଦ୍ୟମ କରିଛନ୍ତି। ଅନ୍ୟପକ୍ଷେ ଏହି ଅଭିଯୋଗକୁ ନଗରପାଳ ଖଣ୍ଡନ କରିଛନ୍ତି। ଯେକୌଣସି ତଦନ୍ତ ପାଇଁ ସେ ପ୍ରସ୍ତୁତ ଥିବା କହିଛନ୍ତି।

୩ ନମ୍ବର ୱାର୍ଡର କାଉନସିଲର ରୋହିତ ଜୈନ, ୧୧ ନମ୍ବର ୱାର୍ଡର ରମାକାନ୍ତ ଜେନା, ୧ ନମ୍ବର ୱାର୍ଡର ମଞ୍ଜୁଳା ସାହୁ, ୫ ନମ୍ବର ୱାର୍ଡରର ମଞ୍ଜୁ ମାଝୀ ଏବଂ ୨ ନମ୍ବର ୱାର୍ଡର ଭୂପେନ ଘିଭେଲା ନଗରପାଳଙ୍କ ବିରୋଧରେ ମେଳି କରିଛନ୍ତି। କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଭିନ୍ନ କାମରେ ବ୍ୟାପକ ଦୁର୍ନୀତି ହେଉଛି କହି ଏମାନେ ତଦନ୍ତ ପାଇଁ ଜିଲ୍ଲାପାଳ ଓ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏହି ୫ ଜଣ କାଉନସିଲର ଏଭଳି ଅଭିଯୋଗ କରି ଜିଲ୍ଲାପାଳଙ୍କୁ ତଦନ୍ତ ଲାଗି ଦାବିପତ୍ର ଦେଇଥିଲେ। ସେହିଭଳି ଭିଜିଲାନ୍ସ ନିକଟରେ ମଧ୍ୟ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଏହି ୫ ଜଣ କାଉନସିଲରଙ୍କ ମଧ୍ୟରୁ ୨ ନମ୍ବର ୱାର୍ଡର କାଉନସିଲରଙ୍କ ଅନୁପସ୍ଥିତିରେ ୪ ଜଣ କାଉସିଲର ଏକ ପ୍ରେସ୍‌ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

ତେବେ ୫ କାଉନସିଲରଙ୍କ ଏହି ଅଭିଯୋଗ ଉପରେ ନଗରପାଳ ଶ୍ରୀ ଯାଦବଙ୍କ ସହ ଯୋଗାଯୋଗ କରିବାରୁ ସେ ୫ ଜଣ କାଉନସିଲରଙ୍କ ଉପରେ ପାଲଟା ଅଭିଯୋଗ କରିଛନ୍ତି। ଅଯଥାରେ ସେମାନେ ତାଙ୍କୁ ବଦନାମ କରୁଛନ୍ତି। ୨୦୨୨-୨୩ରେ ହୋଇଥିବା କଂସେଇଖାନା କାମ ବର୍ତ୍ତମାନ ଉଦ୍‌ଘାଟନ ସମୟରେ କିପରି ନିମ୍ନମାନର ହେଲା ବୋଲି ନଗରପାଳ ଓଲଟା ପ୍ରଶ୍ନ କରିଛନ୍ତି। ତାଙ୍କୁ ଅଧ୍ୟକ୍ଷ ପଦରୁ ବିତାଡିବା ପାଇଁ ସେମାନେ ଅନେକ ଚେଷ୍ଟା କରି ବିଫଳ ହୋଇଛନ୍ତି। ବର୍ତ୍ତମାନ ପୁଣି ତାଙ୍କୁ ଗାଦିଚ୍ୟୁତ କରିବା ଏବଂ ବଦନାମ କରିବା ପାଇଁ ଷଡଯନ୍ତ୍ର କରି ଏଭଳି କାର୍ଯ୍ୟକଳାପ ଚାଳାଇଛନ୍ତି। ଯେକୌଣସି ତଦନ୍ତର ସମ୍ମୁଖୀନ ହେବା ପାଇଁ ମଧ୍ୟ ସେ ପ୍ରସ୍ତୁତ ବୋଲି କହିଛନ୍ତି। ଅନ୍ୟପକ୍ଷେ କାମ କରିଥିବା ଠିକାଦାର ମଧ୍ୟ ନିମ୍ନମାନର ନିର୍ମାଣ କାର୍ଯ୍ୟକୁ ଖଣ୍ଡନ କରିଛନ୍ତି। ସେ ମଧ୍ୟ ତଦନ୍ତର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ପ୍ରକାଶ କରିଛନ୍ତି।

## ଚାଉଳ ଆଣିବାରେ ବିପଦ ସାଜିଛି ସିଲେଟ-ଝାଞ୍ଜି ରାସ୍ତା

ଥୁଆମୂଳ ରାମପୁର, ୧୨।୮ (ସମିସ): ୫ କେଜିର ପିଡିଏସ୍ ଚାଉଳ ପାଇଁ ୧୦୦ ଟଙ୍କା ଭଡା ଖର୍ଚ୍ଚ। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଦୁର୍ଗମ ସିଲେଟ ପଞ୍ଚାୟତର ଦୁର୍ବେଲଗୁଡା ଏବଂ ଝାଞ୍ଜି ଗ୍ରାମକୁ ସଂଯୋଗ କରୁଥିବା ଉଚ୍ଚନୀଚ ପାହାଡିଆ ନାଗରିଭଟା ରାସ୍ତାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଦୁର୍ବେଲଗୁଡା ଏବଂ ଝାଞ୍ଜି ଗ୍ରାମର ଲୋକେ ସିଲେଟସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟକୁ ଏହି ରାସ୍ତାରେ ଚାଉଳ ନେବାକୁ ଆସିଥାନ୍ତି। ସେମାନେ ଟ୍ରାକ୍ଟର ଭଡା କରି ଚାଉଳ ନେଥାନ୍ତି। ତେବେ ଖାଲଢିପ ରାସ୍ତାରେ ଚାଉଳ ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଏ। ଗୋଟିଏ ପଟରେ ରାସ୍ତା ସମ୍ପୂର୍ଣ୍ଣ ଶୋଚନୀୟ। ପୁଣି ମଝିରେ ପ୍ରବାହିତ ହେଉଥିବା ନାଗାବଳୀ ନଦୀ ରାସ୍ତାକୁ ଅବରୋଧ କରୁଛି। ନଦୀ ପାରି ହେବା ସମୟରେ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି କରୁଛି। ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଏହି ରାସ୍ତା ଏବଂ ନାଗାବଳୀ ନଦୀ ଉପରେ ପୋଲ ନିର୍ମାଣ ପାଇଁ ବାରମ୍ବାର ଦାବି ହେଇଆସୁଛି। ବର୍ଷା ଦିନେ ସାଂଘାତିକ ସମସ୍ୟା ଭୋଗୁଥିବା ଏଇ ଅଞ୍ଚଳ ଏକ ବିଚ୍ଛିନାଞ୍ଚଳ ପାଲଟିଥାଏ। ପ୍ରଶାସନ କିନ୍ତୁ ଏଥିପ୍ରତି ଦୃଷ୍ଟି ଦେଉନି।

## ବାରହା ଉପଦ୍ରବରେ କପାଚାଷ ନଷ୍ଟ



ଗୋଲାମୁଣ୍ଡା, ୧୨।୮ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁର ହୃଷିକେଶ ପୁଟେଲଙ୍କ କପାଚାଷ ଓ ହରଡ଼ ଚାଷ ବାରାହଙ୍କ ଉପଦ୍ରବ ଯୋଗୁଁ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଗତ ବର୍ଷ ମଧ୍ୟ ବାର୍‌ହାଙ୍କ ପାଇଁ ତାଙ୍କର ଅନେକ କ୍ଷତି ହୋଇଥିଲା। ଆଜି ପର୍ଯ୍ୟନ୍ତ ପୂର୍ବ କ୍ଷତିର କୋଣସି ସରକାରୀ ସହାୟତା ମିଳି ନ ଥିବା ସେ କହିଛନ୍ତି। ତେବେ ଏନେଇ କେଗାଁ ବନାଞ୍ଚଳର ବନପାଳ ରମେଶ ପଣ୍ଡାଙ୍କୁ ଅବଗତ କଲାପରେ ତଦନ୍ତ କରି ସରକାରଙ୍କ ଯାହା ସହାୟତା ଅଛି ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ।

■ ୫୪ ତମ ସାର୍ବଜନୀନ ଦୁର୍ଗାପୂଜା କମିଟି ମୁରିବାହାଲ

## ଅଜିତ ସଭାପତି, ପ୍ରଶାନ୍ତ ସମ୍ପାଦକ

ମୁରିବାହାଲ, ୧୨।୮ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ମଣ୍ଡପରେ ୫୪ ତମ ସାର୍ବଜନୀନ ଦୁର୍ଗାପୂଜା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ଅସ୍ଥାୟୀ ସଭାପତି ଜିତେନ୍ଦ୍ରିୟ ଭୋଇଙ୍କ ସଭାପତିତ୍ୱରେ ଚଳିତ ବର୍ଷର କମିଟି ଗଠନ କରାଯାଇଥିଲା। ସଭାପତି ଭାବରେ ଅଜିତ କୁମାର ତରିଆ, ଉପସଭାପତି ଅଭିନାଶ ଭୋଇ, ସମ୍ପାଦକ ପ୍ରଶାନ୍ତ ମାହାର, ସହସମ୍ପାଦକ ରୁପେଶ ଷାଣ୍ଢେ, ସହସମ୍ପାଦକ କେଦାର ବଡ଼ଜେନା, କୋଷାଧକ୍ଷ ସଞ୍ଜୟ ବାଗ, ଉପଦେଷ୍ଟା କମିଟି ପୁରନ୍ଦର ତରିଆ, ଶ୍ରୀବତ୍ସ ବେହେରା, ଅନିଲକୁମାର ଶର୍ମା, ଯୁଧିଷ୍ଠିର ବଘାର, ଶାନ୍ତରାମ ପଧାନ, ଅଗସ୍ତି ବଘାର, ନିରଞ୍ଜନ ସାହୁ, ତରୁଣ ପୋଢ଼, ଭବାନୀ ଶଙ୍କର ଶର୍ମା, ଟିକେଲାଲ ବଘାର, ମକୁନ୍ଦ ପଧାନ, ଯଦୁପତି ଅଗସ୍ତି, ମାନସ ଦଳେଇ, ପିଙ୍କୁନ ପ୍ରଧାନ, ପ୍ରକାଶ ବଘାର, ଜିତେନ୍ଦ୍ରିୟ ଭୋଇ, କୁଞ୍ଜବିହାରୀ ଯୋଶୀ, ଅନ୍ତରାମ ପଧାନ, ତପନ ବଘାର, ନିରାକାର ବଘାର, ସୁଦାମ ବଘାର, ପ୍ରଫୁଲ ବଘାର, ତ୍ରିଲୋଚନ ବାଗଙ୍କୁ ନେଇ କମିଟି ଗଠନ କରାଯାଇଛି।

## ଆର୍ଥିକ ସାକ୍ଷରତା ଓ ସଚେତନତା ତାଲିମ

ମ. ରାମପୁର, ୧୨।୮ (ସମିସ): ମ.ରାମପୁର ବ୍ଲକ ପଣ୍ଡାକମାଲ ପଞ୍ଚାୟତ ସଭାଗୃହରେରେ ଏଲଟିଆଇ ମାଇଣ୍ଡ ଟ୍ରି ଫାଉଣ୍ଡେସନ ସହାୟତାରେ ମହାଶକ୍ତି ଫାଉଣ୍ଡେସନ ତରଫରୁ ଆର୍ଥିକ ସାକ୍ଷରତା ଓ ସଚେତନତା ତାଲିମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମିଶନ ଶକ୍ତି ଏମ୍‌ବିକେ ସୁଶ୍ରୀ ସବିତା ନାଗ, ଅତିରିକ୍ତ ବ୍ଲକ ପ୍ରକଳ୍ପ ସଂଯୋଜିକା ମମିତା ପୁଝାରୀ, ମହାଶକ୍ତି ଫାଉଣ୍ଡେସନର ପ୍ରତିଷ୍ଠାତା ସଦସ୍ୟ ତଥା ତାଲିମଦାତା ପ୍ରକାଶଚନ୍ଦ୍ର ସାହୁ ଓ ସମନ୍ୱିତ ଗ୍ରାମ୍ୟ ବିକାଶ ପ୍ରକଳ୍ପର ବ୍ଲକ ସଂଯୋଜିକା ଭାଗ୍ୟଶ୍ରୀ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହାଶକ୍ତି ଫାଉଣ୍ଡେସନର ପ୍ରକାଶ ଚନ୍ଦ୍ର ସାହୁ ଯୋଗ ଦେଇ ତାଲିମ୍ ପ୍ରଦାନ କରିଥିଲେ। ସୁଶ୍ରୀ ସବିତା ସ୍ୱାଇଁ, ଭାରତୀ ଶର୍ମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୪ରୁ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିଅନ୍‌ସିପ୍

ବୌଦ୍ଧ, ୧୧।୮ (ସମିସ): ଆସନ୍ତା ଅଗଷ୍ଟ ୧୪ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ବୌଦ୍ଧ ସେଣ୍ଟ୍ ଜାଭିୟର୍ସ ପବ୍ଲିକ ସ୍କୁଲରେ ୬୫ ତମ ଷ୍ଟେଟ୍ ସିନିଅର ଫିଡେରେଟିଂ ଚେସ୍ ଚାମ୍ପିଅନ୍‌ସିପ୍-୨୦୨୫ ଅନୁଷ୍ଠିତ ହେବ। ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ ସହାୟତାରେ ବୌଦ୍ଧ ଜିଲ୍ଲା ଚେସ ଆସୋସିଏସନ ଦ୍ୱାରା ଆୟୋଜିତ ଏହି ଚାମ୍ପିଅନ୍‌ସିପ୍‌ରେ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ସର୍ବଭାରତୀୟ ଚେସ୍ ଫେଡରେସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବାକୁ ଥିବା ଏହି ଚେସ୍ ଚାମ୍ପିଅନ୍‌ସିପ୍‌ରେ ଅନ୍ତର୍ଜାତୀୟ ଆର୍ବୀଟର ସୁରେଶ ଚନ୍ଦ୍ର ସାହୁ ଯୋଗଦେଉଥିବାବେଳେ ଚାମ୍ପିଅନ୍‌ସିପ୍ ସମ୍ବନ୍ଧରେ ଯେକୌଣସି ସୂଚନା ପାଇଁ ବୌଦ୍ଧ ଜିଲ୍ଲା ଚେସ୍ ଆସୋସିଏସନ ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ରଙ୍କୁ ଯୋଗାଯୋଗ କରିବାକୁ ସେ ସୂଚନା ଦେଇଛନ୍ତି।

## ନୂତନ କର୍ମକର୍ତ୍ତା ନିର୍ବାଚିତ



ଭବାନୀପାଟଣା, ୧୨।୮ (ସମିସ): ସ୍ଥାନୀୟ ଟାଉନହଲ୍‌ରେ ଓଡ଼ିଶା ଅଣ ଗେଜେଟେଡ୍ ବନସେବା ସଂଘ ଭବାନୀପାଟଣା ଶାଖାର ପ୍ରଥମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷଣ (ଭବାନୀପାଟଣା ସର୍କଲ) ସନ୍ତୋଷୀ ଯୋଷୀ, ରମେଶ କୁମାର (ବନଖଣ୍ଡ ଅଧିକାରୀ, କଳାହାଣ୍ଡି ଉତ୍ତରବନଖଣ୍ଡ), ଆର୍ କଲାଇବନ୍‌ନ୍ ବନଖଣ୍ଡ ଅଧିକାରୀ (ଦକ୍ଷିଣ ବନଖଣ୍ଡ), ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ର, ରାଜ୍ୟ ସଂଘ ଅଧ୍ୟକ୍ଷ ଖଗେଶ୍ୱର ସେଠୀ, ରାଜ୍ୟ ଉପସଭାପତି ଭବାନୀଶଙ୍କର ପରିଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୀଳକଣ୍ଠ ସାହୁ ସଭାପତି ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ମଙ୍ଗଲୁ ବେହେରା, ଜୋନ ସମ୍ପାଦକ ଭାବେ ସୁଶୀଲ ମହାନନ୍ଦ, ଯୁଗ୍ମ ସମ୍ପାଦକ ଭାବେ ସଂଯୁକ୍ତା ବେହେରା, ସହସମ୍ପାଦକିକା ଭାବେ ସରିତା ପୁଝାରୀ ଏବଂ କୋଷାଧ୍ୟକ୍ଷ ଭାବେ ଉତ୍ତମ ମେହେର ନିର୍ବାଚିତ ହୋଇଛନ୍ତି।

■ ଗଣଶିକ୍ଷା ବିଭାଗ ଚିଠି ପ୍ରତ୍ୟାହାର ଘଟଣା

## ଜିଲ୍ଲାପାଳଙ୍କ ଅଫିସ ଆଗରେ କନିଷ୍ଠ ଶିକ୍ଷକଙ୍କ ବିକ୍ଷୋଭ




ବଲାଙ୍ଗିର, ୧୨।୮ (ସମିସ): ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକଙ୍କୁ ସ୍ଥାୟୀ କରିବା ପାଇଁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତିକୁ କିଛି ଦିନ ପରେ ପ୍ରତ୍ୟାହାର କରିନେଇଥିଲେ। ଯାହାକୁ କନିଷ୍ଠ ଶିକ୍ଷକ ସଂଘ (୨୦୨୩) ପ୍ରତିବାଦ କରିବା ସହ ଉକ୍ତ ପ୍ରତ୍ୟାହାର ନିର୍ଦ୍ଦେଶକୁ ବଳବତ୍ତର ରଖିବା ପାଇଁ ଦାବି କରିଛି। ଏହିକ୍ରମରେ ମଙ୍ଗଳବାର ବଲାଙ୍ଗିର ଜିଲ୍ଲା କନିଷ୍ଠ ଶିକ୍ଷକ ସଂଘ(୨୦୨୩) ଶୋଭାଯାତ୍ରାରେ ଆସି ଜିଲ୍ଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୂଚନା ଅନୁସାରେ ଗତ ଅକ୍ଟୋବର ମାସରେ ବହୁ ସଂଖ୍ୟାରେ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇବା ପରେ ବଲାଙ୍ଗିର ଜିଲ୍ଲାରେ ଯୋଗଦେଇଥିଲେ। ତେବେ ସେହି ସମୟରେ ତାଙ୍କ ଦରମା ୧୧ ହଜାର ଟଙ୍କା ରହିଥିବା ବେଳେ ପରବର୍ତ୍ତି ସମୟରେ ବିଜେପି ସରକାରକୁ ଆସିବା ପରେ ତାହା ବଢ଼ାଇ ୧୬ ହଜାର ଟଙ୍କା କରିଥିଲେ। କିନ୍ତୁ ଗତ ଦୁଇ ତାରିଖରେ ବିଧାନସଭା କମିଟି ଦ୍ୱାରା ସୁପାରିଶ କ୍ରମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚିଠି ନଂ ୨୧୨୬୮ ରେ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ସ୍ଥାୟୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସୂଚନା ପ୍ରଦାନ କରାଯାଇଥିଲା। କିନ୍ତୁ ଏହାର କିଛି ଦିନ ପରେ ହଠାତ ଉକ୍ତ ଚିଠିକୁ ପ୍ରତ୍ୟାହାର କରାଯାଇଥିବା ସଂଘ ଦାବି କରିବା ସହ କାହିଁକି ତାହା ପ୍ରତ୍ୟାହାର କରାଗଲା ବୋଲି ପ୍ରଶ୍ନ କରିଛି। ତେବେ ଉକ୍ତ ନିର୍ଦ୍ଦେଶନାମାକୁ ବଳବତ୍ତର ରଖିବା ସହ ସେମାନଙ୍କୁ ଶୀଘ୍ର ସ୍ଥାୟୀ କରିବା ଦାବିରେ ବଲାଙ୍ଗିର ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ଡିପିସି କାର୍ଯ୍ୟାଳୟରୁ ଜିଲ୍ଲାରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲା ସଭାପତି ସତ୍ୟନାରାୟଣ ସାହୁଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ଦାବି ପୂରଣ ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସମ୍ପାଦକ ସୁନୀଲ ସେଠ ଚେତବାନୀ ଦେଇଛନ୍ତି।

## ୫ ବର୍ଷ ହେଲା ନାହାନ୍ତି ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ

ଶଗଡ଼ା, ୧୨।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡାରେ ଥିବା ସହକାରୀ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟରେ ଦୀର୍ଘ ୫ ବର୍ଷ ହେବ ଖାଲିପଡ଼ିଛି ସ୍ଥାୟୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ପଦ। ଭାରପ୍ରାପ୍ତ ଅଧିକାରୀଙ୍କ ଦାୟିତ୍ୱରେ ଚାଲିଛି ଏହି କାର୍ଯ୍ୟାଳୟ। ବୌଦ୍ଧ ଜିଲ୍ଲାରେ ଜଳଛାୟା ମିଶନ ପ୍ରକଳ୍ପ କାର୍ଯ୍ୟ କରୁଥିବା ବେଳେ ବୌଦ୍ଧ ମୃତ୍ତିକା ସଂରକ୍ଷଣ ବିଭାଗରେ ଅଧିକାରୀ ଅଭାବରୁ ଅଚଳାବସ୍ଥା ଦେଖାଦେଇଛି। ଅଧିକାରୀ ଅଭାବରୁ ସମସ୍ତ ଉନ୍ନୟନ କାମ ଠପ୍ ହୋଇଯାଇଛି। ଅନ୍ୟପଟରେ ବିଭାଗର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଗତ ଜୁଲାଇ ମାସରେ ଅବସର ନେଇଛନ୍ତି। ବର୍ତ୍ତମାନ ଏହି କାର୍ଯ୍ୟାଳୟ ମାଧ୍ୟମରେ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ପ୍ରକଳ୍ପ ପକ୍ଷରୁ ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀଙ୍କ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଆସୁଛି। ହେଲେ ସ୍ଥାୟୀ ଅଧିକାରୀ ନ ଥିବାରୁ ଅର୍ଥ ବାଟମାରଣା ହେବା ସହ ଯୋଜନାର ସଠିକ ରୂପାୟନ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଜିଲ୍ଲାର ଉପାନ୍ତ ଓ ଆଦିବାସୀ ପ୍ରବଣ କଣ୍ଟାମାଳ ବ୍ଲକ ଏକ କୃଷି ପ୍ରଧାନ ଅଞ୍ଚଳ ହୋଇଥିବାବେଳେ ଲୋକେ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏବେ ଅଧିକାରୀ ନଥିବାରୁ ବିଭିନ୍ନ ଯୋଜନାରେ ଆସୁଥିବା କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ ନ ହୋଇ ଫେରି ଯାଉଥିବା ନଜରକୁ ଆସୁଛି। ଯାହାଦ୍ୱାରା ସଠିକ ସମୟରେ ଚାଷୀଙ୍କ ନିକଟରେ ଯୋଜନା ପହଞ୍ଚି ପାରୁ ନାହିଁ। ଅଧିକାରୀ ନିଯୁକ୍ତି ଦିଗରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ କୌଣସି ଆନ୍ତରିକତା ଦେଖାଉ ନ ଥିବା ଏବଂ ସରକାର ଓ ଜଳଛାୟା ବିଭାଗ ବୌଦ୍ଧ ଜିଲ୍ଲାକୁ ସାବତ ପୁଅ ଭାବି ଅଣଦେଖା କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ୨ ବର୍ଷ ହେଲା ସହକାରୀ ଯନ୍ତ୍ରୀ ଓ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ଉକ୍ତ ପଦବୀକୁ ମଧ୍ୟ ବର୍ତ୍ତମାନ ସୁଦ୍ଧା ପୂରଣ କରାଯାଇ ନାହିଁ। ରାଜ୍ୟ ସରକାର ଓ ଜଳଛାୟା ବିଭାଗ କଣ୍ଟାମାଳ ବ୍ଲକର ଚାଷୀଙ୍କ ସୁବିଧା ଦୃଷ୍ଟିରୁ ସ୍ଥାୟୀ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହୋଇଛି।

## ଓଡ଼ିଶା ଇତିହାସ କଂଗ୍ରେସର ଆଞ୍ଚଳିକ ଅଧିବେଶନ

ଭବାନୀପାଟଣା, ୧୨।୮ (ସମିସ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଓଡ଼ିଶା ଇତିହାସ କଂଗ୍ରେସର ଦ୍ୱିତୀୟ ଆଞ୍ଚଳିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ବାବା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତ୍ରିଲୋଚନ ଜେନା ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ପ୍ରଫୁଲ୍ଲ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଡ. ସୁବାଷ ଚନ୍ଦ୍ର ବାରିକ ଓଡ଼ିଶା ଇତିହାସ କଂଗ୍ରେସର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଡ. ପ୍ରସନ୍ନ ଦଣ୍ଡସେନାଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଡ. ନଗେନ୍ଦ୍ର ନାଥ ମିଶ୍ର, ଡ. ରଣବୀର ସିଂ, ଡ. କିଶୋର ଚନ୍ଦ୍ର ମିଶ୍ର, ଡ. ନଳିନୀକାନ୍ତ ରଣା ପ୍ରମୁଖ ଉପସ୍ଥିତ ଥିଲେ। ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ରଜନୀକାନ୍ତ ଜେନା, ସୁଶ୍ରୀ ନଳିନୀ ବାଗ, ହେମନ୍ତ ମାଝୀ, ଡ. ରାଧାରାଣୀ ନାୟକ, ପଞ୍ଚରତ୍ନ ଗିରି, ଡ. ପ୍ରତାପ ସେନାପତି, ସୁନିଲ ସାହୁ, ସୁଶ୍ରୀ ନିବେଦିତା ନାଏକ, ରୁଦ୍ର ପ୍ରକାଶ ନାଗ, ଲୋକନାଥ ଦଣ୍ଡସେନା, ଲରେନ୍ସ ସେନାପତି, ସୁଶ୍ରୀ ଆଦ୍ୟାଶା ଦାସ, ସୁଶ୍ରୀ ପ୍ରତ୍ୟାଶା ପ୍ରିୟଦର୍ଶିନୀ ସାହୁ ଉପସ୍ଥିତ ଥିଲେ। ଅଧ୍ୟାପିକା ସୁଚିଲତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜସ୍ୱ ଅମଲା ସଂଘର ସମୂହ ଧାରଣା



ପାଟଣାଗଡ଼, ୧୨।୮ (ସମିସ): ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ସଂଘର ପୂର୍ବନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ୧୧ ଅଗଷ୍ଟରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ରାଜସ୍ୱ ଅମଲା ସାମୂହିକ ଛୁଟିରେ ରହିବା ପରିପ୍ରେକ୍ଷୀରେ ସୋମବାର ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ କଚେରୀ ଛକ ନିକଟରେ ରାଜ୍ୟ ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ ବଲାଙ୍ଗୀର ଜିଲ୍ଲା ରାଜସ୍ୱ ଅମଲା ସଂଘ ପାଟଣାଗଣ ଉପଖଣ୍ଡ ପକ୍ଷରୁ ସୋମବାର ୯ ଦଫା ଦାବିନେଇ ଧାରଣାରେ ବସିଛନ୍ତି। ଯଦି ଦାବି ପୂରଣ ନହୁଏ ତାହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଜାରିରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନା ଅନୁସାରେ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ପୂର୍ବରୁ ମଧ୍ୟ ଉପରୋକ୍ତ ଦାବି ଗୁଡିକ ପୂରଣ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ସଂଘ ଅଭିଯୋଗ କରିଛି। ଏନେଇ ଗତ ମାସରେ ମଧ୍ୟ ସଂଘ ପକ୍ଷରୁ ସମୟ ଦିଆଯାଇଥିଲା। ସରକାର ୧ ମାସ ସମୟ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଦାବି ପୂରଣ କଲେନାହିଁ ସେଥିପାଇଁ ରାଜ୍ୟ ରାଜସ୍ୱ ଅମଲା ସଂଘ ଧାରଣକୁ ଓହ୍ଲାଇଛି ବୋଲି ସଂଘର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଅମଲା ସଂଘର ଧାରଣା ଯୋଗୁଁ ସରକାରୀ କାର୍ଯ୍ୟ ଠପ ହୋଇପଡ଼ିଛି। ଦାବିଗୁଡିକ ପୂରଣ ନ ହେଲେ ଅନିର୍ଦ୍ଧିଷ୍ଟକାଳ ପାଇଁ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦେଇଛନ୍ତି। ଧାରଣାରେ ପାଟଣାଗଡ଼ ଉପଖଣ୍ଡ ସଂଘର ସରୋଜ କୁମାର ବାବୁ, ପ୍ରଶାନ୍ତ ଦାସ, ପ୍ରଶାନ୍ତ ମେହେର, ଯୁଗଳ ରାଉତ, ଜଶ୍ମିନ ମେହେର, ଶଶ୍ମିତା ଦାସ, ସବିତା କୁମ୍ଭାର, ସୁବ୍ରତ ଚିନ୍ଦା, ଦିଲିପ ମିଶ୍ର, ତେଜରାଜ ଦଳେଇ, ଉମାକାନ୍ତ ପ୍ରଧାନ, ସୁନୀଲ ବର୍ଗେ, ସୁବ୍ରତ ମେହେର, ରାଧା ଗୋବିନ୍ଦ ନାଏକ, ଟିକେଶ୍ୱରୀ ଭୋଇଙ୍କ ସହ ସଂଘ ସଦସ୍ୟମାନେ ଧାରଣାରେ ସାମିଲ ଅଛନ୍ତି।

## ଖଡ଼ିଆଲ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ

ନୂଆପଡ଼ା, ୧୨।୮ (ସମିସ): ଖଡ଼ିଆଲ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଛି। ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ସଂସ୍କୃତ ବିଭାଗ ଅଧ୍ୟାପିକା ଆନନ୍ଦିନୀ ମିଶ୍ର ସଂସ୍କୃତ ଭାଷାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ଜୁନେନ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଅଶୋକ ସେଠୀ ଯୋଗଦେଇ ସଂସ୍କୃତ ଭାଷାର ଉତ୍ପତ୍ତି, ସାହିତ୍ୟର କ୍ରମବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଯୁକ୍ତ ଦୁଇ ଅଧ୍ୟକ୍ଷ ଡ. ରଣବୀର ସିଂହ, ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଛାତ୍ର କଲ୍ୟାଣ ସହ ଅଧିକାରୀ ଅଧ୍ୟାପିକା ସାଗରିକା ପଣ୍ଡା ସଂସ୍କୃତ ଭାଷା ସପ୍ତାହ ଦିବସ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରଦ୍ୟୁମ୍ନ ରଣା, ସୁବାସ ଚନ୍ଦ୍ର ବାଗ, ଦୀପାଞ୍ଜଳି ଦାଶ, ଛବିଲାଲ ପଟେଲ, ଚିନ୍ମୟ ବେହେରା, ବାରିଧର ସୁନାନୀ ପ୍ରମୁଖ ବିଭିନ୍ନ କୃତକାର୍ଯ୍ୟ ହୋଇଛନ୍ତି।

## ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ଲୋଇସିଂହା, ୧୨।୮ (ସମିସ): ବର୍ତ୍ତମାନ ସମୟରେ ରାଜ୍ୟରେ ଏକାଧିକ ଯୁବତୀଙ୍କ ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସିଛି। ବିଭିନ୍ନ କାରଣକୁ ନେଇ ନିର୍ଯାତନାର ଶୀକାର ହେଉଥିବା ମଧ୍ୟ ବୟସ୍କା ଝିଅମାନେ ଆତ୍ମତ୍ୟାର ରାସ୍ତା ବାଛି ନେଉଛନ୍ତି। ଏହାକୁ ରୋକିବା ପାଇଁ ରାଜ୍ୟ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହିକ୍ରମରେ ବଲାଙ୍ଗିର ଜିଲ୍ଲା ଲୋଇସିଂହା ପୁଲିସ ପକ୍ଷରୁ ମଙ୍ଗଳବାର ଲୋଇସିଂହା କଲେଜ ଓ ଯୁବୋଦୟ କଲେଜରେ ଯୌନ ନିର୍ଯାତନା ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ଥାନା ଅଧିକାରୀ ଯାଜ୍ଞସେନୀ ନାୟକ ବିଦ୍ୟାଳୟ, ବିଭିନ୍ନ ସରକାରୀ ଓ ଘରୋଇ କାର୍ଯ୍ୟାଳୟ ମାନଙ୍କରେ କିଭଳି ଭାବେ ଜଣେ ଛାତ୍ରୀ, ଜଣେ ଯୁବତୀ ନିର୍ଯାତନାର ଶୀକାର ହୋଇଥାଏ। କେଉଁଭଳି ମାନସିକତା ମନରେ ସୃଷ୍ଟି ହୋଇଥାଏ ଓ କେମିତି ଆତ୍ମହତ୍ୟା କରିବାକୁ ମନସ୍ଥ କରିଥାଏ। ଏଥିରୁ ବର୍ତ୍ତିବା ପାଇଁ ଆଇନ ଅନୁସାରେ କଣ କଣ ପଦକ୍ଷେପ ଗ୍ରହଣ କରିବା କଥା, ଏହିଭଳି ଘଟଣାକୁ ନେଇ ଆଇନର ଦିଗ କଣ ରହିଛି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କ ସହ ଛାତ୍ରୀ ଉପସ୍ଥିତ ଥିଲେ।

### ବନ୍ଧପାରି ୟୁପି ସ୍କୁଲରେ ବିଶୃଙ୍ଖଳା

# ବଦଳି ପରେ ବି ସ୍କୁଲ ଛାଡୁନାହାନ୍ତି ଶିକ୍ଷୟିତ୍ରୀ

ଲାଞ୍ଜିଗଡ଼, ୧୨।୮ (ସମିସ)

ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ସହ ଶିକ୍ଷୟିତ୍ରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକୁ ଖାତିର କରୁ ନାହାନ୍ତି। ବଦଳି ପରେ ମଧ୍ୟ ସେହି ସ୍କୁଲରେ ରହିବା ପାଇଁ ହାଇକୋର୍ଟରୁ ରହିତାଦେଶ ଆଣିଛନ୍ତି। ଏହାକୁ କିନ୍ତୁ ବନ୍ଧପାରି ଗ୍ରାମବାସୀ ବିରୋଧ କରିଛନ୍ତି। ସେମାନେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ସ୍କୁଲରେ ପୂରାଇ ଦେଇ ନାହାନ୍ତି। ସ୍କୁଲ ସମ୍ମୁଖରେ ଧାରଣା ଦେଇଛନ୍ତି। ସମାଧାନ ନ ହେଲେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଅଞ୍ଚଳବାସୀଙ୍କ ଅଭିଯୋଗ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଇଚ୍ଛା ଅନୁସାରେ କଳାହାଣ୍ଡି ସାଂସଦ, ବିଧାୟକ ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଲାଞ୍ଜିଗଡ଼ ବ୍ଲକର ୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ଜିଲ୍ଲାର ବିଭିନ୍ନ ବ୍ଲକକୁ ବଦଳି କରିଛନ୍ତି। ଜୁଲାଇ ୨୧ରେ ଡିଇଓ ଚିଠି ନଂ ୫୮୪୦ରେ ଏହି ୯ ଜଣଙ୍କୁ ନିଜ ନିଜ ଜାଗାରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭବାନୀପାଟଣା ସଦର ବ୍ଲକରେ ୫ ଜଣ, କେସିଙ୍ଗା ବ୍ଲକରେ ଜଣେ ଓ ଲାଞ୍ଜିଗଡ଼ ବ୍ଲକରେ ୩ ଜଣଙ୍କୁ ବଦଳି କରାଯାଇଛି। ଅତିଶୀଘ୍ର ନୂଆ ସ୍କୁଲରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ରହିଛି।

ବନ୍ଧପାରି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷୟିତ୍ରୀ ପ୍ରଭାତୀ ନାଏକଙ୍କୁ ଲାଞ୍ଜିଗଡ଼ ବ୍ଲକ ଲାଖବାହିଲି

● ଡିଇଓଙ୍କ ନିର୍ଦ୍ଦେଶକୁ ବେଖାତିର
● ଧାରଣାଦେଲେ ଉତ୍ତ୍ୟକ୍ତ ଗ୍ରାମବାସୀ

ପଞ୍ଚାୟତ ଘାଟିକୁଣ୍ଡରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି ହୋଇଛି। ତାଙ୍କ ବଦଳରେ ଘାଟିକୁଣ୍ଡରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷକ ମୀନକେତନ ତାଣ୍ଡିଙ୍କୁ ବନ୍ଧପାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି ହୋଇଛି। ତେବେ ପ୍ରଭାତୀ ଘାଟିକୁଣ୍ଡରୁ ସ୍କୁଲକୁ ନ ଯାଇ ଜୁଲାଇ ୨୪ରୁ ଅଗଷ୍ଟ ୭ ପର୍ଯ୍ୟନ୍ତ ଛୁଟି ନେଇଥିଲେ। ଇତିମଧ୍ୟରେ ସେ ତାଙ୍କ ବଦଳିକୁ ନେଇ ଅଗଷ୍ଟ ୪ ତାରିଖରେ ହାଇକୋର୍ଟରେ କେଶ୍ କରିଛନ୍ତି। ଅଗଷ୍ଟ ୬ ତାରିଖରେ ହାଇକୋର୍ଟ ପକ୍ଷରୁ ତାଙ୍କ ବଦଳିକୁ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଇତିମଧ୍ୟରେ ବନ୍ଧପାରି ସ୍କୁଲ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ମହାନନ୍ଦଙ୍କୁ ଅଗଷ୍ଟ ୬ ତାରିଖରେ କୌଣସି କାରଣରୁ ନିଲମ୍ବନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ସ୍କୁଲର ରଘୁ ମାଝୀଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ରୁଷିଆ ମେହେର ଦାୟିତ୍ୱ ଦେଇଛନ୍ତି। ତେବେ ପ୍ରଭାତୀ ପୂର୍ବରୁ ଛୁଟିରେ ରହିଥିବାବେଳେ ଅଗଷ୍ଟ ୮ ତାରିଖ ବନ୍ଧପାରି ସ୍କୁଲକୁ ଆସିଥିଲେ; କିନ୍ତୁ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ରଘୁ ମାଝୀ ପ୍ରଭାତୀଙ୍କ ପାଖରେ ଶିକ୍ଷା ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶ ନ ଥିବା ଯୋଗୁଁ ମନା କରିଥିଲେ। ପ୍ରଭାତୀ କିନ୍ତୁ ଜବରଦସ୍ତ ରେଜିଷ୍ଟର ନେଇ ଦସ୍ତଖତ କରିଥିବା ଶିକ୍ଷକ ରଘୁ ମାଝୀ ପ୍ରକାଶ କରିଛନ୍ତି।

ପୂର୍ବରୁ ଗ୍ରାମବାସୀ ପ୍ରଭାତୀଙ୍କ ନାଁରେ ବ୍ଲକ ଶିକ୍ଷା ବିଭାଗ ନିକଟରେ ବିଭିନ୍ନ ଅଭିଯୋଗ କରିଛନ୍ତି। ତାଙ୍କ ଦାଦାଗିରିକୁ ବରଖାସ୍ତ କରାଯିବ ନାହିଁ ବୋଲି ବନ୍ଧପାରି ସରପଞ୍ଚ ଜଗବନ୍ଧୁ ମାଝୀ, ରାଧାମୋହନ ଦଳପତି, ଗୌର ଦଳପତି, ପ୍ରଫୁଲ ଦଳପତି, ସୁବାସ ପାତ୍ର, ଉଗ୍ରେସନ ବେହେରା, ଚତର୍ଭୁଜ ବିଭାର, ଉଗ୍ରେସନ ବିଭାର ସମେତ ଗ୍ରାମବାସୀ କହିଛନ୍ତି।

ଏନେଇ ଶିକ୍ଷୟିତ୍ରୀ ପ୍ରଭାତି ନାଏକଙ୍କୁ ପଚାରିବାରୁ କିଛି ଲୋକଙ୍କ ଚକ୍ରାନ୍ତକୁ ନେଇ ତାଙ୍କୁ ବଦଳି କରାଯାଇଥିବା କହିଛନ୍ତି। ସେହିଭଳି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କୁ ପଚାରିବାରୁ ଜିଲ୍ଲା କମିଟି ପକ୍ଷରୁ ତାଙ୍କୁ ବଦଳି କରାଯାଇଛି। ଶିକ୍ଷୟିତ୍ରୀଙ୍କ ଅଭିଯୋଗ କୋର୍ଟକୁ ଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କୁ ସ୍କୁଲକୁ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇନାହିଁ। ନିର୍ଦ୍ଦେଶ ପରେ ସେ ଯାଇ ପାରିବେ ବୋଲି ପ୍ରକାଶ କରିଛନ୍ତି।

## ପରିମଳ, ସ୍କୁଲ ସମସ୍ୟା ସୁନିଶ୍ଚିତ କଲେ

# ମହୁଲଭଟା ଗାଁରେ ପହଞ୍ଚିଲା ଏନ୍‌ଏସି ପ୍ରଶାସନ

ନୂଆପଡା,୧୨।୮ (ସମିସ):



ନୂଆପଡା ଜିଲ୍ଲା ସଦର ମହକୁମା ଅର୍ଥାତ ନୂଆପଡା ଏନ୍‌ଏସି ଅନ୍ତର୍ଗତ ମହୁଲଭଟା ଗାଁରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଏବଂ ପରିମଳ ବ୍ୟବସ୍ଥାକୁ ନେଇ 'ସକାଳ'ରେ ଖବର ପ୍ରକାଶନ ପରେ ଚଳ ଚଞ୍ଚଳ ହୋଇପଡିଛି ଏନ୍‌ଏସି ପ୍ରଶାସନ। ମଙ୍ଗଳବାର ଦିନ ପ୍ରଶାସନିକ ଟିମ୍ ଗାଁରେ ପହଞ୍ଚି ସ୍କୁଲ ସମସ୍ୟା ସହ ଗାଁର ସାମଗ୍ରୀକ ବିକାଶ ଉପରେ ବିସ୍ତୃତ ଭାବରେ ଆଲୋଚନା କରି ସମାଧାନର ସୂତ୍ର ବାହାର କରିଛନ୍ତି।ପ୍ରକାଶ ଯେ ନୂଆପଡା ଏନ୍‌ଏସିର ୧୩ ଏବଂ ୧୪ନମ୍ବର ୱାର୍ଡ କହିଲେ ମହୁଲ ଭଟାଗାଁ ନୂଆପଡା ଏନ୍‌ଏସି ଗଠନ ହେବାର ଆଜିକୁ ୧୨ବର୍ଷ ବିତିଯାଇଥିଲେ ମଧ ଏହି ଗାଁର ବିକାଶ ଧାରାରେ ଭଟା ପଡିଯାଇଛି। ଲୋକେ ଆଜିବି ଏନ୍‌ଏସିର କୌଣସି ପ୍ରକାର ମୌଳିକ ସୁବିଧାରୁ ବଞ୍ଚିତ ରହିଯାଉଛନ୍ତି। ପାଣି, ବିଜୁଳୀ, ଶିକ୍ଷା ଭଳି ମୌଳିକ ସୁବିଧା ହୋଇପାରୁନାହିଁ। ତେଣୁ ଏହାକୁ ନେଇ ଏକ ତଥ୍ୟ ଭିତିକ ଖବର ସକାଳରେ ପ୍ରକାଶିତ ହେବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକ ଏବଂ ବ୍ଲକ୍ ଶିକ୍ଷାଧିକାରୀ ଗୀତାରାଣୀ ଯୋଷୀଙ୍କ ନେତୃତ୍ୱରେ ଟିମ୍ ମହୁଲଭଟା ଗାଁକୁ ଗସ୍ତ କରିଥିଲେ। ପ୍ରଥମେ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଯାଇ ପହଞ୍ଚିଥିଲେ। ସେଠାରେ ପରିମଳ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଶୁଡି ପଡିଥିବାରୁ କାର୍ଯ୍ୟନିର୍ବାହୀ ଅଧିକାରୀ ନାଏକ ପରିମଳ ବିଭାଗକୁ ତାଗିଦ କରିଥିଲେ।ସ୍କୁଲ କ୍ୟାମ୍ପସରେ ଏନ୍‌ଏସି ପାଣ୍ଠିରୁ ପାଇଖାନା, ପାଣିର ବ୍ୟବସ୍ଥାକୁ ସୁନିଶ୍ଚିତ କରାଗଲା। ବିଦ୍ୟାଳୟର ସମସ୍ତ କୋଠରୀରେ ପାଣି ଗଳୁଥିବାରୁ ପିଚୁ କୋଟିଂ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଗ୍ରାମବାସୀ ବିଦ୍ୟାଳୟର ସ୍ଥାୟୀ ବ୍ୟବସ୍ଥା କରିବାକୁ କହିବାରୁ ଆଗାମୀ ଦିନରେ ଯୋଜନାରେ ରଖାଯିବାକୁ ସ୍ଥିତିକୃତ ହୋଇଛି ବୋଲି ଅଧିକାରୀମାନେ କହିଥିଲେ। ଏହିଭଳି ଆଗାମୀ ଦିନରେ ଗାଁରେ ଡ୍ରେନେଜ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଗ୍ରାମବାସୀଙ୍କୁ ଜାଗା ଛାଡିବାକୁ ଅନୁରୋଧ କରାଯାଇଛି। ଗାଁର ରାସ୍ତା ଗୁଡିକର ମରାମତି, ନୂତନ ରାସ୍ତା ତିଆରି ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା। ସୂଚନା ଯୋଗ୍ୟ ଯେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ୨୫୦ରୁ ଉର୍ଦ୍ଧ୍ୱ ରହିଥିବା ବେଳେ ଫଳାଫଳ ମଧ ଠିକ ରହିଛି। ଜାତୀୟ ସ୍ତରରେ ଏଠିକାର ପିଲା ନାଁ ରଖିଛନ୍ତି। ହେଲେ ବ୍ୟବସ୍ଥାରେ ସୁଧାର ହେଲେ ଆଗାମୀ ଦିନରେ ବିଦ୍ୟାଳୟ ଆହୁରି ନାଁ କରିବ। ଏହିଅବସରରେ ଛାତ୍ରଛାତ୍ରୀଙ୍କ ମଧରେ ପ୍ଲାଷ୍ଟିକ୍ ବର୍ଜନ ଉପରେ ସଚେତନତା କରି ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବର୍ଜନ କରିବାକୁ ସଚେତନତା ସଭା କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ନାଏକ ଏବଂ ବିଇଓ ଯୋଷୀ ସଚେତନତା ଧର୍ମୀ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧରେ ବରିଷ୍ଠ ଶିକ୍ଷକ ଅମିଲାଲ ଶବର, ଶଙ୍କର ଦଣ୍ଡସେନା, ଶରତ କୁମାର ପଣ୍ଡା, ସାମ୍ବାଦିକ ଘନଶ୍ୟାମ ଭୋଇ, ଆଇନଜୀବି ବିଶ୍ୱନାଥ ରଣା, ପରିମଳ ସଂଯୋଜକ ଅମିତ କୁମାର ସାମଲ, ଯାଜ୍ଞସେନୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ବଜ୍ରପାତରେ ୩ ଗାଈ, ବାଛୁରୀ, ୪ ଛେଳି ମୃତ

ଲାଞ୍ଜିଗଡ଼,୧୨।୮ (ସମିସ): ଲାଞ୍ଜିଗଡ଼ ବ୍ଲକ୍ ବେନଗାଁ ପଞ୍ଚାୟତ ଲିଟିବୁଣ୍ଡେଲ ଗ୍ରାମ ନିକଟରେ ବଜ୍ରପାତରେ ୩ ଗାଈ, ବାଛୁରୀ, ୪ ଛେଳି ଓ ଗୋଟିଏ ମେଣ୍ଢାର ମୃତ୍ୟୁ ଘଟିଛି। ବର୍ଷା ଶହ ବଜ୍ରପାତ ହୋଇଥିଲା। ଏହି ସମୟରେ ଲିଟିବୁନ୍‌ଡେଲ ଗ୍ରାମର କାଖନୁ ମାଝୀଙ୍କ ଏହି ଗୃହପାଳିତ ପ୍ରାଣୀଗୁଡ଼ିକ ଗାଁ ନକଟସ୍ଥ ଜଙ୍ଗଲରେ ଏକ ଗଛ ମୂଳରେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ଘଟଣା ସ୍ଥଳରେ ଏମାନଙ୍କ ମୃତ୍ୟୁ ଘଟିଥିଲା।

## ଦଧିବାମନ ହାଇସ୍କୁଲରେ ସଂସ୍କୃତ ସପ୍ତାହ

ଶଗଡା,୧୨।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ରୁଣ୍ଡି ମହୁଲ ସ୍ଥିତ ଦଧିବାମନ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଛି। ସ୍କୁଲର ସଂସ୍କୃତାଚାର୍ଯ୍ୟ ପଣ୍ଡିତ ନିରଞ୍ଜନ ସାହୁଙ୍କ ଉଦ୍ୟମ କ୍ରମେ ଏହି ଉତ୍ସବ ପାଳିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପଲସାଗୋରା ମହିଳା ବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ସରୋଜ ମହାକୁଡ଼ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସହକାରୀ ଶିକ୍ଷକ ରାଜକିଶୋର ସାହୁ, ସମୀର ଖଟୁଆ, ପ୍ରଶାନ୍ତ ଶୁକ୍ଳା, ସୁଶାନ୍ତ ରଥ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇ ସଂସ୍କୃତ ବିଷୟରେ ନିଜ ନିଜର ଅଭିଭାଷଣ ରଖିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ସଂସ୍କୃତ ଶ୍ଳୋକ ଆବୃତ୍ତି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ମାର୍କଣ୍ଡ ନାଗ, ସୁକାନ୍ତି ଦେହୁରୀଙ୍କ ସହ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## କପିଳେଶ୍ୱର ମନ୍ଦିରକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ଦାବି

ବିନିକା,୧୨।୮ (ସମିସ): ପ୍ରସିଦ୍ଧ ଶୈବପୀଠ ଚରଦାସ୍ଥିତ କପିଳେଶ୍ୱର ମନ୍ଦିରକୁ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବକୁ ଦାବି ଉଠିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଏହି କର୍ମରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେ ସୁବର୍ଣ୍ଣପୁର ଗସ୍ତରେ ଆସିଥିବା ଅବସରରେ ସ୍ଥାନୀୟ ସର୍କିଟ ହାଉସଠାରେ ଚରଦା କପିଳେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡ କମିଟିର ସଭାପତି ଅଶୋକ ପୃଷ୍ଟି ଭେଟି ଏହି ଦାବି କରିଛନ୍ତି।

## ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ

ବୌଦ୍ଧ,୧୨।୮ (ସମିସ): ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଛି। ଅଧକ୍ଷ ନିରଞ୍ଜନ ମିଶ୍ର ଯୋଗ ଦେଇ ସଂସ୍କୃତ ଭାଷାର ମହାନତା ଏବଂ ଏହାର ବ୍ୟାକରଣର ବ୍ୟାପକତା ସମ୍ପର୍କରେ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନର ମୁଖ୍ୟ ଡ. ସୁଜାତା ସାହୁ ଭାଷାର ଅଧ୍ୟୟନ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ଅବତାରଣା କରିଥିଲେ। ପଲଶାଗୋରା ଉଚ୍ଚ ମାଧମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ସୁରେଶ ପଣ୍ଡା ବେଦ ଏବଂ ଏହାର ଉଚ୍ଚ ଶିକ୍ଷା ବାବଦରେ ଆଲୋଚନା କରିଥିଲେ। ଇତିହାସ ବିଭାଗର ଅଧ୍ୟାପକ ସଦାନନ୍ଦ ମାହାର, ଡ. ଅମରେଶ ସାହୁ, ରାଜନୀତି ବିଜ୍ଞାନ ଅଧ୍ୟାପକ ମୁକ୍ତି ସାହୁ, ଓଡ଼ିଆ ଅଧ୍ୟାପିକା ବାସନ୍ତୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତାପ ରଥ ସଭା ପରିଚାଳନା କରିଥିଲାବେଳେ ଅଧ୍ୟାପିକା ହେମାଙ୍ଗିନୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପଣ୍ଡିତ ପୀତବାସ ମିଶ୍ରଙ୍କ ପରଲୋକ



ସୋନପୁର,୧୨।୮ (ସମିସ): ପଣ୍ଡିତ ପୀତବାସ ମିଶ୍ର ଆଉ ନାହାନ୍ତି। ୯୫ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ରାୟଗୁରୁପଡାସ୍ଥିତ ବାସଭାବନରେ ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଯାଇଛି। ସୋନପୁରରେ ଏଡି ପ୍ରଚାରିତ ହେବା ପରେ ତାଙ୍କ ବାସ ଭବନରେ ସହରର ଅନେକ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ରାମେଶ୍ୱର ତ୍ରିବେଣୀ ସଙ୍ଗମଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଚନ୍ଦ୍ରଶେଖର ମୁଖାଗ୍ନି ଦେଇଥିଲେ।

## ମନମୁଣ୍ଡା ଏନ୍‌ଏସି ଘୋଷଣା ଦାବିରେ ମନ୍ତ୍ରୀଙ୍କୁ ଦାବିପତ୍ର

ମନମୁଣ୍ଡା,୧୨।୮ (ସମିସ): ମନମୁଣ୍ଡାରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ମନମୁଣ୍ଡା ଏନ୍‌ଏସି ଆହ୍ୱାନ୍ କମିଟି ସାକ୍ଷାତ କରିଛି। ସଭାପତି ରାଧେଶ୍ୟାମ ସାହୁ, ସମ୍ପାଦକ ବୈଦ୍ୟନାଥ ହୋତା, ସଭ୍ୟ ବିପ୍ର ଚନ୍ଦ୍ର ବେହେରା ପ୍ରମୁଖ ସ୍ଥାନୀୟ ଡାକ ବଙ୍ଗଳାରେ ତାଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ମନମୁଣ୍ଡାକୁ ଏନ୍‌ଏସି ଘୋଷଣା ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ଛାତ୍ରଛାତ୍ରୀଙ୍କୁ ପାଠ ପଢାଇଲେ ଜିଲ୍ଲାପାଳ

ନୂଆପଡା,୧୨।୮ (ସମିସ): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ମଙ୍ଗଳବାର ନୂଆପଡା ଜିଲ୍ଲା ସଦର ମହକୁମାରେ ଥିବା ନ୍ୟାସନାଲ ହାଇସ୍କୁଲର ସ୍ଥିତି ଦେଖିବା ସହ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇଛନ୍ତି। ଶ୍ରୀ ଦାଶ ଦଶମ ଶ୍ରେଣୀର ଇଂରାଜୀ ବ୍ୟାକରଣ ଉପରେ ମାର୍ଗଦର୍ଶନ କରିଥିଲେ। କିପରି କୌଶଳ ସହ ଅଧବସାୟ ରଖି ପଢିବା ଦରକାର ଟିପ୍ସ ଦେଇଥିଲେ। ଭଲ ପାଠ ପଢି ବଡ ମଣିଷ ନୁହେଁ ବରଂ ଭଲ ମଣିଷହେବାକୁ ପରାମଶ ଦେଇଥିଲେ। ପିଲାମାନେ ଆଗ୍ରହର ସହ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ଜିଲ୍ଲା ଶିକ୍ଷାଧିକାରୀ କରୁଣାକର ଭୁଏ, ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୁଲାପ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ କୃମି ନାଶକ କାର୍ଯ୍ୟକ୍ରମ ଶୁଭାରମ୍ଭ

ସିନାପାଲି,୧୨।୮ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଚଟିଆଗୁଡା ଆଶ୍ରମ ବିଦ୍ୟାଳୟରେ ଜାତୀୟ କୃମି ନାଶକ ଦିବସ ପାଇଁ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭ ଉଦଘାଟନ ହୋଇ ଯାଇଛି। କାର୍ଯ୍ୟକ୍ରମକୁ ସିନାପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ କାର୍ମି ଓରାମ ଉଦଘାଟନ କରିଛନ୍ତି। ଗୋଷ୍ଠୀ ଚିକିତ୍ସାଧିକାରୀ ଡାକ୍ତର ଶ୍ରୀମାନ ସାହୁ, ପ୍ରଧାନ ଶିକ୍ଷକ ଅଶୋକ କୁମାର ଧରୁଆ,ପିଚଇଓ ଅଙ୍ଗଦରାମ ମାଝୀ,ବିପିଏମ ରତ୍ନମଣି ଭୁଏ,ସ୍ୱାସ୍ଥ୍ୟ ପରିଦର୍ଶକ ହୃଷିକେଶ ସା, ଧବଳେଶ୍ୱର ମେହେର, ଏମଆରଏ ଡିଙ୍ଗର ଦଳପତି,ସ୍ୱାସ୍ଥ୍ୟ କର୍ମୀ ପିତାମ୍ବର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ସମସ୍ତ ଆଗନୱାଡି କେନ୍ଦ୍ର, ବିଦ୍ୟାଳୟ ତଥା ଗ୍ରାମରେ ଥିବା ୧ରୁ ୧୯ ବର୍ଷର ସମସ୍ତ ଶିଶୁଙ୍କୁ କୃମି ନାଶକ ବଟିକା ଆଲବେଣ୍ଡାଜୋଲ ଖୁଆ ଯାଇଥିବା ବେଳେ ଆସନ୍ତା ୧୯ ତାରିଖ ଅବଶିଷ୍ଟ ଥିବା ଶିଶୁଙ୍କୁ ବଟିକା ଖୁଆଯିବାର କାର୍ଯକ୍ରମ ରହିଥିବା ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ଦିଆଯାଇଛି।

## ତରଭା ବ୍ଲକ୍ ଆଗରେ ଗର୍ଜିଲେ ଚାଷୀ

ତରଭା,୧୨।୮ (ସମିସ): ସୋନପୁର ଜିଲ୍ଲା ତରଭା ବ୍ଲକ୍ ମରାଡୁଗୁଚ୍ଛା ପଞ୍ଚାୟତର ଟୋକାନ ପାଇଥିବା ଚାଷୀ ଗତ ରବି ଋତୁରେ ପ୍ୟାକ୍ସରେ ଧାନ ଦେଇ ଆଜି ସୁଦ୍ଧା ସମ୍ପୂର୍ଣ୍ଣ ପ୍ରାପ୍ୟ ପାଇ ନାହାନ୍ତି। ଏହାର ପ୍ରତିବାଦରେ ସେମାନେ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଧାନ ବିକି କରି ସେମାନେ ସମ୍ପୂର୍ଣ୍ଣ ପାଉଣା ପାଇ ନ ଥିବା ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ଗତ ୨୮ ତାରିଖ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଶତାଧିକ ଚାଷୀ ଆସି ଅଭିଯୋଗ କରିଥିଲେ। ସୋମବାର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତରଭା ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ରରେ ମରାଡୁଗୁଚ୍ଛା ପ୍ୟାକ୍ସରେ ବକେୟା ଥିବା ଧାନର ମୂଲ୍ୟ ନ ପାଇବା, ବିକ୍ରୟ ପାଇଁ ପ୍ୟାକ୍ସରୁ ମିଲ୍‌କୁ ଯାଇଥିବା ଗାଡିର ଭଡା ନ ମିଳିବା ଓ ସାରର କଳାବଜାର ପ୍ରତିବାଦରେ ୧୨ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଉଲ୍ଲେଖ କରିଥିଲେ। ସେହି ଅନୁସାରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଚାଷୀ ନେତା ମିତ୍ରବ୍ରତ ମିଶ୍ର, ଜୟଚନ୍ଦ୍ର ଭୋଇ, ପଦ୍ମଲୋଚନ ଦଳବେହେରା, ବସୁ ସାହୁ, କାହ୍ନୁ ଚରଣ, ରବୀନ୍ଦ୍ର ମିଶ୍ର, କାର୍ତ୍ତିକ ସାହୁଙ୍କ ନେତୃତ୍ୱରେ ଅନେକ ଚାଷୀ ଧାରଣାରେ ବସିଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଭବାନୀପାଟଣା,୧୨।୮ (ସମିସ): କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବସ୍ ଟର୍ମିନାଲରୁ ମଙ୍ଗଳବାର ସକାଳରେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ସ୍ଥାନୀୟ ପୁଲିସ ଉଦ୍ଧାର କରିଛି। ମୃତବ୍ୟକ୍ତିଙ୍କ ପରିଚୟ ଜଣା ପଡିନି। ବ୍ୟବଚ୍ଛେଦ ପରେ ମୃତଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶବ ଗୃହରେ ରଖାଯାଇଛି। ପୋଲିସ ଘଟଣା ର ତଦନ୍ତ ଜାରି ରଖିଛି।

## ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

କୋମନା,୧୨।୮ (ସମିସ):ନୂଆପଡ଼ ଜିଲ୍ଲା କୋମନା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ମୁଖ୍ୟାଳୟରେ ବିଜେପିର ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପାତଳେଶ୍ୱର ମଣ୍ଡଳ ସଭାପତି ଚନ୍ଦନ ଠାକୁର ଙ୍କ ନେତୃତ୍ୱରେ ମଣ୍ଡଳ ସାଧାରଣ ସମ୍ପାଦକ ରଣଜିତ ସିଂ ଦଣ୍ଡସେନା, ଏସସି ମୋର୍ଚ୍ଚା ସଭାପତି ଲୋକନାଥ ସିନ୍ଧୁର,ବୁଥ ସଭାପତି ଦୟା ମାଝୀ,ଗୁପ୍ତେଶ୍ୱର ନିଆଲ,ସମ୍ଭବ ପଣ୍ଡା, ଜିତୁ ନିଆଲ ତଥା ସ୍ଥାନୀୟ କାର୍ଯ୍ୟକର୍ତ୍ତା ତ୍ରିରଙ୍ଗା ପତାକା ଧରି ପଦଯାତ୍ରା କରିବା ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନକୁ କାର୍ଯ୍ୟକାରୀ କରିବାକୁ ଲୋକଙ୍କୁ ସଚେତନ କରିଥିଲେ। କୋନାବିରା, ଡୋଙ୍ଗରିପାଲି,ଟିକ୍ରାପଡା, ନୂଆଗାଁ ପଞ୍ଚାୟତର କମକେଡା ଗ୍ରାମରେ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

## ଯୋଜନା ଭିତ୍ତିକ ଶିକ୍ଷକଙ୍କ ଶୋଭାଯାତ୍ରା

ବୌଦ୍ଧ,୧୨।୮ (ସମିସ): ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କନିଷ୍ଠ ଶିକ୍ଷକ ସଂଘ ବୌଦ୍ଧ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛି। ସମସ୍ତେ ଶୋଭାଯାତ୍ରାରେ କଚେରି ଛକରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହି ଦାବିପତ୍ର ଦେଇଥିଲେ। ଜିଲ୍ଲା କନିଷ୍ଠ ଶିକ୍ଷକ (ଯୋଜନା ଭିତ୍ତିକ) ସଂଘର ସଭାପତି ଅଂଶୁମାନ ପାତ୍ର, ଉପ ସଭାପତି ପ୍ରତିମା ନାୟକ, କୋଷାଧକ୍ଷ ରବିନାରାୟଣ ମେହେର, ସମ୍ପାଦକ ବନିତା ସେଠୀ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

### ■ କେନ୍ଦୁମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ଶିକ୍ଷକ ସମସ୍ୟାକୁ ନେଇ ବିଇଓ ଅଫିସ୍ ଘେରାଉ

ସିନାପାଲି,୧୨।୮ (ସମିସ): ସିନାପାଲି ବ୍ଲକ୍ ଅନ୍ତର୍ଗତ କେନ୍ଦୁମୁଣ୍ଡାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବଦଳି ବ୍ୟବସ୍ଥାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରୁ ଏକାଥରକେ ଚାରି ଜଣ ତାଲିମପ୍ରାପ୍ତ ଶିକ୍ଷକଙ୍କୁ ବଦଳି କରାଯାଇଥିବା ବେଳେ ବର୍ତ୍ତମାନ ଜଣେ ସିଟି ତାଲିମପ୍ରାପ୍ତ ଶିକ୍ଷକଙ୍କ ହାତରେ ବିଦ୍ୟାଳୟ ପରିଚାଳିତ ହେଉଥିବା ଅଭିଯୋଗ କରିଛନ୍ତି। ଫଳରେ ବିଦ୍ୟାଳୟର ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏନେଇ ସ୍ଥାନୀୟ ଅବିଭାବକ ତଥା ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହ ସିନାପାଲି ବିଇଓ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ପ୍ରାପ୍ତ ଖବର ଅନୁସାରେ ୧୯୬୧ ମସିହାରେ ସ୍ଥାପିତ ଉକ୍ତ ବିଦ୍ୟାଳୟରେ ବର୍ତ୍ତମାନ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତିନୋଟି ଶ୍ରେଣୀରେ ମୋଟ ୧୮୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ସେମାନଙ୍କ ଶିକ୍ଷାଦାନ ପାଇଁ ପାଞ୍ଚଜଣ ଅଭିଜ୍ଞ ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତ ଥିଲେ। ହେଲେ ଚଳିତ ଶିକ୍ଷା ବର୍ଷରେ ଶିକ୍ଷକଙ୍କ ବଦଳି କରାଯାଇଥିବା ବେଳେ ଉକ୍ତ ବିଦ୍ୟାଳର ଚାରି ଜଣ ତାଲିମ ପ୍ରାପ୍ତ ଶିକ୍ଷକଙ୍କ ବଦଳି ହୋଇଯାଇଛି। ଫଳରେ ବିଦ୍ୟାଳୟରେ ବର୍ତ୍ତମାନ ଜଣେ ମାତ୍ର ଶିକ୍ଷକ +୨ ସିଟି ତାଲିମ ପ୍ରାପ୍ତ ଶିକ୍ଷକ ଅଛନ୍ତି। ହେଲେ ଜଣେ ଶିକ୍ଷକରେ ତିନୋଟି ଶ୍ରେଣୀର ୧୮୦ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ସମ୍ଭବ ନୁହେଁ। ଯଦ୍ୱାରା ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଫଳରେ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ଉକ୍ତ ବିଦ୍ୟାଳୟ ଅଞ୍ଚଳର ଏକ



### ତୁରନ୍ତ ତାଲିମପ୍ରାପ୍ତ ଅଭିଜ୍ଞ ଶିକ୍ଷକ ପୂରଣ ଦାବ

ପ୍ରମୁଖ ଶିକ୍ଷାନୁଷ୍ଠାନ ହୋଇଥିବା ବେଳେ ଏଥିରୁ ହଜାର ହଜାର ଛାତ୍ରଛାତ୍ରୀ ଉପକୃତ ହୋଇ କୃତିତ୍ୱ ଅର୍ଜନ କରିବା ସହିତ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇ ଉପକୃତ ହୋଇଛନ୍ତି। ସେଭଳି ଏକ ପ୍ରମୁଖ ଅନୁଷ୍ଠାନର ସୈକ୍ଷିକ ବ୍ୟବସ୍ଥା ଆଜି ଭୁଶୁଡ଼ି ପଡ଼ିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ଅବିଭାବକ ମହଲ ରେ ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ଅନୁଷ୍ଠାନର ଶୈକ୍ଷିକ ବ୍ୟବସ୍ଥା ପୁନଃ ଫେରାଇ ଆଣିବା ପାଇଁ ଦାବି କରି ବିଦ୍ୟାଳୟରୁ ବଦଳି କରାଯାଇଥିବା ସମସ୍ତ ତାଲିମ ପ୍ରାପ୍ତ ଶିକ୍ଷକ ମାନଙ୍କୁ ପୁନଃ ଫେରାଇ ଆଣିବା କୁ ଅବିଭାବକ ତଥା ଛାତ୍ରଛାତ୍ରୀ ଦାବି କରି ସିନାପାଲି ବିଇଓ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଘେରାଉ କରିଥିଲେ। ଦୀର୍ଘ ସମୟ ପରେ ସିନାପାଲି ବିଇଓ ଯତୀନ୍ଦ୍ର ସେଠ୍ ଘଟଣାସ୍ଥଳରେ ପହଞ୍ଚି ଅବିଭାବକ ତଥା ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ। ପରେ ଆଗାମୀ ଏକ ସପ୍ତାହ ମଧରେ ଶିକ୍ଷକ ନିଯୁକ୍ତି ଦେବାର ପ୍ରତିଶ୍ରୁତି ପରେ ଶାନ୍ତ ପଡ଼ିଥିଲେ। ଆଗାମୀ ଏକ ସପ୍ତାହ ମଧରେ ଆବଶ୍ୟକ ଶିକ୍ଷକ ପୂରଣ ନକଲେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନରେ ବସିବୁ ବୋଲି ସ୍ଥାନୀୟ ଅବିଭାବକ ଦିଲ୍ଲୀପ ପାଢ଼ୀ,ନିରନ୍ ବାଗ,ସୂର୍ଯ୍ୟଭାନୁ ହଂସ, ଶିବଲାଲ ଖର୍ସେଲ, ଚନ୍ଦ୍ର ବାଗ, ଡିଙ୍ଗର ଲୋହାର, ଧନୁର୍ଜୟ ମାଝୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ସେଲେଡି ପାକ୍ସରେ ତାଲା ମାରି ଚାଷୀଙ୍କ ଧାରଣା



ବିନିକା,୧୨।୮ (ସମିସ): ସୋନପୁର ଜିଲ୍ଲା ବିନିକା ତହସିଲ ଅଧୀନ ମହଦେବପାଲି ପଞ୍ଚାୟତ ସକମା ଗ୍ରାମର ଚାଷୀ ସେଲେଡି ପାକ୍ସରେ ତାଲା ମାରି ଧାରଣା ଦେଇଛନ୍ତି। ମଙ୍ଗଳବାର ସେମାନେ କାଗଜପତ୍ର ଧରି ପଞ୍ଜୀକରଣ ପାଇଁ ସେଲେଡି ପାକ୍‌ସରେ ପହଞ୍ଚିଥିଲେ; ହେଲେ ସେଠାରେ ଦାୟିତ୍ୱରେ ଥିବା ଅଧିକାରୀ ମନା କରି ଦେଇଥିଲେ। ଏହାକୁ ନେଇ ଚାଷୀ ହୋ ହାଲ୍ଲା କରିଥିଲେ। ପଞ୍ଜିକରଣ ପାଇଁ କିଏ ମନା କରିଛି ବୋଲି ପାକ୍ସ କର୍ମଚାରୀଙ୍କୁ ଜବାବ ମାଗିଥିଲେ। ଶେଷରେ କୌଣସି ଠିକ ଉତ୍ତର ନ ମିଳିବାରୁ ବାଧ ହୋଇ ଚାଷୀମାନେ ପାକ୍ସକୁ ତାଲା ପକାଇ ଧାରଣା ଦେଇଥିଲେ। ନାରାବାଜି କରି ଦାବି ପୂରଣ ନ ହେବା ଯାଏ ଉଠିବେ ନାହିଁ ବୋଲି କହିଥିଲେ। କିଛି ସମୟ ପରେ ବିନିକା ତହସିଲଦାର ଓ ଥାନା ଅଧିକାରୀ ପହଞ୍ଚିଥିଲେ। ଚାଷୀଙ୍କ ସମସ୍ୟା ଉପରେ ଅବଗତ ହୋଇଥିଲେ; ହେଲେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲାପାଳ ଆସି ସମସ୍ୟା ସମାଧାନ କରିବାକୁ ଚାଷୀ ଦାବି କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣାରେ ବସି ରହିଥିଲେ ହେଁ ବିଭାଗୀୟ ଅଧିକାରୀଙ୍କ ଦେଖା ମିଳି ନ ଥିଲା। ଏଣୁ ବୁଧବାରୁଠାରୁ ଚାଷୀ ରାସ୍ତାକୁ ଓହ୍ଲାଇବେ ବୋଲି ସଜବାଜ ହୋଇଥିଲେ। ଏହା ପରେ ରଘୁନାଥ ସ୍ୱୟଂ ସହାୟକ ଗୋଷ୍ଠୀ ଚାଷୀଙ୍କ ଧାନ ବିକ୍ରି ପଞ୍ଜିକରଣ ଚାଲୁ କରିବାକୁ ସ୍ୱୀକୃତି ଦେଇଥିଲା। ଏଣୁ କିଛି ଚାଷୀ ମଧ ପଞ୍ଜିକରଣ କରିଥିଲେ।

### ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

# ଗୋଡ଼ାଲ ପଞ୍ଚାୟତରେ ବ୍ୟାପକ ଅନିୟମିତତା

ସିନାପାଲି,୧୨।୮ (ସମିସ):


ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଗୋଡ଼ାଳ ପଞ୍ଚାୟତରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ନିକଟରେ ଗୋଡ଼ାଳଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଗୋଡ଼ାଳ ପଞ୍ଚାୟତ ସିନାପାଲି ସଦର ମହକୁମା ଠାରୁ ମାତ୍ର ୧ କିଲୋମିଟର ଦୂରରେ ଅବସ୍ଥିତ ।ପ୍ରଶାସନ ଠାରୁ ଅଳ୍ପ ଦୂରରେ ଥିବା ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା କରି ହରିଲୁଟ କରାଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏହି ପଞ୍ଚାୟତ ୭ଟି ଗ୍ରାମକୁ ନେଇ ଗଠିତ ହୋଇଥିବା ବେଳେ ଗୋଡ଼ାଲ ପଞ୍ଚାୟତରେ ବିନା କାମରେ ଟଙ୍କା ଆତ୍ମସାତ ଅଭିଯୋଗ ନେଇ ସିନାପାଲି ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସ୍ଥାନୀୟ ଲୋକେ ଲିଖିତ ଅଭିଯୋଗ କରିଥିବା

### ବିଡିଓଙ୍କୁ ତଦନ୍ତ ନିର୍ଦ୍ଦେଶ

ଜଣାପଡିଛି। ଅଭିଯୋଗ ଅନୁସାରେ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ପଞ୍ଚାୟତ ପାଣ୍ଠିର ଦୁରୁପଯୋଗ କରି ପଞ୍ଚାୟତ କର୍ତ୍ତୃପକ୍ଷ ଟଙ୍କା ଆତ୍ମସାତ କରିଥିବା ଜଣାପଡିଛି। ବିଭିନ୍ନ ଗ୍ରାମର ଘରକୁ ଘର ବୁଲି ଅଳିଆ ଆବର୍ଜନା ସଂଗ୍ରହ କରିବା ନାଁରେ ମିଥ୍ୟା ବିଲ କରି ଟଙ୍କା ହରିଲୁଟ କରାଯାଇଛି। ସେହିପରି ପଞ୍ଚାୟତ କାର୍ଯ୍ୟାଳୟ ମରାମତି କିମ୍ବା ମୁଖ୍ୟ ଗେଟ ନିର୍ମାଣ କରାନଯାଇ ମଧ ଟଙ୍କା ହଡ଼ପ କରାଯାଇଥିବା ଜଣାପଡିଛି। ସେହିପରି ପିଡିଏସ ପାଣ୍ଠିରୁ ବେଆଇନ ଭାବେ ଚାରି ଲକ୍ଷ ୯୦ ହଜାର ଟଙ୍କା ଉଠାଣ କରି ହଡ଼ପ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୁଣି ପଞ୍ଚଦଶ ଅର୍ଥ କମିଶନର ପାଣ୍ଠି ଦୁରୁପଯୋଗ କରାଯାଇ ଟଙ୍କା ହଡ଼ପ କରିଥିବା ବେଳେ କୌଣସି କାମ କରାନଯାଇ ପିଇଓ କ୍ୱାର୍ଟର ମରାମତି କରାଯାଇଥିବା ଦର୍ଶାଯାଇଛି। ସେହିପରି ଗୋଡାଲ ଗ୍ରାମରେ ପାନୀୟଜଳ ଯୋଗାଣ ପ୍ରକଳ୍ପ ରହିଥିଲେବି ଲୋକେ ନିୟମିତ ପାନୀୟଜଳ ପାଇପାରୁ ନାହାନ୍ତି। କିନ୍ତୁ ଲକ୍ଷ ଲକ୍ଷ ଟଙ୍କା ଏଥିରେ ବ୍ୟୟବରାଦ କରି ଆତ୍ମସାତ କରାଯାଉଥିବା ଜଣାପଡିଛି। ଏନେଇ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଟଙ୍କା ହରିଲୁଟର ତଦନ୍ତ କରି ସଂପୃକ୍ତ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମର ଖିତିନ୍ଦ୍ର ମାଲି, ଚନ୍ଦ୍ର ଶେଖର ହାତୀ, ଆନନ୍ଦ ନାଏକ, ଉଆସୁ ମାଲି, ତ୍ରିଲୋଚନ ମାଲି, ଚନ୍ଦ୍ରମଣି ନାଏକ, ମନୋଜ ମାଝି, ରମେଶ ମାଲି, ଅଲେଖ ନାଏକ ସମେତ ଅନେକ ଦାବି କରିଛନ୍ତି। ଏ ନେଇ ନୂଆପଡ଼ା ଜିଲ୍ଲାପାଳ ସିନାପାଲି ବିଡ଼ିଓ କାର୍ମୀ ଓରାମଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## କୁହୁରା-ଭୁର୍ଷାଗୁଡା ରାସ୍ତା ଅବସ୍ଥା ଶୋଚନୀୟ

ଧର୍ମଗଡ଼,୧୨।୮ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରୁ ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡାକୁ ସଂଯୋଗ କରୁଥିବା ସୀମାନ୍ତ ମୁଖ୍ୟ ରାସ୍ତା ଦୀର୍ଘ ଦିନ ଖାଲଖମାରେ ଭର୍ତ୍ତି ହୋଇ ରହିଛି। ଏହି ରାସ୍ତା ଶୋଚନୀୟ ହୋଇ ପଡିଥିଲେ ମଧ ଏଥିପ୍ରତି କାହାର ନଜର ପଡୁନି। ଏଣୁ ଏହି ରାସ୍ତା ଦେଇ ଯାଉଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକକୁ କୁହୁରା ଭୁର୍ଷାଗୁଡା ରାସ୍ତା ବଲାଙ୍ଗିର ଜିଲ୍ଲା ସହ ସଂଯୋଗ କରୁଛି। ଦୀର୍ଘ ୪ କିମି ବିଶିଷ୍ଟ ଏହି ରାସ୍ତା ଦୀର୍ଘ ଦିନ ଧରି କଚ୍ଚା ସଡକ ଥିଲା। ୧୦ ବର୍ଷ ତଳେ ସରକାର ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରି ପକ୍କା ସଡକ ନିର୍ମାଣ କରିଥିଲେ; କିନ୍ତୁ ୫ ବର୍ଷ ହେଲା ଏହି ରାସ୍ତା ଉପରେ ସଂପୃକ୍ତ ବିଭାଗର ଅନ୍ତରିକତା ନାହିଁ। ରକ୍ଷଣାବେକ୍ଷଣ ଅଭାବ ଯାଗୁଁ ୪ କିମି ବିଶିଷ୍ଟ ଏହି ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହୋଇଛି। ରାସ୍ତା ପାରି ହେବାକୁ ହେଲେ ଅଧିକ ସମୟ ଲାଗି ଯାଉଛି। ବଡ ବଡ ଗାଡି ବହୁ କଷ୍ଟରେ ଯାଉଛି। ଛୋଟ ଛୋଟ ଗାଡି ଯିବା କଷ୍ଟକର ହୋଇ ପଡୁଛି। ଏହି ରାସ୍ତା ଉପରେ ଗୋଲାମୁଣ୍ଡା ବ୍ଲକର ୨୦ଟି ପଞ୍ଚାୟତ ତଥା ଧର୍ମଗଡ, କୋକସରା ବ୍ଲକ ଅଞ୍ଚଳର ଲୋକେ ବଲାଙ୍ଗିର ଜିଲ୍ଲାର ସିନ୍ଧେକେଲା, କଣ୍ଟାବାଞ୍ଜି ଓ ଟିଟିଲାଗଡକୁ ଯିବା ଆସିବା କରିବାକୁ ନିର୍ଭର କରିଥାନ୍ତି। ଦୀର୍ଘ ବର୍ଷ ହେଲା ଏହି ରାସ୍ତା ଶୋଚନୀୟ ହୋଇ ପଡଛି। ଏଣୁ ଲୋକେ ଏହି ରାସ୍ତାରେ ଯିବାକୁ ସୁରକ୍ଷିତ ମଣୁ ନାହାନ୍ତି। ବାଧ ହୋଇ କଣ୍ଟାମାଳ



କୁରୁସୁଡ ଦେଇ ଯିବାକୁ ପଡୁଛି। ଏହା ଫଳରେ ଲୋକଙ୍କୁ ଅଧିକ ରାସ୍ତା ଅତିକ୍ରମ କରିବାକୁ ପଡୁଛି। ସମୟ ମଧ ଅପଚୟ ହେଉଛି। ପୂର୍ବରୁ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ମାଣ କରିଥିଲା। ଏଣୁ ଧର୍ମଗଡ ଗ୍ରାମ୍ୟ ଯନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଅଶିଷ ସେଠୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାରୁ ଏହି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତ ହୋଇ ସାରିଛି ବୋଲି ସେ କହିଛନ୍ତି।

# ବନ୍ଧୁତା ବଦଳରେ ବିବାଦ ବଢ଼ାଉଛି ଚୀନ

## ଏଲ୍ଏସି ନିକଟରେ ନିର୍ମାଣ କରିବ ରେଳ ଲାଇନ୍

ବେଜିଂ, ୧୨।୮(ଏଜେନ୍ସି): ଭାରତ ବନ୍ଧୁତାର ହାତ ବଢ଼ାଉଥିବାବେଳେ ଚୀନ୍ ଏହାକୁ ବିଗାଡିବାକୁ ଚାହୁଁଛି। ଏହି କମ୍ୟୁନିଷ୍ଟ ରାଷ୍ଟ୍ର ପୁଣି ବିବାଦୀୟ ପଦକ୍ଷେପ ନେଇଛି। ସୀମାରେ ଥିବା ଲାଇନ୍ ଅଫ୍ ଆକଚୁଆଲ କଣ୍ଟ୍ରୋଲ (ଏଲ୍ଏସି) ନିକଟରେ ଚୀନ୍ ଦେଶର ଦୀର୍ଘତମ ରେଳ ଲାଇନ୍ ବିଛାଇବାକୁ ଯୋଜନା କରୁଛି ବୋଲି ଏକ ରିପୋର୍ଟରୁ ଜଣା ପଡ଼ିଛି। ଏହି ରେଳ ଲାଇନ୍ ଦ୍ୱାରା ସିନଜିଆଙ୍ଗ୍ ରାଜ୍ୟର ହୋତାନ ସହ ତିବ୍ବତର ଲାସାକୁ ଯୋଡା ଯିବ। ଚଳିତ ବର୍ଷ ଚୀନ୍ ତା'ର ଏହି ମହତ୍ତ୍ୱାକାଂକ୍ଷୀ ରେଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବ। ଲାସାକୁ କେନ୍ଦ୍ର କରି ନିର୍ମାଣ କରାଯିବାକୁ ଥିବା ଏହି ୫ ହଜାର କିମିର ରେଳ ପ୍ରକଳ୍ପ ୨୦୩୫ ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଉଛି। ଏଥିପାଇଁ ୧୩.୨ ବିଲିୟନ ଡଲାରର ବ୍ୟୟ ବରାଦ କରାଯାଇଛି। ଜିନଜିଆଙ୍ଗ-ତିବ୍ବତ ରେଲୱେ କମ୍ପାନୀ ଏହାର ଠିକା ନେଇଛି।

ପ୍ରସ୍ତାବିତ ଏହି ରେଳ ଲାଇନ୍‌ର ଏକ ଅଂଶ ଅକ୍ସାଇ ଚୀନ୍ ଦେଇଯିବ। ଫଳରେ ଭାରତ ସହିତ ଚୀନ୍‌ର ସମ୍ପର୍କରେ ପୁଣି ତିକ୍ତତା ଦେଖା ଦେବ ବୋଲି ଆଶଙ୍କା କରାଯାଉଛି। ଏହି ପ୍ରକଳ୍ପ ବେଶ୍ ଆହ୍ୱାନପୂର୍ଣ୍ଣ ହେବ। କାରଣ ରଣନୈତିକ ଦୃଷ୍ଟିରୁ ଦୁଇ ଦେଶ ଏଲଏସିକୁ ପ୍ରାଧାନ୍ୟ ଦେଉଛନ୍ତି। ୨୦୦୮ରେ ଏହି ରେଳ ଲାଇନ୍ ବିଛାଇବାକୁ ପ୍ରଥମେ ଯୋଜନା କରାଯାଇଥିଲା। ଅକ୍ସାଇ ଚୀନ୍‌କୁ ନେଇ ଭାରତ ଓ ଚୀନ୍ ମଧ୍ୟରେ ବିବାଦ ରହିଆସିଛି। ତେଣୁ ଏହି ପ୍ରକଳ୍ପ ଭାରତ ପାଇଁ ଡବଲ୍ ଝଟ୍‌କା ସାବ୍ୟସ୍ତ ହୋଇଛି। କାରଣ ଏହି ରେଳ ଅକ୍ସାଇ ଚୀନ୍ ମଧ୍ୟ ଦେଇଯିବ ଏବଂ ଏଲଏସି ନିକଟରେ ରେଳଧାରଣା ବିଛାଯିବ। ଚୀନ୍ ଏହା ମାଧ୍ୟମରେ ସୀମାକୁ ଦ୍ରୁତବେଗରେ ପ୍ରତିରକ୍ଷା ଉପକରଣଠାରୁ ଆରମ୍ଭ କରି ସେନା ପଠାଇ ପାରିବ। ଏହା ପୂର୍ବରୁ ଅକ୍ସାଇ ଚୀନ ଦେଇ ଚୀନ୍‌ର ମେଗା ଭିତ୍ତିଭୂମି ପ୍ରକଳ୍ପ ଜିନଜିଆଙ୍ଗ-ତିବ୍ବତ ହାଇୱେ ଯାଇଥିଲା। ଏହା ଜି୨୧୯ ରାଜପଥ ଭାବେ ପରିଚିତ। ୧୯୬୨ ଯୁଦ୍ଧର ଏହା ପ୍ରମୁଖ କେନ୍ଦ୍ର ଥିଲା।

ଭାରତ ଅକ୍ସାଇ ଚୀନକୁ ନିଜର ଅବିଚ୍ଛେଦ୍ୟ ଅଙ୍ଗ କହୁଛି। ଏ ନେଇ ଐତିହାସିକ ତଥ୍ୟ ଏବଂ ଅତୀତରେ ହୋଇଥିବା ଚୁକ୍ତି ମଧ୍ୟ ପ୍ରମାଣ ରହିଛି। ମାତ୍ର ୧୯୫୦ରୁ ଏହି ଅଞ୍ଚଳ ଚୀନ୍ କବ୍‌ଜାରେ ରହିଛି। ସେହିପରି ଚୀନ୍ ମଧ୍ୟ ଏହି ଅଞ୍ଚଳକୁ ନିଜର ବୋଲି ଦାବି କରିଆସୁଛି। ଗଲୱାନ ସଂଘର୍ଷ ପରଠାରୁ ବିଗିଡ଼ି ଯାଇଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ସୁଧାରିବା ପାଇଁ ଦିଲ୍ଲୀ-ବେଜିଂ ପଦକ୍ଷେପ ନେଉଥିବାବେଳେ ଏହି ରେଳ ପ୍ରକଳ୍ପ ରିପୋର୍ଟ ସାମ୍‌ନାକୁ ଆସିଛି। ଗତ ବର୍ଷ ରୁଷ୍‌ରେ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ଦ୍ୱିପାକ୍ଷିକ ସମ୍ବନ୍ଧକୁ ନେଇ ଆଲୋଚନା ଆରମ୍ଭ କରିଥିଲେ। ଏହା ପରଠାରୁ ଦ୍ୱିପାକ୍ଷିକ ସମ୍ବନ୍ଧରେ ଅଗ୍ରଗତି ଆସିଥିଲା। ଆସନ୍ତା ୩୧ରେ ଏସ୍‌ସିଓ ସମ୍ମିଳନୀରେ ସାମିଲ ହେବାକୁ ମୋଦୀ ବେଜିଂ ଯିବେ। ଅରୁଣାଚଳ ପ୍ରଦେଶ ସୀମାକୁ ଲାଗି ବ୍ରହ୍ମପୁତ୍ର ନଦୀରେ ଚୀନ୍ ବିଶ୍ୱର ବୃହତ୍ତମ ବନ୍ଧ ନିର୍ମାଣ କରୁଥିବାବେଳେ ଅକ୍ସାଇ ଚୀନ୍ ଦେଇ ରେଳ ପ୍ରକଳ୍ପ ଯିବା ପ୍ରସଙ୍ଗ ଦୁଇ ଦେଶର ସମ୍ପର୍କକୁ କି ଦିଗ ଦେଉଛି ତାହା ଦେଖିବା ବାକି ରହିଲା।





ବିହାର ଏସ୍ଆଇଆରକୁ ବିରୋଧ କରି ମିନ୍‌ଟା ଦେବୀଙ୍କ ଫଟୋ ଥିବା ଟିସାର୍ଟ ପିନ୍ଧି ସଂସଦ ବାହାରେ ବିରୋଧୀ ସାଂସଦଙ୍କ ବିକ୍ଷୋଭ

# ମୁନୀରଙ୍କ ପରେ ବିଲାୱଲଙ୍କ ଧମକ



### ସିନ୍ଧୁରେ ବନ୍ଧ ବାନ୍ଧିଲେ ଯୁଦ୍ଧ
### ଫେରାଇ ଆଣିବୁ ୬ ନଦୀ

ଇସଲାମାବାଦ, ୧୨।୮ (ଏଜେନ୍ସି): ପାକିସ୍ତାନ ସେନାମୁଖ୍ୟ ଆମେରିକାରେ ରହି ଭାରତକୁ ପରମାଣୁ ଯୁଦ୍ଧ ଧମକ ଦେଇଛନ୍ତି। ଏପରି କରି ସେ ଆମେରିକାର ପରମାଣୁ ଅସ୍ତ୍ର ଅପସାରଣ ନିୟମକୁ ଭଙ୍ଗ କରିଥିଲେ ହେଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସରକାର ମୁହଁ ଖୋଲୁ ନାହାନ୍ତି। ଭାରତକୁ ଚିଡ଼ାଇବା ପାଇଁ ଆମେରିକା ଏପରି କରୁଥିବା କୁହାଯାଉଥିବାବେଳେ ଏବେ ପାକିସ୍ତାନର ପୂର୍ବତନମନ୍ତ୍ରୀ ତଥା ପିପୁଲ୍ସ ପାର୍ଟି ନେତା ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ଭାରତକୁ ଯୁଦ୍ଧ ଧମକ ଦେଇଛନ୍ତି। 'ଅପରେସନ ସିନ୍ଦୂର'କୁ ନେଇ ଛାନିଆ ହୋଇ ଯାଇଥିବା ପାକିସ୍ତାନ ସିନ୍ଧୁ ନଦୀ ଜଳ ଛାଡିବା ପାଇଁ ଭାରତକୁ ଅନୁରୋଧ କରିଥିବାବେଳେ ବିଲାୱଲ ବନ୍ଧ ନିର୍ମାଣ ନ କରିବା ପାଇଁ କହିଛନ୍ତି। ଯଦି ଭାରତ ସିନ୍ଧୁ ନଦୀରେ ବନ୍ଧ କରେ ତେବେ ସ୍ଥିତି ଯୁଦ୍ଧ ପର୍ଯ୍ୟନ୍ତ ପହଞ୍ଚି ଯିବ ବୋଲି ସେ ଧମକ ଦେଇଛନ୍ତି। କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଭାରତ ସରକାର ପାକିସ୍ତାନର ଅଶେଷ କ୍ଷତି ଘଟାଇଛନ୍ତି। ତେଣୁ ଭାରତ ବିରୋଧରେ ଏକାଠି ହେବାକୁ ବିଲାୱଲ ପାକିସ୍ତାନୀଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ରଦ୍ଦ କରି ଦେଇଥିଲା। ବନ୍ଧ ନିର୍ମାଣ ପାଇଁ ମଧ୍ୟ ଘୋଷଣା କରାଯାଇଛି। ପାଣି ବନ୍ଦ ହୋଇଯିବା ଯୋଗୁଁ ପାକିସ୍ତାନରେ ଏହି ନଦୀର ଜଳସ୍ତର ୮୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି। ଜଳ ଯୋଗାଣ ଏବଂ କୃଷି କ୍ଷେତ୍ରରୁ ଜଳସେଚନ ପ୍ରଭାବିତ ହୋଇଛି। ଏହାକୁ ନେଇ ପାକିସ୍ତାନ ବିଚଳିତ ହୋଇଯାଇଛି। ତେଣୁ ପାକିସ୍ତାନ ନେତା କ୍ରମାଗତ ଭାବେ ଭାରତକୁ ଏଭଳି ବୃଥା ଧମକ ଦେଇ ଚାଲିଛନ୍ତି। ସିନ୍ଧ ସରକାରଙ୍କ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଲାୱଲ କହିଛନ୍ତି ଯେ ଯଦି ସିନ୍ଧୁ ଚୁକ୍ତିକୁ ଭାରତ ସ୍ଥଗିତ ରଖେ ତେବେ ପାକିସ୍ତାନ ପାଖରେ ଯୁଦ୍ଧ ବ୍ୟତୀତ, କୌଣସି ବିକଳ୍ପ ରହିବ ନାହିଁ। ଭାରତ ବିରୋଧରେ ସ୍ୱର ଉଠାଇ ଅତ୍ୟାଚାରକୁ ବନ୍ଦ କରିବାକୁ ସେ ପାକିସ୍ତାନୀଙ୍କୁ ନିବେଦନ କରିଛନ୍ତି। ଏକାଠି ହୋଇ ଭାରତ ବିରୋଧରେ ଯୁଦ୍ଧ ଲଢିବାକୁ ଆହ୍ୱାନ ଦେଇଛନ୍ତି। ଯୁଦ୍ଧ ହେଲେ ଲଢ଼ି ଭାରତ ଠାରୁ ଛଅଟି ନଦୀକୁ ଫେରାଇ ଆଣିବା ବୋଲି ବିଲାୱଲ କହିଛନ୍ତି। ଅନ୍ୟପକ୍ଷରେ ଅଭିନେତା ତଥା ବିଜେପି ନେତା ମିଥୁନ ଚକ୍ରବର୍ତ୍ତୀ ବିଲାୱଲଙ୍କୁ ଜବାବ ଦେଇଛନ୍ତି। ଯଦି ବାରମ୍ବାର ଏପରି ବୟାନ ଆସେ ତେବେ ଆମ ମୁଣ୍ଡ ଖରାପ ହୋଇଯିବ ଏବଂ ପାକିସ୍ତାନ ଉପରେ ଗୋଟିଏ ପରେ ଗୋଟିଏ ବ୍ରହ୍ମୋସ ଛଡ଼ାଯିବ। ଏହା ବ୍ୟତୀତ ଏପରି ଏକ ବନ୍ଧ ନିର୍ମାଣ କରାଯିବ ଯେଉଁଥିରେ ୧୪୦ କୋଟି ଲୋକ ପରିସ୍ରା କରିବେ। ପରେ ଏହି ବନ୍ଧକୁ ଖୋଲିବୁ ଏବଂ ସୁନାମି ଆସିବ। ଏ ସବୁ କେବଳ ବିଲାୱଲଙ୍କ ପାଇଁ କହିଥିବା ମିଥୁନ ଉଲ୍ଲେଖ କରିଛନ୍ତି।

ଅନ୍ୟପଟେ ପାକିସ୍ତାନ ସେନାମୁଖ୍ୟ ଅସିମ ମୁନୀର କ୍ରମାଗତ ଭାବେ ଆମେରିକାରୁ ଭାରତ ବିରୋଧରେ ବିଷ ଓଗାଳିବା ଜାରି ରଖିଛନ୍ତି। ସେ ପୁଣି ଭାରତକୁ ଧମକ ଦେଇଛନ୍ତି। ଏବେ ଦେଶର ତୈଳ ଭିତ୍ତିଭୂମିକୁ ନିଶାଣ କରିଛନ୍ତି। ଯଦି ଭବିଷ୍ୟତରେ କୌଣସି ସଂଘର୍ଷ ହୁଏ ତେବେ ଗୁଜରାଟ ଜାମନଗର ସ୍ଥିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ରିଫାଇନାରୀକୁ ଆକ୍ରମଣ କରାଯିବ ବୋଲି କହିଛନ୍ତି। ପ୍ରଥମ ଥର ପାଇଁ ପାକିସ୍ତାନର କୌଣସି ସେନା ଅଧିକାରୀ ଭାରତର ତୈଳ ଭିତ୍ତିଭୂମିକୁ ନିଶାଣ କରିବାକୁ ଧମକ ଦେଇଛନ୍ତି। ଫ୍ଲୋରିଡ଼ାର ଟାମ୍ପାରେ ଅନୁଷ୍ଠିତ ଏକ ଘରୋଇ କାର୍ଯ୍ୟକ୍ରମରେ ସେ ଏହି ଟିପ୍ପଣୀ ଦେଇଥିଲେ ବୋଲି ସୂଚନା ମିଳିଛି। ଏଠାରେ ସେ ଭବିଷ୍ୟତର ଯୋଜନା ବିଷୟରେ ବର୍ଣ୍ଣନା କରିଥିଲେ। ସେହିପରି ସେ ବ୍ରୁସେଲ୍ସରେ କହିଛନ୍ତି ଯେ ତାଙ୍କ ପୁଅ ଯଦି ଭାରତ ବିରୋଧରେ ଲଢି ପ୍ରାଣ ହରାଏ ତେବେ ତାଙ୍କ ନାତି ମଧ୍ୟ ଲଢିବ। ସେ ପୁଣିଥରେ କଶ୍ମୀରକୁ ଅନ୍ତର୍ଜାତୀୟ ପ୍ରସଙ୍ଗ କହିଛନ୍ତି। ଏହାକୁ ନେଇ ବ୍ରୁସେଲ୍ସରେ ମୁନୀରଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି।

ରାଜ୍ୟଗୁଡିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ଦଣ୍ଡ ଭୋଗି ସାରିଥିବା କଏଦୀଙ୍କୁ ତୁରନ୍ତ ମୁକ୍ତ କର



ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି):ଅନେକ କଏଦୀ ଦଣ୍ଡ ଭୋଗି ସାରିବା ପରେ ବି ଜେଲ୍‌ରେ ଅଛନ୍ତି। ଏହାକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ନେଇ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ରାଜ୍ୟ ସରକାରମାନଙ୍କୁ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡ ଭୋଗି ସାରି ଅନ୍ୟ କୌଣସି ମାମଲାରେ ଦୋଷୀ ନ ହୋଇ ଜେଲ୍‌ରେ ଥିବା କଏଦୀଙ୍କୁ ତୁରନ୍ତ ମୁକ୍ତ କରିବା ନିମନ୍ତେ ରାଜ୍ୟ ସରକାରମାନଙ୍କୁ କହିଛନ୍ତି। ୨୦୦୨ର ନୀତୀଶ କଟାରା ହତ୍ୟାକାଣ୍ଡର ଦୋଷୀ ସୁଖଦେବ ଯାଦବ ଓରଫ ପହଲୱାନଙ୍କୁ ମୁକ୍ତି ନିର୍ଦ୍ଦେଶ ଦେଇ କୋର୍ଟ ଏହି ରାୟ ଶୁଣାଇଛନ୍ତି। ବିଚାରପତି ବିଭି ନାଗାରତ୍ନା ଏବଂ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି ଯେ ୨୦୨୪ ମାର୍ଚ୍ଚରେ ଯାଦବ ୨୦ ବର୍ଷର ଜେଲ୍ ଦଣ୍ଡ ଭୋଗି ସାରିଥିଲେ। ତେଣୁ ତାଙ୍କୁ ସେହି ସମୟରେ ମୁକ୍ତ କରାଯିବା ଉଚିତ ଥିଲା। ଏହି ନିର୍ଦ୍ଦେଶର ନକଲ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଗୃହ ସଚିବମାନଙ୍କୁ ପଠାଇବାକୁ କୋର୍ଟ କହିଛନ୍ତି। ଯାଞ୍ଚ କରି ଏଭଳି କୌଣସି କଏଦୀ ଜେଲ୍‌ରେ ଅଛନ୍ତି କି ନାହିଁ ଦେଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କେହି ଥିଲେ ତୁରନ୍ତ ମୁକ୍ତ କରିବାକୁ କହିଛନ୍ତି। ଦଣ୍ଡ ଭୋଗି ସାରିବା ପରେ କଏଦୀଙ୍କୁ ଜେଲ୍‌ରେ ରଖିବା ଅନୁଚିତ। ତେଣୁ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ନିମନ୍ତେ ରାଷ୍ଟ୍ରୀୟ ଏବଂ ଜିଲ୍ଲାର ଆଇନ ସେବା କର୍ତ୍ତୃପକ୍ଷ ନିକଟକୁ ପଠାଇବାକୁ କହିଛନ୍ତି।

କୋର୍ଟ ଜୁଲାଇ ୨୯ ତାରିଖରେ ସୁଖଦେବ ପହଲୱାନଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଚରଣ ଆଳରେ ଦଣ୍ଡ ସମୀକ୍ଷା ବୋର୍ଡ ତାଙ୍କ ମୁକ୍ତି ଉପରେ ରୋକ ଲଗାଇଥିଲା। ସୁପ୍ରିମକୋର୍ଟ ଏଥିରେ ଆଶ୍ଚର୍ଯ୍ୟ ପ୍ରକାଶ କରି କହିଥିଲେ ଯେ ଏସ୍ଆରବି କୋର୍ଟ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶକୁ କିପରି ଅଣଦେଖା କରିପାରିବେ? ୨୦ ବର୍ଷ ଜେଲଦଣ୍ଡ ପୂରଣ କରିବା ପରେ ଯାଦବଙ୍କୁ ମୁକ୍ତ କରାଯିବା ଉଚିତ ଥିଲା। ଏହାପରେ ଦିଲ୍ଲୀ ସରକାରଙ୍କ ପକ୍ଷରୁ ଉପସ୍ଥିତ ଅତିରିକ୍ତ ସଲିସିଟର ଜେନେରାଲ ଅର୍ଚ୍ଚନା ପାଠକ ଡେଭ ଯୁକ୍ତି ଦେଇଥିଲେ ଯେ ୨୦ ବର୍ଷ ଜେଲ୍‌ଦଣ୍ଡ ପରେ ଆପେ ମୁକ୍ତି ହୋଇପାରିବ ନାହିଁ ଏବଂ ଆଜୀବନ କାରାଦଣ୍ଡ ଅର୍ଥ ସ୍ୱାଭାବିକ ଜୀବନ ପାଇଁ ଜେଲ୍‌ରେ ରହିବା।

## ଲାଡେନର ନୂଆ ଚେହେରା ମୁନୀର

ୱାଶିଂଟନ, ୧୨।୮ (ଏଜେନ୍ସି): ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନୀରଙ୍କୁ ଆମେରିକା ପ୍ରତିରକ୍ଷା ମନ୍ତ୍ରାଳୟର ପୂର୍ବତନ ଅଧିକାରୀ ମାଇକେଲ ରବିନ ଆତଙ୍କବାଦୀଙ୍କ ସହ ତୁଳନା କରିଛନ୍ତି। ସେ କହିଛନ୍ତି ଯେ ଅସିମ ମୁନୀର ହେଉଛନ୍ତି ସୁଟ୍ ପିନ୍ଧା ଓସାମା ବିନ୍ ଲାଡେନ। ସେ ନିକଟରେ ଦେଇଥିବା ପରମାଣୁ ଧମକରୁ ପାକିସ୍ତାନ ଗୁଣ୍ଡା ରାଷ୍ଟ୍ର ବୋଲି ଜଣାପଡୁଛି। ଏହା ପୂର୍ବରୁ ଗତ ସପ୍ତାହରେ ଆମେରିକାର ସେନା ଅଧିକାରୀଙ୍କୁ ଭେଟିବା ଅବସରରେ ମୁନୀର କହିଥିଲେ ଯେ ପାକିସ୍ତାନ ଏକ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର। ଯଦି ପାକିସ୍ତାନ ବୁଡିବ ତେବେ ନିଜ ସାଥିରେ ଅଧା ଦୁନିଆକୁ ନେଇ ବୁଡିବ। ରୁବିଓ ଏହି ଟିପ୍ପଣୀକୁ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ଏବଂ ଲାଡେନର ବିପଜ୍ଜନକ ବୟାନ ସହ ତୁଳନା କରିଛନ୍ତି। ପାକିସ୍ତାନଠାରୁ ତୁରନ୍ତ ଅଣ-ନାଟୋ ସହଯୋଗୀ ରାଷ୍ଟ୍ର ମାନ୍ୟତା ପ୍ରତ୍ୟାହାର କରିବାକୁ ଆମେରିକା ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହା ସହିତ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶ ଘୋଷଣା, ମୁନୀରଙ୍କ ଭିସା ରଦ୍ଦ ପାଇଁ ବିଚାର କରିବା ଉଚିତ। ଆମେରିକାରେ ରହି ଏଭଳି ମନ୍ତବ୍ୟ ଦେଉଥିବା ମୁନୀରଙ୍କୁ ତୁରନ୍ତ ଦେଶରୁ ବାହାର କରିବାର ଥିଲା ବୋଲି ରୁବିଓ କହିଛନ୍ତି।

## ପୁନଃ ପ୍ରତିଷ୍ଠା ହେବନି ଧରାଲି ଗାଁ

### ସମ୍ବେଦନଶୀଳ ଅଞ୍ଚଳରେ ହେବନି ନୂଆ ନିର୍ମାଣ
### ୪୩ ଜଣ ଏବେ ବି ନିଖୋଜ: ସରକାର

ଡେରାଡୁନ, ୧୨।୮ (ଏଜେନ୍ସି): ବାଦଲ ଫଟା ବର୍ଷା ପରେ ଅଚାନକ ଆସିଥିବା ବନ୍ୟାରେ ଧ୍ୱଂସ ଉତ୍ତରକାଶୀ ଧରାଲି ଗାଁର ପୁନଃ ପ୍ରତିଷ୍ଠା ହେବ ନାହିଁ। ଏହି ଗାଁକୁ ଅନ୍ୟତ୍ର ସ୍ଥାନାନ୍ତର କରିଦିଆଯିବ। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ନଦୀ କୂଳରେ ଏବଂ ଭୂସ୍ଖଳନ ସମ୍ବେଦନଶୀଳ ଅଞ୍ଚଳରେ କୌଣସି ନୂଆ ନିର୍ମାଣ କାର୍ଯ୍ୟ ମଧ୍ୟ କରାଯିବ ନାହିଁ। ଏଭଳି ବିପଜ୍ଜନକ କ୍ଷେତ୍ରରେ ଥିବା ଗାଁକୁ ସୁରକ୍ଷିତ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ସୂଚନା ଅନୁଯାୟୀ ଗତ ୧୦ ବର୍ଷ ମଧ୍ୟରେ ଧରାଲି ତିନି ଥର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଲାଣି। ପ୍ରତି ଥର ଗାଁ ଧ୍ୱଂସ ହୋଇଯାଇଛି। କିନ୍ତୁ ଗ୍ରାମବାସୀ ପୁଣିଥରେ ନୂତନ ଗାଁ ନିର୍ମାଣ କରି ରହିଛନ୍ତି।

ଗତ ୫ ତାରିଖରେ ଦ୍ୱିପହରେ ଧରାଲି ନିକଟସ୍ଥ ପାହାଡ଼ରେ ବାଦଲ ଫଟା ବର୍ଷା ପରେ ଗଙ୍ଗା ନଦୀରେ ବନ୍ୟା ଆସିବା ଯୋଗୁଁ ୩୪ ସେକେଣ୍ଡ ମଧ୍ୟରେ ଧରାଲି ମାଟିରେ ମିଶି ଯାଇଥିଲା। ୭ ଦିନ ବିତି ଯାଇଥିଲେ ମଧ୍ୟ ଗାଁରେ ଏବେ ବି ଲକ୍ଷ ଲକ୍ଷ ଟନ ଅବଶେଷ ଗଦା ହୋଇ ରହିଛି। ସ୍ଥିତି ଏଭଳି ହୋଇଛି ଯେ ପୂର୍ବରୁ ଏଠାରେ କୌଣସି ଜନବସତି ନ ଥିଲା ପରି ଲାଗୁଛି। ଆହୁରି ୪୩ ଲୋକ ନିଖୋଜ ଅଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ତେବେ ୬୦ରୁ ଅଧିକ ଏବେ ବି ନିଖୋଜ ଅଛନ୍ତି ବୋଲି ସ୍ଥାନୀୟ ଅଧିବାସୀ କହିଛନ୍ତି। ଏହା ମଧ୍ୟରେ ବିସ୍ଥାପନ ପାଇଁ ଲୋକଙ୍କ ସହ ଆଲୋଚନା ଆରମ୍ଭ କରାଯାଇଛି ବୋଲି ଅନୁ ସଚିବ ବଂଶୀଧର ତିୱାରୀ କହିଛନ୍ତି। ୮ରୁ ୧୨ କିମି ଦୂର ଲଙ୍କା, କୋପାଙ୍ଗ କିମ୍ବା ଜାଙ୍ଗଲାରେ ଗାଁ ନିର୍ମାଣ କରାଯାଉ ବୋଲି ଲୋକେ ଚାହୁଁଛନ୍ତି। ସେହିପରି ହର୍ଷିଲରେ ଆସିଥିବା ବିପର୍ଯ୍ୟୟରେ ସେନା କ୍ୟାମ୍ପ ଭାସି ଯାଇଛି। ତେଣୁ ନୂଆ କ୍ୟାମ୍ପ ପ୍ରତିଷ୍ଠା ଲାଗି ସେନା ଶ୍ରୀଖଣ୍ଡ ପର୍ବତ ଏବଂ ଏହାର ଆଖପାଖରେ ଥିବା ଗ୍ଲାସିୟର, ହ୍ରଦର ରେକି କରିବ।



ଜଷ୍ଟିସ ବର୍ମାଙ୍କ ଘରୁ ଟଙ୍କା ଜବତ ମାମଲା

## ମହାଭିଯୋଗ ପାଇଁ ୩ ଜଣିଆ କମିଟି ଗଠିତ

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଘରୁ ଟଙ୍କା ଜବତ ମାମଲାରେ ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ତାଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରସ୍ତାବକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର ମଞ୍ଜୁରି ଦେଇଛନ୍ତି। ରବିଶଙ୍କର ପ୍ରସାଦ ଏବଂ ବିରୋଧୀ ନେତାଙ୍କ ସମେତ ମୋଟ ୧୪୬ ସଦସ୍ୟଙ୍କ ପ୍ରସ୍ତାବ ମିଳିଛି ବୋଲି ସେ କହିଛନ୍ତି। ଏଥିରେ ଜଷ୍ଟିସ ବର୍ମାଙ୍କୁ ପଦରୁ ହଟାଇବାକୁ ଦାବି କରାଯାଇଛି। ଏହି ମାମଲାର ଯାଞ୍ଚ ପାଇଁ ବାଚସ୍ପତି ତିନି ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଛନ୍ତି। ଏହି କମିଟିରେ ସୁପ୍ରିମକୋର୍ଟ ବିଚାରପତି ଅରବିନ୍ଦ କୁମାର, ମାଡ୍ରାସ ହାଇକୋର୍ଟ ମୁଖ୍ୟ ବିଚାରପତି ମନିନ୍ଦର ମୋହନ ଶ୍ରୀବାସ୍ତବ ଏବଂ କର୍ଣ୍ଣାଟକ ହାଇକୋର୍ଟର ବରିଷ୍ଠ ଓକିଲ ବିଭି ଆଚାର୍ଯ୍ୟ ସାମିଲ ଅଛନ୍ତି। ଯାଞ୍ଚ କମିଟିର ରିପୋର୍ଟ ଆସିବା ପର୍ଯ୍ୟନ୍ତ ଏହି ମହାଭିଯୋଗ ପ୍ରସ୍ତାବକୁ ସ୍ଥଗିତ ରହିବ।

## ସ୍ୱାଧୀନତା ଦିବସ ପୂର୍ବରୁ ବଡ଼ ଧରଣର ବିସ୍ଫୋରଣ ଯୋଜନା ପଣ୍ଡ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ସ୍ୱାଧୀନତା ଦିବସ ପୂର୍ବରୁ ନୂଆଦିଲ୍ଲୀ ଏବଂ ମଧ୍ୟପ୍ରଦେଶ ଗ୍ୱାଲିୟରରେ ବୋମା ବିସ୍ଫୋରଣ ଯୋଜନାକୁ ରାଜସ୍ଥାନ ପୁଲିସ ପଣ୍ଡ କରିଦେଇଛି। ମୁମ୍ବାଇର ବାବା ସିଦ୍ଦିକି ହତ୍ୟା ମାମଲାର ମାଷ୍ଟରମାଇଣ୍ଡ ଜୀଶାନ ଅଖତରର ନିର୍ଦ୍ଦେଶରେ ଏହି ଷଡ଼ଯନ୍ତ୍ର କରାଯାଇଥିଲା। ସେ କାନାଡ଼ାରୁ ଏହି ନିର୍ଦ୍ଦେଶ ଦେଇଥିଲା। ଏହି ଷଡ଼ଯନ୍ତ୍ର କରିଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଛଅ ଜଣ ସଦସ୍ୟଙ୍କୁ ପୁଲିସ ଗିରଫ କରିଛି। ଏମାଙ୍କ ମଧ୍ୟରେ ତିନି ଜଣ ନାବାଳକ ସାମିଲ ଅଛନ୍ତି। ଏହି ଅଭିଯୁକ୍ତମାନେ ଜୁଲାଇ ୬ରେ ପଞ୍ଜାବରେ ଗ୍ରେନେଡ୍ ବିସ୍ଫୋରଣ କରି ରାଜସ୍ଥାନରେ ବିଭିନ୍ନ ସ୍ଥାନରେ ଲୁଚି ରହିଥିଲେ। ଏହି ଅପରାଧୀ ଅଗଷ୍ଟ ୧୫ରେ ନୂଆଦିଲ୍ଲୀ ଏବଂ ଗ୍ୱାଲିୟରରେ ବୋମା ବିସ୍ଫୋରଣ ଷଡ଼ଯନ୍ତ୍ର କରିଥିଲେ।

## ଆସନ୍ତା ମାସରୁ ଭାରତ-ଚୀନ୍ ମଧ୍ୟରେ ପ୍ରତ୍ୟକ୍ଷ ବିମାନ ସେବା

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଆସନ୍ତା ମାସ ପ୍ରାରମ୍ଭରୁ ଭାରତ ଏବଂ ଚୀନ୍ ପ୍ରତ୍ୟକ୍ଷ ବିମାନ ସେବା ଆରମ୍ଭ ହେବାକୁ ଯାଉଛି। ବ୍ଲୁମବର୍ଗ ରିପୋର୍ଟରେ ଏହି ଦାବି କରାଯାଇଛି। ଏହି ପଦକ୍ଷେପକୁ ଦୁଇ ଦେଶ ମଧ୍ୟରେ ସମ୍ବନ୍ଧର ସୁଧାରର ସଙ୍କେତ ଭାବେ ଦେଖାଯାଉଛି। ରିପୋର୍ଟ ଅନୁଯାୟୀ ଚୀନ୍‌କୁ ତୁରନ୍ତ ଉଡ଼ାଣ ସେବା ଆରମ୍ଭ ପାଇଁ ପ୍ରସ୍ତୁତି କରିବାକୁ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ଭଳି ଏୟାରଲାଇନ୍ସଙ୍କୁ ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି। କରୋନା ସମୟରୁ ଏହି ସେବା ବନ୍ଦ ରହିଥିଲା।

## ବଲୋଚ ବିଦ୍ରୋହୀଙ୍କୁ ଆତଙ୍କବାଦୀ ଘୋଷଣା କଲା ଆମେରିକା

ୱାଶିଂଟନ, ୧୨।୮ (ଏଜେନ୍ସି): ପାକିସ୍ତାନ ସହ ଆମେରିକା ସମ୍ବନ୍ଧ ବଢ଼ାଇ ଚାଲିଛି। ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଏକ ନିଷ୍ପତ୍ତିରୁ ଏହାର ଆଭାସ ମିଳିଛି। ଆମେରିକା ଗୃହ ବିଭାଗ ସୋମବାର ପାକିସ୍ତାନର ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ବଲୋଚ ଲିବରେସନ ଆର୍ମୀ (ବିଏଲଏ) ତଥା ମାଜିଦ ବ୍ରିଗେଡକୁ ବିଦେଶୀ ଆତଙ୍କବାଦୀ ସଂଗଠନ ଘୋଷଣା କରିଛି। ଏହା ୱାଶିଂଟନର ଆତଙ୍କବାଦୀ ବିରୋଧୀ ଲଢେଇକୁ ଦର୍ଶାଉଛି ବୋଲି କୁହାଯାଇଛି। ବିଏଲଏ ପାକିସ୍ତାନ ସରକାର ଏବଂ ସେନାର ମୁଣ୍ଡବିନ୍ଧା ସୃଷ୍ଟି କରିଛି। ଏହି ସଂଗଠନ ବଲୋଚିସ୍ତାନର ସ୍ୱାଧୀନତା ପାଇଁ ଲଢେଇ କରୁଛି।

## ଝିଅ ଜନ୍ମ ହେବାରୁ ୨୧ ଗାଁକୁ ଭୋଜିଦେଲେ ବାପା

ଜିନ୍ଦ, ୧୨।୮ (ଏଜେନ୍ସି): ଘରେ ଝିଅ ଜନ୍ମ ହେବାରୁ ହରିୟାଣା ଜିନ୍ଦର ଥୁଆ ଗ୍ରାମର ଏକ ପରିବାରରେ ଖୁସିର ଲହରୀ ଖେଳି ଯାଇଛି। ଘରକୁ ଲକ୍ଷ୍ମୀ ଆସିଥିବା ଖୁସିରେ ବାପାମାଆ ଭବ୍ୟ ଆୟୋଜନ କରିଛନ୍ତି। ଏହା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। କେବଳ ଗାଁ ନୁହେଁ, ଆଖପାଖର ୨୧ ଖଣ୍ଡ ଗାଁକୁ ଦମ୍ପତି ଭୋଜି ଦେଇଛନ୍ତି। ୨୪ ଗାଁର ମୁଖ୍ୟଙ୍କ ସହିତ ୮ ହଜାରରୁ ଅଧିକ ଲୋକ ଭୋଜି ଖାଇ ଶିଶୁକନ୍ୟାକୁ ଆଶୀର୍ବାଦ କରିଛନ୍ତି। ଶିଶୁକନ୍ୟାର ବାପା ସୁରେନ୍ଦ୍ର କାଲିରମଣ ସମାଜକୁ ବଡ଼ ବାର୍ତ୍ତା ଦେଇଛନ୍ତି। ପୁଅ ଏବଂ ଝିଅ ଉଭୟେ ସମାନ ବୋଲି କହିଛନ୍ତି। ସୂଚନା ଅନୁଯାୟୀ ଦୀର୍ଘ ୧୯ ବର୍ଷ ପରେ କାଲିରମଣ ବାପା ହୋଇଛନ୍ତି।

## ସୁପ୍ରିମକୋର୍ଟଙ୍କ 'ବୁଲା କୁକୁର' ନିର୍ଦ୍ଦେଶକୁ ତୀବ୍ର ବିରୋଧ

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରୁ ସବୁ ବୁଲା କୁକୁରଙ୍କୁ ହଟାଇବା ପାଇଁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ, ପୂର୍ବତନ ବିଜେପି ସାଂସଦ ମେନକା ଗାନ୍ଧୀଙ୍କ ସହିତ ଜାହ୍ନବୀ କପୁର, ବରୁଣ ଧାୱନ, ଜନ୍ ଆବ୍ରାହାମ, ମଲାଇକା ଆରୋରା ଏବଂ କ୍ରିକେଟର ରୋହିତ ଶର୍ମାଙ୍କ ପତ୍ନୀ ରିତିକା ସାଜଦେ ପ୍ରମୁଖ ବିରୋଧ କରିଛନ୍ତି। ନିରୀହ ପଶୁ କୌଣସି ସମସ୍ୟା ନୁହଁନ୍ତି ଏବଂ କୁକୁରଙ୍କୁ ହଟାଇବା କ୍ରୁରତା ବୋଲି ରାହୁଲ କହିଛନ୍ତି। ମେନକା କହିଛନ୍ତି ଯେ ପ୍ୟାରିସ ସରକାର ବି ଦିନ ଏଭଳି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସ୍ଥିତି ବିଗିଡ଼ା ମୂଷା ଉତ୍ପାତ ଆରମ୍ଭ କରିବାରୁ ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯାଇଥିଲା। ସେହିପରି ଜାହ୍ନବୀଙ୍କ ଅନୁଯାୟୀ ସୁପ୍ରିମକୋର୍ଟଙ୍କ ପାଇଁ କୁକୁର ବିପଦ, କିନ୍ତୁ ଆମେ ହୃତ୍‌ସ୍ପନ୍ଦନ। କୁକୁରଙ୍କୁ ଦଣ୍ଡ ଦେବା ବଦଳରେ କାମୁଡା ରୋକିବା ପାଇଁ ଉଚିତ ବ୍ୟବସ୍ଥା କରିବା ଉଚିତ। ଏ ନେଇ ଜନ୍ ଆବ୍ରାହାମ ସିଜେଆଇଙ୍କୁ ଚିଠି ଲେଖିଛନ୍ତି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ବିରୋଧରେ ବିକ୍ଷୋଭ କରୁଥିବା ୪୦ ଜଣଙ୍କୁ ମଙ୍ଗଳବାର ଦିଲ୍ଲୀ ପୁଲିସ ଗିରଫ କରିଛି।



# ଖବରକାଗଜରୁ ବଢ଼େ ଜ୍ଞାନ

ଖବରକାଗଜ ପଢ଼ିବା ଏକ ଭଲ ଅଭ୍ୟାସ । ତେଣୁ ପିଲାଙ୍କୁ ସବୁଦିନ ଖବରକାଗଜ ପଢ଼ିବା ପାଇଁ କୁହାଯାଏ । ହେଲେ ଆଜିକାଲି ଯୁବପିଢ଼ି ଖବରକାଗଜ ପଢ଼ା ଉପରେ ସେତେ ବେଶି ଗୁରୁତ୍ୱ ଦେଉ ନାହାନ୍ତି । ତେବେ ଖବରକାଗଜ ପଢ଼ିଲେ ଜ୍ଞାନ ବୃଦ୍ଧି ପାଏ । କାରଣ ଏଥିରୁ ଦେଶ ଦୁନିଆର ଘଟଣା ସମ୍ପର୍କରେ ସବୁ ପ୍ରକାର ତଥ୍ୟ ମିଳିଥାଏ । ସବୁ ପ୍ରସଙ୍ଗ ଉପରେ ନଜର ରହେ । ଖବରକାଗଜରେ ରାଜନୀତି, ଖେଳ, ବିଜ୍ଞାନ, କଳା ଏବଂ ଅନ୍ୟ ବିଷୟ ସହିତ ଜଡ଼ିତ ଖବର ଥାଏ । ତେଣୁ ଏହାକୁ ପଢ଼ିବା ଦ୍ୱାରା ଜ୍ଞାନର ବିକାଶହୁଏ ।



କେବଳ ସେତିକି ନୁହେଁ, ଖବରକାଗଜରୁ ଅନେକ ନୂଆ ଶବ୍ଦ ମଧ୍ୟ ଶିଖିବାକୁ ମିଳେ । ଭାଷା ଓ କଥା କହିବା ଶୈଳୀରେ ଉନ୍ନତି ଆସେ । ସେହିପରି କୌଣସି ଖବରକୁ ବୁଝିବା, ଅଲଗା ଅଲଗା କଥା ଚିନ୍ତା କରିବା ଏବଂ ତାହାର ବିଶ୍ଳେଷଣ କରିବା ଦ୍ୱାରା ମସ୍ତିଷ୍କ ସକ୍ରିୟ ହୁଏ । ଏହାବାଦ୍ ସବୁ ପ୍ରକାର ପ୍ରସଙ୍ଗ ଜାଣିଥିଲେ ବିଭିନ୍ନ ଆଲୋଚନାରେ ସାମିଲ ହେବା ବି ସହଜ ହୁଏ । ପ୍ରତିଯୋଗିତା ମୂଳକ ପରୀକ୍ଷା ତଥା ସାକ୍ଷାତକାରରେ ପଚାରଯାଉଥିବା ସାଧାରଣ ଜ୍ଞାନର ପ୍ରଶ୍ନର ଉତ୍ତର ରଖିବା ସହଜ ହୁଏ । ଅନ୍ୟପଟେ ଖବରକାଗଜରେ କୌଣସି ପ୍ରସଙ୍ଗ ଉପରେ ଅନେକ ଲୋକଙ୍କ ମତାମତ ପ୍ରକାଶ ପାଇଥାଏ । ଫଳରେ କୌଣସି କଥାକୁ ବିଭିନ୍ନ ଦୃଷ୍ଟିକୋଣରୁ ଜାଣିବା ସାହାଯ୍ୟ ହୁଏ । ଅନ୍ୟପକ୍ଷରେ ଖବରକାଗଜରେ ପ୍ରକାଶିତ ଭଲ ଖବର ଏବଂ ଲୋକଙ୍କ ସଫଳତା କାହାଣୀ ପଢ଼ିଲେ ପ୍ରେରଣା ମିଳେ । ମନରେ ସକାରାତ୍ମକ ଚିନ୍ତାଧାରା ଆସେ ।

# କ୍ୟାରିୟରକୁ ପ୍ରଭାବିତ କରେ ୯-୯-୬ କାର୍ଯ୍ୟସୂଚୀ



ଏବେ ଚାରିଆଡ଼େ ୱାର୍କ ଲାଇଫ୍ ବାଲାନ୍ସ ଚର୍ଚ୍ଚାର ବିଷୟ ପାଲଟିଛି । ୯-୯-୬ ୱାର୍କ ସିଡ୍ୟୁଲ ବା କାର୍ଯ୍ୟସୂଚୀରେ କର୍ମଚାରୀଙ୍କୁ ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ କାମ କରିବାକୁ ହୋଇଥାଏ । ଏହାର ଅର୍ଥ ହେଉଛି ଜଣେ କର୍ମଚାରୀଙ୍କୁ ସପ୍ତାହରେ ୭୨ ଘଣ୍ଟା କାମ କରିବାକୁ ହୋଇଥାଏ । ଯାହାକି ସାଧାରଣତଃ ୪୦-୪୪ ଘଣ୍ଟା କାର୍ଯ୍ୟ ସପ୍ତାହରୁ ଖୁବ୍ ଅଧିକ । ଅବଶ୍ୟ ଏହି ସିଡ୍ୟୁଲ ଚୀନ୍ ଟେକ୍ କମ୍ପାନିରେ ଖୁବ୍ ଲୋକପ୍ରିୟ ଥିଲା । ଯାହାକୁ ଏବେ ଆମେରିକା ଆପଣାଇବାକୁ ଯାଉଛି । ହେଲେ ଏହା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ଅଧିକାରକୁ ଉଲ୍ଲଘଂନ କରିବାରୁ ଚୀନ ସରକାର ଏହାକୁ ଅବୈଧ ବୋଲି ଘୋଷଣା କଲେ । ତେବେ ଏହି କାର୍ଯ୍ୟ ପ୍ରଣାଳି କ୍ୟାରିୟରକୁ କିଭଳି ଭାବେ ପ୍ରଭାବିତ କରିଥାଏ, ସେ ସମ୍ପର୍କରେ ଜାଣିବା ।

**ଅବସାଦ:** ଲଗାତାର ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରିବା ଦ୍ୱାରା କର୍ମଚାରୀ ଶାରୀରିକ ଏବଂ ମାନସିକ ଭାବେ ଥକ୍କି ପଡ଼ନ୍ତି । ଫଳରେ ଏହା ଅବସାଦ, ଥକ୍କାପଣ ଏବଂ ବର୍ଣ୍ଣଆଉଟ୍‌ର କାରଣ ହୋଇଥାଏ ।

**ଖରାପ ୱାର୍କ ଲାଇଫ୍ ବାଲାନ୍ସ:** ଏହି କାର୍ଯ୍ୟସୂଚୀରେ କାମ କରିବା ଦ୍ୱାରା ବ୍ୟକ୍ତିଗତ ଜୀବନକୁ କମ୍ ସମୟ ମିଳିଥାଏ । ପରିବାର, ସାଙ୍ଗସାଥୀ ଏବଂ ନିଜ ପାଇଁ ସମୟ ବାହାର କରିବାରେ ସମସ୍ୟା ହୁଏ । ଫଳରେ ଏକାକୀତ୍ୱର ଭାବନା ମନକୁ ଆସେ ।

**ସ୍ୱାସ୍ଥ୍ୟ ସମସ୍ୟା:** ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ କାମ କରିବାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ବି ପଡ଼ିଥାଏ । ନିଦ୍ରାଭାବ, ଖାଦ୍ୟପାନୀୟର ଖରାପ ଅଭ୍ୟାସ ଏବଂ ଲଗାତାର ବସି ରହିବା ଦ୍ୱାରା ହୃଦ୍‌ରୋଗ, ମେଦବହୁଳତା ଏବଂ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବାର ଆଶଙ୍କା ବେଶି ।

**କାର୍ଯ୍ୟ ଦକ୍ଷତା ହ୍ରାସ ପାଏ:** ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ରହି କାମ କରିବା ଦ୍ୱାରା ମନରେ କିଛି ନୂଆ ଚିନ୍ତାଧାରା ଆସେ ନାହିଁ । ଥକ୍କା ଲାଗେ । କର୍ମଚାରୀଙ୍କ ଉତ୍ପାଦନ କ୍ଷମତା ବାସ୍ତବରେ କମ୍ ହୋଇଥାଏ । ଦୀର୍ଘ ସମୟ କାମ କରିବା ଦ୍ୱାରା କାମରେ ବେଶି ଭୁଲ ହୁଏ ନାହିଁ ଏବଂ ସୃଜନାତ୍ମକ ଜ୍ଞାନ କୌଶଳ ହ୍ରାସ ପାଏ ।

# ନିଯୁକ୍ତି ଲାଗି ଜରୁରି ଦକ୍ଷତା

ସମୟ ସହିତ ନିଯୁକ୍ତି ବଜାରରେ ପରିବର୍ତ୍ତନ ଆସୁଛି । ଏବେ କେବଳ ଡିଗ୍ରୀ ଥିଲେ ଚାକିରି ମିଳିବ ତାହା ନୁହେଁ । ବର୍ତ୍ତମାନର ଆଧୁନିକ ଯୁଗରେ ପ୍ରତ୍ୟେକ କ୍ଷେତ୍ରରେ ଟେକ୍ନୋଲୋଜିର ବିକାଶ ହେଉଛି । ତେଣୁ ଉଚ୍ଚଶିକ୍ଷା ପରେ ନିଜ ପାଖରେ କିଛି କୌଶଳ ତଥା ଦକ୍ଷତା ରହିବା ବି ଜରୁରି ହୋଇ ପଡ଼ିଛି ।



**ରିୟଲ ୱାର୍ଲ୍ଡ ସ୍କିଲ୍:** ଉଚ୍ଚଶିକ୍ଷା ପରେ ଅଧିକାଂଶ ଯୁବପିଢ଼ିଙ୍କ ପାଖରେ ରିୟଲ ୱାର୍ଲ୍ଡ ସ୍କିଲର ଅଭାବ ଦେଖା ଦେଇଥାଏ । ଏହି କାରଣ ଯୋଗୁଁ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଚାକିରି ଲାଗି ପ୍ରସ୍ତୁତ ହୋଇ ପାରି ନ ଥାନ୍ତି । ତେବେ ଏ ଲାଗି ସେମାନେ ଇଣ୍ଟର୍ଣ୍ଣସିପ୍, ପାର୍ଟଟାଇମ୍ ଚାକିରି ଆଦି ମାଧ୍ୟମରେ ଏହି କୌଶଳକୁ ନିଜ ଭିତରେ ବିକଶିତ କରିପାରିବେ । ଏହା ଦ୍ୱାରା କାମ କରିବାର ଅଭିଜ୍ଞତା ସହିତ କମ୍ୟୁନିକେସନ ସ୍କିଲ୍, ଟିମ୍ ୱାର୍କ, ସମସ୍ୟା ସମାଧାନ ଏବଂ ଅନୁକୂଳ ପରିସ୍ଥିତିରେ କିଭଳି କାମ କରାଯାଏ, ସେ କଥା ଜାଣି ହୁଏ । ଏହା ଦ୍ୱାରା ଚାକିରି ମିଳିବା ସହଜ ହୁଏ ।


**ଗ୍ଲୋବାଲ ମାଇଣ୍ଡସେଟ୍:** ଆଜିର ସମୟରେ ଭଲ ପ୍ୟାକେଜ୍‌ର ଚାକିରି ପାଇବା ଲାଗି ଗ୍ଲୋବାଲ ମାଇଣ୍ଡସେଟ୍ ନିହାତି ଜରୁରି । ଏହି କୌଶଳ ଦ୍ୱାରା ଦେଶ ଦୁନିଆର ବିଭିନ୍ନ କ୍ଷେତ୍ର ସହିତ ସମ୍ବନ୍ଧ ଥିବା ବ୍ୟକ୍ତି ବିଶେଷ ଏବଂ ଅଲଗା ଅଲଗା ସଂସ୍ଥାନ ମାଧ୍ୟମରେ ଯୋଡ଼ି ହୋଇ ଏହି କୌଶଳ ଶିଖିପାରିବେ । ତେବେ ଏ ଲାଗି ନିଜ ଭିତରେ ଜିନିଷକୁ ବୁଝିବା ଓ ଜାଣିବାର ଇଚ୍ଛା ରହିବା ଦରକାର ।

**ଇଣ୍ଟରଆକ୍ସନ୍ ସ୍କିଲ୍:** ଭଲ ଚାକିରିଟିଏ ପାଇବା ପାଇଁ ଯେକୌଣସି ବ୍ୟକ୍ତିଙ୍କ ପାଖରେ ଉତ୍ତମ କମ୍ୟୁନିକେସନ ସ୍କିଲ୍ ରହିବା ଦରକାର । ଏହା ଦ୍ୱାରା ନିଜ କଥାକୁ ଅନ୍ୟ ସାମ୍ନାରେ ରଖିବା କେବଳ ସହଜ ହୋଇ ନ ଥାଏ, ବରଂ ଲୋକଙ୍କ ସହ ମିଶିବା, ସମ୍ପର୍କ ସୃଷ୍ଟି କରିବା, ଭରସା ଜିତିବା, ୱାର୍କ କଲଚର ସହିତ ଭଲ ଭାବେ କାମ କରିବାରେ ସାହାଯ୍ୟ ମିଳେ ।

**ଏଆଇ ସ୍କିଲ୍:** ଆଜିର ଆଧୁନିକ ଯୁଗରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବିକାଶ ଦ୍ରୁତ ଗତିରେ ହେଉଛି । ଅଧିକାଂଶ କ୍ଷେତ୍ରରେ ଏଆଇର ପ୍ରବେଶ ରହିଲାଣି । ଏଭଳି ସ୍ଥିତିରେ ଭଲ ବେତନରେ ଚାକିରି ହାସଲ କରିବା ଲାଗି ନିଜ ଭିତରେ ଏଆଇ ସ୍କିଲ ରହିବା ନିହାତି ଜରୁରି ।

**ଟେକ୍ନୋଲୋଜି ସ୍କିଲ୍:** ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସହିତ ଟେକ୍ନୋଲୋଜିର ଜ୍ଞାନ କୌଶଳ ରହିବା ଜରୁରି । ଏହା ଭଲ ବେତନଯୁକ୍ତ ଚାକିରି ପ୍ରଦାନ କରିବାରେ ସାହାଯ୍ୟ କରେ ।

# କ୍ରସ୍ ୱାର୍ଡ ପଜଲ୍ ଅଭ୍ୟାସ





**Across**
3. Oldest 1st born
4. Oldest child
5. Day
7. Maiden name
8. Surname
10. Grandad
11. Years
12. Youngest child
13. Nanny
16. Type
17. Month

**Down**
1. Youngest 1st born
2. Oldest 2nd born
6. Youngest 2nd born
9. Youngest husband
14. Oldest wife
15. All you need is

# ବିନା ଡିଗ୍ରୀରେ ସଫଳତା

ଦୃଢ଼ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ଥିଲେ ସବୁ କିଛି କରିବା ସମ୍ଭବ । ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ଆନ୍ଧ୍ର ପ୍ରଦେଶର ସୁଧୀର ଅନଭେସ ।



ସୁଧୀର ବିନା କୌଣସି ଡିଗ୍ରୀ ତଥା ଡିପ୍ଲୋମାରେ ଏମିତି ଏକ ଗାଡ଼ି ବିକଶିତ କରିଛନ୍ତି, ଯାହାକି ଚାରିଆଡ଼ୁ ଚର୍ଚ୍ଚା ସାଉଁଟୁଛି । ସୁଧୀର ଆଡଜଷ୍ଟେବଲ ଗାଡ଼ି ଜିପ୍ ଷ୍ଟାଇଲ୍‌ରେ ତିଆରି କରିଛନ୍ତି । ଯାହାକି ବିନା କୌଣସି ବ୍ୟାଟେରି ତଥା ହାଇଡ୍ରୋଲିକ୍ ସିଷ୍ଟମରେ ପରିଚାଳିତ ହୋଇଥାଏ ।

ସୁଧୀରଙ୍କର ଇଞ୍ଜିନିୟରିଂରେ ରୁଚି ଥିବା ସତ୍ତ୍ୱେ ତାଙ୍କ ବାପାଙ୍କ ମୃତ୍ୟୁ ପରେ ସେ ଏ କ୍ଷେତ୍ରରେ ଶିକ୍ଷା ଲାଭ କରିପାରିଲେ ନାହିଁ । ୨୦୧୪ରେ ସେ ଗୋଟିଏ କମ୍ପ୍ୟୁଟର କୋର୍ସ ପୂରା କଲେ । ପରେ ଚାକିରି ପାଇଁ ହାଇଦ୍ରାବାଦ ଆସିଲେ । ହାଇଦ୍ରାବାଦ୍ ଏବଂ ବେଙ୍ଗାଲୁରୁରେ କାମ କରିବା ବେଳେ ସୁଧୀରଙ୍କୁ ବହୁତ ଟ୍ରାଫିକ୍‌ର ସାମ୍ନା କରିବାକୁ ପଡ଼ିଥିଲା । ଏହା ହିଁ ତାଙ୍କୁ ଏଭଳି ଏକ ଗାଡ଼ି ତିଆରି କରିବା ଦିଗରେ ପ୍ରେରିତ କଲା । ସେ ଦେଖିଲେ ବାଇକ୍, କାର୍ ଟ୍ରାଫିକ୍‌ରେ ଫସି ରହୁଛି । ତେଣୁ କାର୍ ଓ ବାଇକ୍ ମଝିରେ ଯିବା ଭଳି ଗାଡ଼ି ତିଆରି ଉପରେ ବିଚାର କଲେ ଏବଂ ସେଥିରେ ସଫଳ ବି ହେଲେ ।

ତାଙ୍କ ଗାଡ଼ିର ନାଁ ମେଲଚି ଜେଡକ । ଏହା ବିଏମ୍‌ଡବ୍ଲୁ ଶୈଳୀ ସହିତ ମେଳ ଖାଉଛି । ସୁଧୀର ଏକ ଚାରି ସିଟ୍‌ର ଜିପ୍ ମଡେଲ ଚୟନ କରିଛନ୍ତି । ଯାହା ବାଇକ୍ ଭଳି ସଙ୍କୁଚିତ ହୋଇ କାମ କରିପାରେ । ଏହାଦ୍ୱାରା ଟ୍ରାଫିକ୍ ଜାମ୍‌ରେ ବି ସହଜରେ ଯାଇପାରିବ । ସେହିପରି ଗହଳି ସ୍ଥାନରେ ଏହାକୁ ଜଣେ ଚଳାଇଲେ ଏହାକୁ ବାଇକ୍ ଭଳି ଛୋଟ କରିକି ସହଜରେ ଆଗକୁ ବଢ଼ାଇପାରିବେ । ତାଙ୍କର ଲକ୍ଷ୍ୟ ହେଉଛି ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ୍ ଭଳି ବ୍ୟସ୍ତ ସହରରେ ଟ୍ରାଫିକ୍ ସମସ୍ୟାର ସମାଧାନ କରିବା ।

ଅନ୍ୟପଟେ ତାଙ୍କ ଗାଡ଼ିରରେ ଦୁଇଟି ଫୋଲଡେବଲ ସିଟ୍ ଅଛି । ଯାହାକୁ ଖୋଲିଲେ ଚାରିଟି ସିଟ୍ ହୋଇପାରିବ । ଗୋଟିଏ ଚାଳକଙ୍କ ଲାଗି ଏବଂ ଅନ୍ୟ ତିନିଟି ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ । ତେବେ ତାଙ୍କର ଆଡଜଷ୍ଟେବଲ ଗାଡ଼ି ଜିପ୍ ଡିଜାଇନ୍‌ରେ ହିଁ ନିର୍ମିତ । ଏହାର କ୍ଷମତା ୧.୫ ଟନ । ଗାଡ଼ିର ଓଜନ ୪୧୦ କିଲୋଗ୍ରାମ । ସୁଧୀର ଇଞ୍ଜିନ, ଟାୟାର, ବ୍ୟାଟେରି, ହାଇଡ୍ରୋଲିକ୍ ସିଷ୍ଟମ, ମେଟାଲ ବଡ଼ି, ପେଣ୍ଟ, ସିଟ୍, ଷ୍ଟିୟରିଂ ଏବଂ ବ୍ରେକିଂ ସିଷ୍ଟମ ଆଦି ପାଇଁ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି ।

# ଏଆଇ ପରାମର୍ଶଦାତା



ଆଜିକାଲି ଅନେକ ଲୋକ ମଣିଷ ଅପେକ୍ଷା କୃତ୍ରିମ ବୁଦ୍ଧିମତାର ପରାମର୍ଶ ନେଉଛନ୍ତି । ତେଣୁ ଏହା ଲୋକଙ୍କ ପାଇଁ ପରାମର୍ଶଦାତା ଭାବେ ଏକପ୍ରକାର କାର୍ଯ୍ୟ କରୁଛି । ତେବେ ଏବେ ଏଆଇ ପରାମର୍ଶ ଲୋକେ କାହିଁକି ନେଉଛନ୍ତି, ତାହା ପଛରେ ବି କାରଣ ଅଛି । ଏଆଇ ଚାଟ୍‌ବଟ୍ ୨୪ ଘଣ୍ଟା ଉପଲବ୍ଧ । ଏଥିରେ ଲୋକଙ୍କୁ ଉତ୍ତର ପାଇଁ ଅପେକ୍ଷା କରିବାକୁ ପଡ଼ି ନ ଥାଏ । ଯେତେବେଳେ ପରାମର୍ଶ ଦରକାର ହୁଏ, ଏଆଇ ତୁରନ୍ତ ହାଜିର ହୋଇଥାଏ । ଏଆଇକୁ ଏକାଧିକ ଡାଟା ଦ୍ୱାରା ପ୍ରଶିକ୍ଷିତ କରାଯାଇ ଥାଏ । ତେଣୁ ଏହା ପାଖରେ ଅଧିକ ତଥ୍ୟ ଥାଏ । ପାଖରେ କୌଣସି ବ୍ୟକ୍ତି ନ ଥିଲେ, ଏହା କୌଣସି ବିଷୟ ଉପରେ ତଥ୍ୟ ପ୍ରଦାନ କରିଥାଏ । ମଣିଷ ବେଳେବେଳେ ନିଜ ଚିନ୍ତାଧାରା ଓ ଭାବନା ଯୋଗୁଁ ଭେଦଭାବ କରିପାରେ । ହେଲେ ଏଆଇ ଏଭଳି କରି ନ ଥାଏ । ଏଆଇ ହେଉଛି ଏକ ମେସିନ୍ । ତେଣୁ ଏଆଇ ବାରମ୍ବାର ଗୋଟିଏ ପ୍ରଶ୍ନର ଉତ୍ତର ଦେବାରେ ଥକ୍କି ନ ଥାଏ କିମ୍ବା ବିରକ୍ତି ହୋଇ ନ ଥାଏ । ଏ କ୍ଷେତ୍ରରେ ମଣିଷ କିନ୍ତୁ ଥକି ପଡ଼େ ନଚେତ ଭୁଲ୍ ବି କରିପାରେ ।

# ହ୍ୱାଟ୍ସଆପ୍‌ର 'ଲେ ଆଉଟ୍ ଫିଚର୍'

ବିଭିନ୍ନ ସମୟରେ ହ୍ୱାଟ୍ସଆପ୍ ତା' ବ୍ୟବହାରକାରୀଙ୍କ ଲାଗି ନୂଆ ନୂଆ ଫିଚର୍ ଆଣିଥାଏ । ଏହି କ୍ରମରେ ଏବେ ଏଥିରେ ସାମିଲ ହେବାକୁ ଯାଉଛି 'ଲେ ଆଉଟ୍ ଫିଚର୍ ।' ଏହି ଫିଚର୍ ମାଧ୍ୟମରେ ବ୍ୟବହାରକାରୀ ହ୍ୱାଟ୍ସଆପ୍‌ରେ ସହଜରେ କୋଲାଜ ତିଆରି କରିପାରିବେ । ଗୋଟିଏ ଫଟୋକୁ ଚୟନ କରି ନିଜ ପସନ୍ଦର ଲେ ଆଉଟ୍ ଲଗାଇ ତାହାକୁ ସେୟାର୍ କରିପାରିବେ । ଏହା ମାଧ୍ୟମରେ ବ୍ୟବହାରକାରୀ ଇନଷ୍ଟାଗ୍ରାମ୍ ଷ୍ଟୋରି ଷ୍ଟାଇଲ୍‌ରେ ନିଜର ବିଶେଷ ଫଟୋକୁ ସିଧା ହ୍ୱାଟ୍ସଆପ୍‌ରେ ସେୟାର୍ କରିପାରିବେ । ତେବେ ଏହି ଫଟୋ ଷ୍ଟିକର ଅପଡେଟ୍ ସମ୍ପୂର୍ଣ୍ଣ ଇନଷ୍ଟାଗ୍ରାମ୍ ଫିଚର୍ ଭଳି ଲାଗିବ । ସେହିପରି ଏହି ଫିଚର ମାଧ୍ୟମରେ ଫଟୋକୁ ରିସାଇଜ୍, କ୍ରପ୍ ଏବଂ ତାହାର ଆକାର ବଦଳାଇ ହେବ । ଏହାସହ ଏଡିଟ୍ କରାଯାଇଥିବା ଫଟୋକୁ ହ୍ୱାଟ୍ସଆପ୍ ଷ୍ଟାଟସ୍ ଅପଡେଟ୍‌ରେ ସେୟାର୍ କରିପାରିବେ ।



## ୟୁଏଇରେ ଏସିଆ କପ୍ ଟି-୨୦ ସେପ୍ଟେମ୍ବର ୯ରୁ ୨୮

# ଖେଳାଳି ଚୟନ ନେଇ ଦ୍ୱନ୍ଦ୍ୱରେ ଭାରତ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ରୋମାଞ୍ଚକ ଟେଷ୍ଟ ସିରିଜ୍ ଡ୍ର ରହିବା ପରେ ଭାରତର ପରବର୍ତ୍ତୀ କ୍ରିକେଟ କାର୍ଯ୍ୟକ୍ରମ ଏସିଆ କପ୍‌ରୁ ଆରମ୍ଭ ହେବ। ଆସନ୍ତାବର୍ଷ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଟି-୨୦ ବିଶ୍ୱକପ୍ ଆୟୋଜନ କରୁଥିବାରୁ ଏଥର ଏସିଆ କପ୍‌କୁ ଟି-୨୦ ଫର୍ମାଟରେ ଆୟୋଜନ କରିବାକୁ ଏସୀୟ କ୍ରିକେଟ ପରିଷଦ ନିଷ୍ପତ୍ତି ନେଇଛି। ଏହା ଫଳରେ ପ୍ରତିଭାରେ ଭରପୁର ଭାରତୀୟ କ୍ରିକେଟ ଦଳ ଟି-୨୦ ଫର୍ମାଟରେ ଖେଳାଳି ଚୟନ ନେଇ ଦ୍ୱନ୍ଦ୍ୱରେ ପଡ଼ିଛି। ଅଜିତ ଅଗରକରଙ୍କ ଅଧ୍ୟକ୍ଷତାରେ ଗଠିତ ସିନିଅର ଚୟନ କମିଟି ଦଳ ଚୟନ ନେଇ ସମସ୍ତ ଦିଗ ପ୍ରତି ଦୃଷ୍ଟି ଦେଉଥିବାରୁ ଏଭଳି ଦ୍ୱନ୍ଦ୍ୱ ସୃଷ୍ଟି ହେବା ସ୍ୱାଭାବିକ୍। ଏସିଆ କପ୍ ଲାଗି ଭାରତୀୟ ଦଳ କେବେ ଘୋଷଣା କରାଯିବ ତାହା ବିସିସିଆଇ ଏଯାଏ ପ୍ରକାଶ କରି ନାହିଁ। ସେପ୍ଟେମ୍ବର ୯ରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଥିବାରୁ ଅତିକମ୍‌ରେ ୧୫ ଦିନ ଆଗରୁ ଭାରତୀୟ ଦଳ ଘୋଷଣା କରାଯିବ ବୋଲି ବିଶ୍ୱାସ କରାଯାଉଛି। ପୂର୍ବ ଟୁର୍ଣ୍ଣାମେଣ୍ଟ ଭଳି ଦଳରେ ୧୫ଜଣ ଖେଳାଳି ଓ ଆଉ କିଛି ରିଜର୍ଭ ଖେଳାଳିଙ୍କ ନାମ ଚୟନ କରାଯିବ। କିନ୍ତୁ ଚୟନ କମିଟି କିଛି ଚିନ୍ତା କରିବା ପୂର୍ବରୁ ଭାରତୀୟ ଗଣମାଧ୍ୟମ ବିଭିନ୍ନ ରିପୋର୍ଟ ପ୍ରକାଶ କରି ସମର୍ଥକଙ୍କୁ ସତେଜ କରି ରଖିଛି। ସେହିପରି ସମର୍ଥକମାନେ ମଧ୍ୟ ସାମାଜିକ ଗଣମାଧ୍ୟମରେ ସେମାନଙ୍କ ପସନ୍ଦର ଖେଳାଳିଙ୍କୁ ନେଇ ରିପୋର୍ଟମାନ ପ୍ରକାଶ କରୁଛନ୍ତି। ଏହା ମଧ୍ୟରେ କେଉଁ ଖେଳାଳି ଦଳରେ ସ୍ଥାନ ପାଇବେ କିମ୍ବା ନ ପାଇବେ ତାହାକୁ ନେଇ ସମର୍ଥକଙ୍କ ମନରେ ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ୍। କିନ୍ତୁ ଚୟନକର୍ତ୍ତା ଯେ ଦୃଢ଼ତାର ସହ ଦଳ ଚୟନ କରିବେ ଏଥିରେ ସନ୍ଦେହର ଅବକାଶ ନାହିଁ।

୨୦୨୫-୨୬ ସିଜନରେ ଭାରତ ଏକାଧିକ ସୀମିତ ଓଭର ସିରିଜ୍ ଓ ଟୁର୍ଣ୍ଣାମେଣ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏଣୁ ଏହି ଲମ୍ବା ସିରିଜ୍‌ରେ ସମସ୍ତ ଖେଳାଳି ଫିଟ୍ ରହିବା ସମ୍ଭବ ନୁହେଁ। ଏଣୁ ଯେଉଁ କେତେକ ଖେଳାଳି ଆଶାୟୀ ଅଛନ୍ତି ସେମାନଙ୍କୁ ଫିଟ୍ ରହିବା ଲାଗି ବିସିସିଆଇ ସମସ୍ତ ପ୍ରକାର ଚେଷ୍ଟା ଚଳାଇଛି। ବର୍ତ୍ତମାନ ଅନ୍‌ଫିଟ୍ ଖେଳାଳିମାନଙ୍କୁ ଫିଟ କରାଇବା ଲାଗି ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ପ୍ରଶିକ୍ଷଣ ଦିଆଯାଉଛି। ଯାହା ଫଳରେ ଭାରତ ଦିନିକିଆ ଓ ଟି-୨୦ ଲାଗି ଅଲଗା ଅଲଗା ଦଳ ଗଠନ କରିବ ବୋଲି ସ୍ପଷ୍ଟ ହୋଇଛି। ଦିନିକିଆ କ୍ରିକେଟ ଫର୍ମାଟରୁ ଅବସର ନେଇ ନ ଥିବା ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ନେଇ ଅଧିକ ଅଡୁଆ ବଢୁଛି। ଏହା ଫଳରେ ଚୟନ କମିଟି କାହାକୁ ଖୁସି କରିବେ ବା କାହାକୁ ଦଳରେ ନେବେ ତାହା କଷ୍ଟକର ବ୍ୟାପାର। ଏବେ ଏସିଆ କପ ଟି-୨୦ ଫର୍ମାଟରେ ଖେଳାଯାଉଥିବାରୁ ଦଳ ଚୟନ କରିବାକୁ ପଡ଼ିବ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଦଳ ଗଠନ କରାଯିବ। କିନ୍ତୁ ସ୍ପୋର୍ଟ୍ସ ହାର୍ଣ୍ଣିଆ ଅସ୍ତ୍ରୋପଚାର ପରେ ସୂର୍ଯ୍ୟକୁମାର ଏଯାଏ ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିନାହାନ୍ତି। ଏଣୁ ତାଙ୍କୁ ଏସିଆ କପ୍‌ରେ ସିଧାସଳଖ ସୁଯୋଗ ଦେବାକୁ ଅନେକ ବିରୋଧ କରୁଛନ୍ତି। କିନ୍ତୁ ସେ ଯଦି ଫିଟ୍ ରୁହନ୍ତି ତେବେ ତାଙ୍କୁ ଅଧିନାୟକ ପଦରୁ କେହି ହଟାଇ ପାରିବେ ନାହିଁ। ତାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ଗସ୍ତରେ ଶୁବମନ ଗିଲ୍ ଓ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଅକ୍ଷର ପଟେଲ ଉପଅଧିନାୟକ ରହିଥିଲେ। ଗିଲଙ୍କୁ ଯଦି ନେତୃତ୍ୱ ପ୍ରଦାନ କରାଯାଏ ତେବେ ଏଥିରେ ବିଶେଷ କିଛି ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସେ ତାଙ୍କ ନେତୃତ୍ୱ ନେବାର ଦକ୍ଷତା ପ୍ରଦର୍ଶନ କରିସାରିଛନ୍ତି। ଓପନର ଭାବେ ବିଶ୍ୱର ନଂ-୧ ବ୍ୟାଟର ଅଭିଷେକ ଶର୍ମା ଓ ୱିକେଟରକ୍ଷକ ସଞ୍ଜୁ ସାମସନଙ୍କ ଯୋଡିକୁ ଅଲଗା କରିବାକୁ ଚୟନକର୍ତ୍ତା ଆଦୌ ଚାହିଁବେ ନାହିଁ। ଏପରି ସମୟରେ ଯଶସ୍ୱୀ ଜୟସ୍ୱାଲ, ୱିକେଟରକ୍ଷକ ବ୍ୟାଟର ଲୋକେଶ ରାହୁଲଙ୍କ କଥା ଚାପ ସୃଷ୍ଟି କରିଛି। ଏତେ ସଂଖ୍ୟକ ଖେଳାଳିଙ୍କୁ ଦଳରେ ସ୍ଥାନ ଦେବା ସମ୍ଭବ ନୁହେଁ। ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ ଅଲରାଉଣ୍ଡର ଭୂମିକାରେ ରହିପାରନ୍ତି। ଏସିଆ କପ୍ ଟି-୨୦ ଫର୍ମାଟରେ ଆୟୋଜିତ ହେଉଥିବାରୁ ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ଦଳରେ ନିଆଯାଇପାରେ। ଅର୍ଶଦୀପ ସିଂ ଦ୍ୱିତୀୟ ପସନ୍ଦର ହେବେ। ପ୍ରସିଦ୍ଧ କ୍ରିଷ୍ଣା କିମ୍ବା ହର୍ଷିତ ରାଣାଙ୍କ ମଧ୍ୟରୁ ଜଣେ ତୃତୀୟ ପେସ ବୋଲର ରହିବେ। ଦୁବାଇ ଓ ଶାରଜାରେ ପିଚ୍ ସ୍ପିନରଙ୍କୁ ସହାୟତା କରୁଥିବାରୁ ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ ୩ଜଣ ସ୍ଥାନ ପାଇବା ନିଶ୍ଚିତ। ଅନ୍ୟ ଏକ ସୂଚନା ଅନୁଯାୟୀ ଅଗଷ୍ଟ ୧୯ କିମ୍ବା ୨୦ରେ ଏସିଆ କପ୍ ଲାଗି ଭାରତୀୟ ଦଳ ଚୟନ କରାଯିବ। ଏହା ପୂର୍ବରୁ ଭାରତର ଚୟନ କମିଟି ସବୁ ଦିଗକୁ ବିଚାରକୁ ନେଇ ଦଳ ଚୟନ କରିବେ ବୋଲି ଆଶା କରାଯାଉଛି।



## ୮ ବର୍ଷର ଡେଟିଂ ଓ ୨ ସନ୍ତାନ ପରେ ରୋନାଲ୍ଡୋଙ୍କ ନିର୍ବନ୍ଧ

ଲିସବନ୍, ୧୨।୮ (ଏଜେନ୍ସି): ବିଶ୍ୱର ମହାନ ଫୁଟ୍‌ବଲ ଖେଳାଳି ତଥା ପର୍ତ୍ତୁଗାଲ ଅଧିନାୟକ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ନିର୍ବନ୍ଧ ଅନୁଷ୍ଠିତ ହୋଇଯାଇଛି। ୮ ବର୍ଷର ଲମ୍ବା ଡେଟିଂ ପରେ ୪୦ ବର୍ଷୀୟ ରୋନାଲ୍ଡୋ ବାନ୍ଧବୀ ଜର୍ଜିନା ରୋଡ୍ରିଗ୍ୱେଜଙ୍କୁ ନିର୍ବନ୍ଧ ମୁଦି ପିନ୍ଧାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଜର୍ଜିନା ନିର୍ବନ୍ଧ ମୁଦି ପିନ୍ଧିଥିବାର ଏକ ଫଟୋ ପୋଷ୍ଟ କରି ଏହି ଖୁସି ଖବରକୁ ରୋନାଲ୍ଡୋଙ୍କ ଅଗଣିତ ପ୍ରଶଂସକଙ୍କୁ ଜଣାଇଛନ୍ତି। ୯ ବର୍ଷ ତଳେ ଲା ଲିଗା ଟୁର୍ଣ୍ଣାମେଣ୍ଟ ଖେଳୁଥିବାବେଳେ ରୋନାଲ୍ଡୋ ଓ ୩୧ ବର୍ଷୀୟା ଜର୍ଜିନାଙ୍କ ମଧ୍ୟରେ ପ୍ରଥମେ ସାକ୍ଷାତ୍ ହୋଇଥିଲା। ଏହାପରଠାରୁ ଉଭୟଙ୍କ ମଧ୍ୟରେ ଡେଟିଂ ଚାଲିଥିଲା ଓ ଏକାଠି ରହୁଥିଲେ। ରୋନାଲ୍ଡୋଙ୍କର ୫ଟି ସନ୍ତାନ ରହିଛନ୍ତି। ଜର୍ଜିନାଙ୍କ ଔରସରୁ ୨ଟି ଓ ସରୋଗେସି ମାଧ୍ୟମରେ ଆଉ ୨ଟି ସନ୍ତାନର ଜନକ ହୋଇଥିଲେ ରୋନାଲ୍ଡୋ। ଏହାବାଦ୍ ପୂର୍ବତନ ବାନ୍ଧବୀଙ୍କ ଔରସରୁ ଏକ ୧୫ ବର୍ଷୀୟ ପୁତ୍ର ସନ୍ତାନ ମଧ୍ୟ ରହିଛି। ସେ ବର୍ତ୍ତମାନ ପର୍ତ୍ତୁଗାଲ ୧୫ ବର୍ଷରୁ କମ୍ ଦଳରୁ ପ୍ରତିନିଧିତ୍ୱ କରୁଛନ୍ତି।



## ସେପ୍ଟେମ୍ବର ପର୍ଯ୍ୟନ୍ତ ସଭାପତି ରହିବେ ବିନ୍ନୀ

ମୁମ୍ବଇ, ୧୨।୮ (ଏଜେନ୍ସି): ଆସନ୍ତା ସେପ୍ଟେମ୍ବରରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଅନୁଷ୍ଠିତ ହେବ। ଏହି ସମୟ ପର୍ଯ୍ୟନ୍ତ ରୋଜର ବିନ୍ନୀ ବିସିସିଆଇର ସଭାପତି ପଦ ବଜାୟ ରଖିବେ। ଗତ ମାସରେ ବିନ୍ନୀ ୭୧ ବର୍ଷରେ ପାଦ ଥାପିଥିଲେ। କିନ୍ତୁ ମଙ୍ଗଳବାର ସଂସଦରେ ବହୁପ୍ରତୀକ୍ଷିତ ନ୍ୟାସନାଲ ସ୍ପୋର୍ଟ୍ସ ବିଲ୍ ପାରିତ ହେବା ପରେ ବିନ୍ନୀ ସଭାପତି ପଦ ବଜାୟ ରଖିବା ସ୍ପଷ୍ଟ ହୋଇଛି। ନୂଆ କ୍ରୀଡ଼ା ବିଲ୍‌ରେ ଦେଶର ଜାତୀୟ କ୍ରୀଡ଼ା ମହାସଂଘର କର୍ମକର୍ତ୍ତାଙ୍କ ଲାଗି ସର୍ବାଧିକ ବୟସ ସୀମା କଟ୍-ଅଫ୍ ୭୫ ବର୍ଷ ରହିଛି। ତେଣୁ ଯଦି ବିସିସିଆଇର ବିଭିନ୍ନ ରାଜ୍ୟ ସଂଘର ସଦସ୍ୟମାନେ ରାଜି ହୁଅନ୍ତି ତେବେ ବିନ୍ନୀ ୭୫ ବର୍ଷ ବୟସ ପର୍ଯ୍ୟନ୍ତ ମଧ୍ୟ ବିସିସିଆଇର ସଭାପତି ପଦରେ ରହିପାରିବେ। ବିସିସିଆଇର ଜନୈକ ଅଧିକାରୀ ଏକ ଖବର ସରବରାହ ସଂସ୍ଥାକୁ ଏହି ସୂଚନା ଦେଇଛନ୍ତି।



### ● ଦୁଇ ବକ୍ସରଙ୍କ ମୃତ୍ୟୁ ପରେ ଚିନ୍ତା

## ଲଢ଼େଇ ଲାଗି ହେବ କଡ଼ା ନିୟମ

ଟୋକିଓ, ୧୨।୮ (ଏଜେନ୍ସି): ଘରୋଇ ଟୁର୍ଣ୍ଣାମେଣ୍ଟରେ ଲଢ଼େଇ କରି ଆହତ ହେବା ଓ ଚିକିତ୍ସା ଲାଗି ମସ୍ତିଷ୍କ ଅସ୍ତ୍ରୋପଚାର ପରେ ଦୁଇ ଜଣ ବକ୍ସରଙ୍କ ମୃତ୍ୟୁ ପରେ ଜାପାନୀ ବକ୍ସିଂ କର୍ମକର୍ତ୍ତାଙ୍କ ଚିନ୍ତା ବଢ଼ିଯାଇଛି। ଏହା ଫଳରେ ଜାପାନ ବକ୍ସିଂ ଆସୋସିଏସନ, ଜାପାନ ବକ୍ସିଂ କମିଶନ ଓ ଜିମ୍ ମାଲିକଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏବେ ଲଢ଼େଇ ପୂର୍ବରୁ ବକ୍ସରଙ୍କ ଲାଗି କଡ଼ା ନିୟମ ଲାଗୁ କରିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତାବିତ ନିୟମ ମଧ୍ୟରେ ରହିଛି ଲଢ଼େଇ ପୂର୍ବରୁ ୟୁରିନ୍ ଟେଷ୍ଟ, ଓଜନ କମାଇଥିବା ପ୍ରତିଯୋଗୀଙ୍କୁ ସୁଯୋଗ ନ ଦେବା, ମେଡିକାଲ ଟେଷ୍ଟକୁ ବାଧ୍ୟତାମୂଳକ କରିବାକୁ ଏହି ବୈଠକରେ ସ୍ଥିର ହୋଇଛି। ଓଜନ କମାଇବା ଫଳରେ ଏହି ଅସୁବିଧା ଆରମ୍ଭ ହୋଇଛି। ଏଣୁ ଡିହାଇଡ୍ରେସନକୁ କିପରି ଏଡାଇଦିଆଯାଇ ପାରିବ ତାହା ଉପରେ ବୈଠକରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା। ନିକଟରେ ଘରୋଇ ବକ୍ସିଂ ଟୁର୍ଣ୍ଣାମେଣ୍ଟରେ ଭାଗନେବା ପୂର୍ବରୁ ପ୍ରତିଯୋଗୀଙ୍କର ମେଡିକାଲ ଟେଷ୍ଟ କରିବା ବାଧ୍ୟତାମୂଳକ କରାଯାଇଛି। ଡିହାଇଡ୍ରେସନ ହୋଇଥିଲେ ସମ୍ପୃକ୍ତ ପ୍ରତିଯୋଗୀଙ୍କୁ ଲଢ଼େଇରୁ ବାସନ୍ଦ କରାଯିବ ବୋଲି ଏହି ବୈଠକରେ ସ୍ଥିର ହୋଇଛି। ସୂଚନାଯୋଗ୍ୟ ନିକଟରେ ଭିନ୍ନ ଭିନ୍ନ ଲଢ଼େଇରେ ଜାପାନର ଦୁଇ ଜଣ ବକ୍ସରଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଫଳରେ ସେମାନଙ୍କ ମସ୍ତିଷ୍କରେ ଅସ୍ତ୍ରୋପଚାର କରାଯାଇଥିଲା। ଏହା ପରେ ଉଭୟ ମୃତ୍ୟୁବରଣ କରିଥିଲେ।

## ଧୋନିଙ୍କ ୧୦୦ କୋଟିର ମାନହାନି ମାମଲା

### ଶୁଣାଣି ଆରମ୍ଭ କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ

ଚେନ୍ନଇ, ୧୨।୮ (ଏଜେନ୍ସି): ଦୀର୍ଘ ବର୍ଷର ବ୍ୟବଧାନ ପରେ ମହେନ୍ଦ୍ର ସିଂ ଧୋନିଙ୍କ ଦ୍ୱାରା ଦାୟର ୧୦୦ କୋଟି ଟଙ୍କାର ମାନହାନି ମାମଲାର ଶୁଣାଣି ପାଇଁ ପଥ ଖୋଲିଯାଇଛି। ବହୁ ଚର୍ଚ୍ଚିତ ୨୦୧୩ ଆଇପିଏଲ୍ ବେଟିଂ ଦୁର୍ନୀତିରେ ତାଙ୍କ ନାମକୁ ଅଯଥାରେ ଟାଣିଥିବାରୁ ଧୋନି ୨ଟି ବଡ଼ ଗଣମାଧ୍ୟମ ଚ୍ୟାନେଲ, ସାମ୍ବାଦିକ ସୁଧୀର ଚୌଧୁରୀ ଓ ଅବସରପ୍ରାପ୍ତ ଆଇପିଏସ୍ ଜି. ସମ୍ପଥ କୁମାରଙ୍କ ନାମରେ ଏହି ମାମଲା ଦାୟର କରିଥିଲେ। ୧୧ ବର୍ଷ ପୂର୍ବେ ଦାୟର ମାନହାନି ମାମଲାର ଶୁଣାଣି କରିବାକୁ ମାଡ୍ରାସ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସିଭି କାର୍ତ୍ତିକେୟନ ଏହି ମାମଲାରେ ଜଣେ ଆଡଭୋକେଟ ଜେନେରାଲଙ୍କୁ ମଧ୍ୟ ନିଯୁକ୍ତ କରିଛନ୍ତି। ଏହି ମାମଲାରେ ଧୋନିଙ୍କୁ କୋର୍ଟରେ ହାଜର ହେବାକୁ ପଡ଼ିବ ନାହିଁ। ସେ କୋର୍ଟକୁ ଆସିଲେ ଭିଡ଼ ହୋଇପାରେ। ଏହି କାରଣରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ତାଙ୍କର ବୟାନ ରେକର୍ଡ କରାଯିବ। ଏଠାରେ ସ୍ମରଣଯୋଗ୍ୟ, ୨୦୧୩ରେ ଆଇପିଏଲ୍‌ରେ ବହୁଚର୍ଚ୍ଚିତ ସ୍ପଟ୍ ଫିକ୍ସିଂ ଓ ବେଟିଂ ମାମଲା ସାମ୍ନାକୁ ଆସିଥିଲା। ଦ୍ରୁତ ବୋଲର ଏସ୍ ଶ୍ରୀସନ୍ଥଙ୍କ ସମେତ ୩ଜଣ କ୍ରିକେଟର୍ ଦୋଷୀ ସାବ୍ୟସ୍ତ ହୋଇ ବାସନ୍ଦ ହୋଇଥିଲେ। ସେହିଭଳି ଦୁଇ ଫ୍ରାଞ୍ଚାଇଜ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଓ ରାଜସ୍ଥାନ ରୟାଲ୍ସ ଦୁଇ ବର୍ଷ ଲାଗି ଆଇପିଏଲ୍‌ରୁ ବାସନ୍ଦ ହୋଇଥିଲେ। ତେବେ ଧୋନି ଅଭିଯୋଗ କରିଥିଲେ, ଆଇପିଏଲ୍ ବେଟିଂ ଦୁର୍ନୀତି ଉପରେ ଏକ ଟିଭି ବିତର୍କ ସମୟରେ ତାଙ୍କ ବିରୁଦ୍ଧରେ ଅପମାନଜନକ ମନ୍ତବ୍ୟ ଦିଆଯାଇଥିଲା। ଯେଉଁଥି ପାଇଁ ତାଙ୍କ ଭାବମୂର୍ତ୍ତୀକୁ କ୍ଷତି ପହଞ୍ଚିଥିଲା।




## ସୋଫିଆ, ଶୁବମନ୍ ଜୁଲାଇର ଶ୍ରେଷ୍ଠ କ୍ରିକେଟର୍

ଦୁବାଇ, ୧୨।୮ (ଏଜେନ୍ସି): ଭାରତୀୟ ଟେଷ୍ଟ ଦଳର ଯୁବ ଅଧିନାୟକ ଶୁବମନ ଗିଲ୍ ଓ ଇଂଲଣ୍ଡର ସୋଫିଆ ଡଙ୍କଲୀ ଜୁଲାଇ ମାସ ଲାଗି ଯଥାକ୍ରମେ ଆଇସିସିର ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରିକେଟର୍ ପୁରସ୍କାର ଜିତିଛନ୍ତି। ନିକଟରେ ୨୫ ବର୍ଷୀୟ ଗିଲ୍ ପ୍ରଥମଥର ଲାଗି ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ନେଇ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ସିରିଜକୁ ୨-୨ରେ ଡ୍ର ରଖିଥିଲେ। ଇଂଲଣ୍ଡ ମାଟିରେ ଖେଳାଯାଇଥିବା ଏହି ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ମଧ୍ୟ ସେ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ୭୫.୪୦ ହାରରେ ୭୫୪ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୪ଟି ଶତକ ଓ ଗୋଟିଏ ଦ୍ୱିଶତକୀୟ ପାଳି ସାମିଲ ରହିଛି। ଗିଲ୍ ତାଙ୍କ କ୍ୟାରିୟରରେ ୪ର୍ଥ ଥର ଲାଗି 'ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ' ପୁରସ୍କାର ଜିତି ମଧ୍ୟ ରେକର୍ଡ କରିଛନ୍ତି। ବିଶ୍ୱରେ ପ୍ରଥମ ପୁରୁଷ କ୍ରିକେଟର୍ ଭାବେ ସେ ସର୍ବାଧିକ ୪ ଥର ଆଇସିସିର ଏହି ପୁରସ୍କାର ଜିତିଛନ୍ତି। ମହିଳାରେ କିନ୍ତୁ ଅଷ୍ଟ୍ରେଲିଆର ଆସଲେ ଗାର୍ଡନର ଓ ୱେଷ୍ଟଇଣ୍ଡିଜ ଅଧିନାୟିକା ହେଲୀ ମାଥ୍ୟୁସ ୪ ଥର ଲେଖାଏ ଆଇସିସିର ଏହି ପୁରସ୍କାର ପାଇଛନ୍ତି। ଅପରପକ୍ଷରେ ୨୭ ବର୍ଷୀୟା ଡଙ୍କଲୀ ଭାରତ ବିପକ୍ଷ ଟି-୨୦ ସିରିଜରେ ୩୬ ହାରରେ ୧୪୪ ରନ ଓ ଦିନିକିଆରେ ୬୩ ହାରରେ ୨ଟି ମ୍ୟାଚରୁ ୧୨୬ ରନ କରିଥିଲେ। ଯେଉଁଥି ପାଇଁ ସେ ଜୁଲାଇର ଶ୍ରେଷ୍ଠ ମହିଳା କ୍ରିକେଟର୍ ବିବେଚିତ ହୋଇଛନ୍ତି।





## ଇଣ୍ଡିପେଣ୍ଡେନ୍ସ କପ୍ କରାଟେରେ ଓଡ଼ିଶାକୁ ୨୦ ପଦକ

ଭୁବନେଶ୍ୱର, ୧୨।୮ (ସମିସ): ନୂଆଦିଲ୍ଲୀର ତାଲକୋଟ ଇଣ୍ଡୋର ଷ୍ଟାଡିୟମରେ ଅଲ୍ ଇଣ୍ଡିଆ ଇଣ୍ଡିପେଣ୍ଡେନ୍ସ କପ୍ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ୨୬ଜଣ ପ୍ରତିଯୋଗୀ ଭାଗନେଇ ମୋଟ୍ ୨୦ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଯେଉଁଥିରେ ୮ଟି ସ୍ୱର୍ଣ୍ଣ ପଦକ ରହିଥିବାବେଳେ ୨ ରୌପ୍ୟ ଓ ୧୦ କାଂସ୍ୟ ପଦକ ରହିଛି। ରାଜେଶ ମହାପାତ୍ର, ଲୋମା ସ୍ୱାଇଁ, ଅର୍ନାଦିତ୍ୟ ସ୍ୱାଇଁ, ଓର୍ଜା ସାମନ୍ତ, ଡି ଧନୁଷ, ରେୟାଂଶ ଚୌଧୁରୀ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ନିଶାନ ସିଂ ଦୁଇଟି ବର୍ଗରେ ୨ଟି ସ୍ୱର୍ଣ୍ଣ ପଦକ ଜିତି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଅପରପକ୍ଷରେ ଆର୍ଯ୍ୟବତ ବିଶ୍ୱାଳ ଓ ତ୍ରିଲୋଚନ ରଣା ରୌପ୍ୟ ପଦକ ଏବଂ ଭାରତୀ ବିଶ୍ୱପ୍ରଭା ପତି, ଯୋଗେଶ ବେରିହା, ଆଦିତ୍ୟ ବାରିକ, ବାସୁଦେବ ପଣ୍ଡା, ବିନ୍ଦୁ ଜାନା, ଆର୍ଯ୍ୟା ବଂଶିକା, ଅର୍ନାଦିତ୍ୟା ସ୍ୱାଇଁ, ଓର୍ଜା ସାମନ୍ତ, ରେୟାଂଶ ଚୌଧୁରୀ ଓ ଡି ଧନୁଷ କାଂସ୍ୟ ସଫଳତା ପାଇଥିଲେ।




### ୧୯୯୭ ଦିନ ପରେ ଅଷ୍ଟ୍ରେଲିଆକୁ ହରାଇଲା ଦକ୍ଷିଣ ଆଫ୍ରିକା

## ୪୧ ବଲ୍‌ରେ ବ୍ରେଭିସ୍‌ଙ୍କ ଶତକ

ଡାରୱିନ୍, ୧୨।୮ (ଏଜେନ୍ସି): ଯୁବ ବ୍ୟାଟର ଡିୱାଲ୍ଡ ବ୍ରେଭିସ୍‌ଙ୍କ ବିସ୍ଫୋରକ ଶତକ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମୁକାବିଲାରେ ଦକ୍ଷିଣ ଆଫ୍ରିକା ୫୩ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ପୂର୍ବରୁ ପ୍ରଥମ ଟି-୨୦କୁ ଅଷ୍ଟ୍ରେଲିଆ ୧୭ ରନ୍‌ରେ ଜିତିଥିଲା। ଶନିବାର ତୃତୀୟ ତଥା ନିର୍ଣ୍ଣାୟକ ମୁକାବିଲା ଅନୁଷ୍ଠିତ ହେବ। ମାତ୍ର ୪୧ ବଲ୍‌ରେ ଶତକ ଓ ୫୬ ବଲ୍‌ରେ ୧୨ ଚୌକା ଓ ୮ ଛକା ସହ ଅପରାଜିତ ୧୨୫ ରନ୍ କରିଥିବା ବ୍ରେଭିସ୍ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଦ୍ୱିତୀୟ ଟି-୨୦ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୭ ୱିକେଟରେ ୨୧୮ ରନ୍ କରିଥିଲା। ଦଳ ପକ୍ଷରୁ ବ୍ରେଭିସ୍‌ଙ୍କ ଶତକ ବ୍ୟତୀତ ଟ୍ରିଷ୍ଟାନ ଷ୍ଟବ୍ସ ଦ୍ୱିତୀୟ ସର୍ବାଧିକ ୩୧ ରନ୍ କରିଥିଲେ। ଘରୋଇ ଦଳର ଗ୍ଲେନ୍ ମ୍ୟାକ୍ସୱେଲ ଓ ବେନ୍ ଡ୍ୱାରଶୁଇସ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୭.୪ ଓଭରରେ ୧୬୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଟିମ୍ ଡେଭିଡ୍ ସର୍ବାଧିକ ୫୦, ଆଲେକ୍ସ କ୍ୟାରୀ ୨୬ ଓ ଅଧିନାୟକ ମିଚେଲ ମାର୍ଶ ୨୨ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ୧୯ ବର୍ଷୀୟ ଫାଷ୍ଟ ବୋଲର କ୍ୱେନା ମାପାକା ଓ ଅଲରାଉଣ୍ଡର କର୍ବିନ ବୋଶ ୩ଟି ଲେଖାଏଁ ୱିକେଟ ନେଇ ଦଳକୁ ସହଜ ବିଜୟ ଭେଟିଦେଇଥିଲେ। ଏଥିସହ ଦକ୍ଷିଣ ଆଫ୍ରିକା ୧୯୯୭ ଦିନ ପରେ ଏକ ଟି-୨୦ ମ୍ୟାଚରେ ଅଷ୍ଟ୍ରେଲିଆକୁ ମାତ୍ ଦେଇଛି। ଶେଷଥର ଲାଗି ୨୩ ଫେବୃଆରୀ ୨୦୨୦ରେ ଅଷ୍ଟ୍ରେଲିଆକୁ ହରାଇଥିଲା ଦକ୍ଷିଣ ଆଫ୍ରିକା। ଏହି ୫ ବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ୬ଟି ଟି-୨୦ ଖେଳାଯାଇଥିବାବେଳେ ସମସ୍ତଥର ଅଷ୍ଟ୍ରେଲିଆ ବାଜିମାତ୍ କରିନେଇଥିଲା।


ଡିୱାଲ୍ଡ ବ୍ରେଭିସ୍
ରନ୍- ୧୨୫
ବଲ୍- ୫୬
ଚୌକା- ୧୨
ଛକା- ୮

## ଘରୋଇ ସିଜନ ପୂର୍ବରୁ ଖେଳାଳିଙ୍କ ଫିଟ୍‌ନେସ୍ ଟେଷ୍ଟ

ବେଙ୍ଗାଲୁରୁ,୧୨।୮ (ଏଜେନ୍ସି): ଘରୋଇ କ୍ରିକେଟ୍ ପୂର୍ବରୁ ଭାରତୀୟ ଖେଳାଳିଙ୍କୁ ଫିଟ୍ ରଖିବା ଲାଗି ବିସିସିଆଇ ପକ୍ଷରୁ ସମସ୍ତ ପ୍ରକାର ଚେଷ୍ଟା ଅବ୍ୟାହତ ରହିଛି। ଯେଉଁ ଖେଳାଳିମାନେ ଆହତ ହୋଇଛନ୍ତି କିମ୍ବା ଆହତ ପରେ ଫିଟ୍‌ନେସ ଲାଗି ସଂଘର୍ଷ କରୁଛନ୍ତି ସେମାନଙ୍କୁ ବେଙ୍ଗାଲୁରୁର ସେଣ୍ଟର ଫର ଏକ୍ସିଲେନ୍ସିରେ ଫିଟନେସ୍ ପରୀକ୍ଷା ଦେବାକୁ ଡକାଯାଇଛି। ସେଠାରେ ନିୟମିତ ଫିଟ୍‌ନେସ୍ ଟେଷ୍ଟ କରାଯାଇ ପରବର୍ତ୍ତୀ ମୁକାବିଲା ଲାଗି ଫିଟ୍ ରଖାଯାଉଥିବା ଜଣାଯାଉଛି। ନିକଟରେ ଭାରତର ୱିକେଟରକ୍ଷକ ବ୍ୟାଟର ଇଶାନ କିସାନ ଓ ଅଲରାଉଣ୍ଡର ରିୟାନ ପରାଗଙ୍କୁ ଫିଟନେସ ପରୀକ୍ଷା ଲାଗି ଏଠାରେ ଥିବା ସେଣ୍ଟର ଫର ଏକ୍ସିଲେନ୍ସକୁ ଡକାଯାଇଛି। ଅଗଷ୍ଟ ୨୮ରୁ ଆରମ୍ଭ ହେବାକୁ ଥିବା ଦୁଲୀପ ଟ୍ରଫିରେ କିସାନ ପୂର୍ବାଞ୍ଚଳର ନେତୃତ୍ୱ ନେବେ। ଏହି ଦଳରେ ଅନ୍ୟତମ ସଦସ୍ୟ ଭାବେ ପରାଗ ଖେଳିବେ।

ନିକଟରେ ସ୍କୁଟିରୁ ପଡ଼ିଯାଇ ଆହତ ହୋଇଥିବା କିସାନ ଭାରତ ଲାଗି ୨ ଟେଷ୍ଟ, ୨୭ ଦିନିକିଆ ଓ ୩୨ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ଆହତ ହେବା ଫଳରେ ସେ ଇଂଲଣ୍ଡକୁ ରିଜର୍ଭ ୱିକେଟରକ୍ଷକ ଭାବେ ଯାଇପାରିଲେ ନାହିଁ। ଟେଷ୍ଟ ଦଳର ୱିକେଟରକ୍ଷକ ଋଷଭ ପନ୍ତ୍ ଆହତ ହୋଇ ୫ମ ଟେଷ୍ଟରୁ ବାଦ୍ ପଡ଼ିଥିଲେ। ଫଳରେ ତାଙ୍କ ସ୍ଥାନରେ ତାମିଲନାଡୁର ଏନ୍ ଜଗଦୀଶନଙ୍କୁ ସାମିଲ କରାଯାଇଥିଲା। ସ୍କୁଟିରୁ ପଡ଼ି ଆହତ ହେବା ପରେ କିସାନଙ୍କର ଫିଟ୍‌ନେସ ପରୀକ୍ଷା କରାଯାଇ ନଥିଲା। ଆଇପିଏଲ୍ ଖେଳିଲାବେଳେ ମଧ୍ୟ ପରାଗ ପୂରା ଫିଟ୍ ଥିଲାପରି ଖେଳି ନ ଥିଲେ। ଏଣୁ ସେମାନେ କେତେ ଫିଟ୍ ଅଛନ୍ତି, ତାହା ଜାଣିବା ସକାଶେ ଏହି ପରୀକ୍ଷା କରାଯାଉଛି। ଏହା ପୂର୍ବରୁ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଟି-୨୦ ଓପନର ଅଭିଷେକ ଶର୍ମା ଏବେ ସେଣ୍ଟର ଅଫ ଏକ୍ସିଲେନ୍ସିରେ ଅଛନ୍ତି। ପୂର୍ବରୁ ଶ୍ରେୟସ ଆୟର ମଧ୍ୟ ଫିଟ୍‌ନେସ ପରୀକ୍ଷା ଦେବାକୁ ଆସିଥିଲେ। ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସ୍ପୋର୍ଟ୍ସ ହାର୍ଣ୍ଣିଆ ଅସ୍ତ୍ରୋପଚାର ପରେ ଫିଟ୍ ହେବାକୁ ଏଠାରେ ଦୀର୍ଘ ସମୟ ରହିଛନ୍ତି। ଏବେ ସେ ବ୍ୟାଟିଂ ଅଭ୍ୟାସ ଆରମ୍ଭ କରିଛନ୍ତି।

ଇଂଲଣ୍ଡରେ ୫ ମ୍ୟାଚ୍ ଟେଷ୍ଟ ସିରିଜ୍ ଶେଷ ପରେ ଭାରତର ଅନ୍ତର୍ଜାତୀୟ କ୍ରିକେଟ ଏସିଆ କପ୍‌ରୁ ଆରମ୍ଭ ହେବ। ଏଥର ଟି-୨୦ ଫର୍ମାଟରେ ଏସିଆ କପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇ ୨୮ରେ ଶେଷ ହେବ। ୨୦୨୫-୨୬ରେ ଭାରତର ଅନେକ ସୀମିତ ଓଭର କ୍ରିକେଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏସିଆ କପ ପରେ ଅକ୍ଟୋବରରେ ୩ ଦିନିକିଆ ଓ ୫ ଟି-୨୦ ମ୍ୟାଚ୍ ଖେଳିବାକୁ ଭାରତୀୟ ଦଳ ଅଷ୍ଟ୍ରେଲିଆ ଯିବ। ଏହା ପରେ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ସହ ମଧ୍ୟ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ ଖେଳିବ। ଏହି ସିରିଜ୍ ଡିସେମ୍ବରରେ ଖେଳାଯିବ। ଏହା ପରେ ୨୦୨୬ ଜାନୁଆରୀରେ ନ୍ୟୁଜିଲାଣ୍ଡ ଦଳ ଭାରତ ଗସ୍ତରେ ଆସିବ ଓ ସମାନ ୩ଟି ଲେଖାଏଁ ଦିନିକିଆ ଓ ୫ଟି ଲେଖାଏଁ ଟି-୨୦ ମ୍ୟାଚ୍ ଖେଳିବ। ଏହା ପରେ ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଫେବୃଆରୀ ମାର୍ଚ୍ଚରେ ଅନୁଷ୍ଠିତ ହେବ। ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଫିଟ୍ ହେଉଥିବା ସମସ୍ତ ଖେଳାଳି ଭାରତୀୟ ସୀମିତ ଓଭର ଟିମ୍‌ରେ ଖେଳିବାର ସମ୍ଭାବନା ରହିଛି। ଏଣୁ ସେମାନଙ୍କୁ ବିସିସିଆଇ ଫିଟ୍ ରଖିବାକୁ ଉଦ୍ୟମ ଅବ୍ୟାହତ ରଖିଛି।

### ୨୦୨୫-୨୬ରେ ଭାରତର ସୀମିତ ଓଭର ଖେଳସୂଚୀ

| ପ୍ରତିଦ୍ୱନ୍ଦ୍ୱୀ | ଦିନିକିଆ | ଟି-୨୦ | ଟୁର୍ଣ୍ଣାମେଣ୍ଟ | ଭେନ୍ୟୁ | ମାସ |
|---|---|---|---|---|---|
| ଏକାଧିକ | — | ୩** | ଏସିଆ କପ୍ | ୟୁଏଇ | ସେପ୍ଟେମ୍ବର |
| ଅଷ୍ଟ୍ରେଲିଆ | ୩ | ୫ | ଦ୍ୱିପାକ୍ଷିକ ସିରିଜ୍ | ଅଷ୍ଟ୍ରେଲିଆ | ଅକ୍ଟୋବର-ନଭେମ୍ବର |
| ଦ. ଆଫ୍ରିକା | ୩ | ୫ | ଦ୍ୱିପାକ୍ଷିକ ସିରିଜ୍ | ଭାରତ | ଡିସେମ୍ବର |
| ନ୍ୟୁଜିଲାଣ୍ଡ | ୩ | ୫ | ଦ୍ୱିପାକ୍ଷିକ ସିରିଜ୍ | ଭାରତ | ଜାନୁଆରୀ-୨୬ |
| ଏକାଧିକ | — | ୪*** | ଟି-୨୦ ବିଶ୍ୱକପ୍ | ଭାରତ-ଶ୍ରୀଲଙ୍କା | ଫେବୃଆରୀ-ମାର୍ଚ୍ଚ |

ବିଦ୍ର: ** : ଏସିଆ କପ୍‌ରେ ପ୍ରଥମେ ୩ଟି ଲିଗ୍ ମ୍ୟାଚ୍ ଖେଳିବ। ପରବର୍ତ୍ତୀ ରାଉଣ୍ଡକୁ ଉନ୍ନିତ ହେଲେ ଆଉ ୧ଟି କିମ୍ବା ୨ଟି ମ୍ୟାଚ୍ ଖେଳିପାରିବ।
ବିଦ୍ର: ***: ଏସିଆ କପ୍‌ର ୩ଟି ଲିଗ୍ ମ୍ୟାଚ୍ ଖେଳାଯିବ। ଭାରତ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେଲେ ସୁପର-୮ରେ ଆଉ ୩ଟି ଓ ଫାଇନାଲକୁ ଗଲେ ଆଉ ୨ଟି ମ୍ୟାଚ୍ ଖେଳିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS